## ବେବିକର୍ଣ୍ଣ ଚିଲି

**ବେବିକର୍ଣ୍ଣ :** ୨୦୦ଗ୍ରାମ, ମଇଦା: ୨୫ଗ୍ରାମ, ଆରାରୁଟ ପାଉଡ଼ର: ୨୫ଗ୍ରାମ, ତେଲ: ୫୦୦ ମିଲି, ଲଙ୍କା: ୨ଟି , ପିଆଜ: ୨ଟି , ଲୁଣ: ସ୍ୱାଦ ଅନୁସାରେ, ତେଲ: ଆବଶ୍ୟକତା ଅନୁସାରେ, ସିମଲା ଲଙ୍କା: ୧୦୦ଗ୍ରାମ, ଚିଲି ସସ୍: ୩ ଛୋଟୋ ଚାମଚ, ଅଦାରସୁଣ ପେଷ୍ଟ: ୧ ଚାମଚ, ରାଶି: ଅଳ୍ପ

**ପ୍ରସ୍ତୁତ ପ୍ରଣାଳୀ:** ବେବିକର୍ଣ୍ଣକୁ ଛୋଟ ଛୋଟ କରି କାଟି ଦିଅନ୍ତୁ । ସେଥିରେ ମଇଦା ଓ ଲୁଣ ପକାଇ ଗୋଳାନ୍ତୁ । ଏହା ପରେ ପିଆଜ ଓ ସିମଲା ଲଙ୍କା, ଲଙ୍କା ଛୋଟ ଛୋଟ କାଟି ଏକ ପାତ୍ରରେ ରଖନ୍ତୁ । ଗ୍ୟାସ ଅନ୍ କରି ଏକ କଢେଇରେ ତେଲ ଗରମ କରି ସେଥିରେ ଗୋଳା ହୋଇଥିବା ବେବିକର୍ଣ୍ଣକୁ ଛାଣି ଦିଅନ୍ତୁ । ଗୋଲ୍ଡେନ ବ୍ରାଉନ ହେବା ଯାଏଁ ଛାଣନ୍ତୁ । ଏହାପରେ ପୁଣି କଢେଇ ବସାଇ ସେଥିରେ ଅଳ୍ପ ତେଲ ଗରମ କରନ୍ତୁ । ସେଥିରେ ଅଦାରସୁଣ ପେଷ୍ଟ ପକାଇ ଭାଜିବା ପରେ ପିଆଜ, ସିମଲା ଲଙ୍କା ଓ ଲଙ୍କାକୁ ପକାଇ ଅଳ୍ପ ଭାଜନ୍ତୁ । ଏହାପରେ ସେଥିରେ ଏକ କପ ପାଣି ପକାନ୍ତୁ । ସେଥିରେ ସବୁ ସସ ପକାଇ ଫୁଟିବା ପରେ ଲୁଣ ପକାନ୍ତୁ । ସେଥିରେ ବେବିକର୍ଣ୍ଣ ପକାନ୍ତୁ । ବେବିକର୍ଣ୍ଣରେ ସବୁ ସସ୍ ଲାଗିବା ପରେ ପାଣି ଶୁଖେଇ ଦିଅନ୍ତୁ । ସେଥିରେ ରାଶି ପକାଇ ଗୋଳାଇ ଦିଅନ୍ତୁ । ଏହାପରେ ଗ୍ୟାସ ବନ୍ଦ କରି ଏକ ପାତ୍ରକୁ ବାହାର କରିନିଅନ୍ତୁ ଚଟପଟା ବେବିକର୍ଣ୍ଣ ଚିଲି ।



### ଖବର

## ସାମ୍ନାକୁ ଆସିଲା 'କଙ୍ଗୁଭା'ର ଜବରଦସ୍ତ ଟ୍ରେଲର




'ଆନିମଲ୍' ଚଳଚ୍ଚିତ୍ରରେ ନିଜ ଅଭିନୟର ଯାଦୁ ଦେଖାଇ ପ୍ରଶଂସକଙ୍କ ମନକୁ କିଣିଥିବା ଅଭିନେତା ବବି ଦେଓଲଙ୍କ ଆଗାମୀ ଚଳଚ୍ଚିତ୍ରକୁ ପ୍ରଶଂସକ ବେଶ ଉତ୍କଣ୍ଠାର ସହ ଅପେକ୍ଷା କରିଛନ୍ତି । ସେ ସାଉଥ୍ ସୁପରଷ୍ଟାର ସୂର୍ଯ୍ୟାଙ୍କ ସହ ଆଗାମୀ ଚଳଚ୍ଚିତ୍ର 'କଙ୍ଗୁଭା'ରେ ନିଜ ଭୂମିକା ଉନ୍ମୋଚନ କରିଛନ୍ତି । ତାଙ୍କର ଭୂମିକା କ'ଣ ହେବାକୁ ଯାଉଛି ଜାଣିବାକୁ ପ୍ରଶଂସକମାନେ ବେଶ ଆଗ୍ରହୀ ରହିଛନ୍ତି । ନିକଟରେ ଟ୍ରେଲରର ରିଲିଜ୍ ତାରିଖ ସାମ୍ନାକୁ ଆସିଥିଲା ଯାହା ୧୨ ଅଗଷ୍ଟ ଥିଲା । ଏହା ପରେ ସୋସିଆଲ ମିଡିଆରେ ପ୍ରଶଂସକଙ୍କ ଉତ୍ସାହ ଫିଲ୍ମ ପାଇଁ ବଢି ଯାଇଥିଲା । ଆଜି ୧୨ ଅଗଷ୍ଟରେ ନିର୍ମାତା ବହୁ ପ୍ରତୀକ୍ଷିତ ଚଳଚ୍ଚିତ୍ର 'କଙ୍ଗୁଭା'ର ଚମତ୍କାର ଟ୍ରେଲର ରିଲିଜ୍ କରିଛନ୍ତି । ଯାହା ୟୁଟ୍ୟୁବରେ ଆସିବା ମାତ୍ରେ ଟ୍ରେଣ୍ଡ କରୁଥିବା ଦେଖାଯାଉଛି ।'କଙ୍ଗୁଭା' ହେଉଛି ଚଳିତ ବର୍ଷର ସବୁଠାରୁ ବଡ ତଥା ମହଙ୍ଗା ଚଳଚ୍ଚିତ୍ର, ଯାହାର ବଜେଟ୍ ୩୫୦ କୋଟିରୁ ଅଧିକ ହେବ ବୋଲି କୁହାଯାଉଛି । ଯାହା 'ପୁଷ୍ପା', ସିଂଘମ୍ ଏବଂ ଅନ୍ୟାନ୍ୟ ଚଳଚ୍ଚିତ୍ରଠାରୁ ବଡ ଅଟେ ।ଏହି ଚଳଚ୍ଚିତ୍ରଟିକୁ ୭ଟି ଦେଶର ବିଭିନ୍ନ ସ୍ଥାନରେ ସୁଟିଂ କରାଯାଇଛି ବୋଲି ଜଣାପଡିଛି । ଏହା ପ୍ରାଚୀନ ଇତିହାସକୁ ଦର୍ଶାଉଥିବା ଏକ ଅନନ୍ୟ ଚଳଚ୍ଚିତ୍ର । ନିର୍ମାତାମାନେ ଆକ୍ସନ ଏବଂ ସିନେମାଟୋଗ୍ରାଫି ପରି ବୈଷୟିକ ବିଭାଗ ପାଇଁ ହଲିଉଡ ଏକ୍ସପର୍ଟ୍ ଙ୍କୁ ନିଯୁକ୍ତି ଦେଇଛନ୍ତି ।ଷ୍ଟୁଡିଓ ଗ୍ରୀନ୍ ଏବଂ ସୂର୍ଯ୍ୟା ଶିବକୁମାରଙ୍କ ବହୁ ପ୍ରତୀକ୍ଷିତ ଚଳଚ୍ଚିତ୍ର କଙ୍ଗୁଭାରେ ସୂର୍ଯ୍ୟାଙ୍କୁ ଜଣେ ଶକ୍ତିଶାଳୀ ଯୋଦ୍ଧା ଏବଂ ବବି ଦେଓଲ ଜଣେ ଭିଲେନ୍ ଭାବରେ ନଜର ଆସିବେୟ ଏହାର ବଜେଟ୍ ୩୫୦ କୋଟିରୁ ଅଧିକ ଅଟେୟ କଙ୍ଗୁଭା ଦୁଇଟି ଭିନ୍ନ ସମୟର କାହାଣୀ ଉପସ୍ଥାପନ କରିବ। ଗୋଟିଏ ପୂର୍ବ- ଐତିହାସିକ ଯୁଗ ଏବଂ ଆଜିର ଦିନ। ନିର୍ମାତାମାନେ ନିଶ୍ଚିତ କରିଛନ୍ତି ଯେ ସେମାନେ ଉଭୟ ସମୟସୀମାକୁ ଦର୍ଶକଙ୍କ ନିକଟରେ ଏକ ଉତ୍ତମ ଉପାୟରେ ଉପସ୍ଥାପନ କରିବେ। ଏହି ଚଳଚ୍ଚିତ୍ରରେ ଭେଟ୍ରି ପାଲାନିସାମିଙ୍କ ସିନେମାଟୋଗ୍ରାଫି ଏବଂ ରକଷ୍ଟାର ଦେବୀ ଶ୍ରୀ ପ୍ରସାଦଙ୍କ ସଙ୍ଗୀତ ରହିଛି।

## ଧୈର୍ଯ୍ୟ ଗୁରୁତ୍ୱପୂର୍ଣ୍ଣ



ଥରେ ମହାତ୍ମା ବୁଦ୍ଧ ଏକ ସଭାରେ କିଛି ନକହି ଚାଲିଗଲେ । ସେହି ସଭାକୁ ଶତାଧିକ ଲୋକ ଆସିଥିଲେ । ଦ୍ୱିତୀୟ ଦିନ କମ୍ ଲୋକ ଆସିଲେ । ତୃତୀୟ ଦିନ ଶ୍ରୋତାଙ୍କ ସଂଖ୍ୟା ଖୁବ୍ କମ୍ ହୋଇଗଲା । ଚତୁର୍ଥ ଦିନରେ କେବଳ ୫୦ ଜଣ ଲୋକ ପହଞ୍ଚିଲେ । ମହାତ୍ମା ବୁଦ୍ଧ ସେଠାକୁ ଆସିଲେ । ସେ ଚାରିଆଡ଼କୁ ଚାହିଁଲେ । ମାତ୍ର କିଛି ନକହି ଫେରିଗଲେ । ଏହିପରି ସମୟ ବିତି ଚାଲିଲା । ତଥାଗତ ଆସୁଥିଲେ ଏବଂ ଚାଲିଯାଉଥିଲେ । ଶେଷରେ ଦିନେ ତଥାଗତ ପହଞ୍ଚିଲା ବେଳକୁ ଜଣେ ମାତ୍ର ଲୋକ ପ୍ରବଚନ ଶୁଣିବା ଲାଗି ବସିଥିଲା । ତଥାଗତ ପଚାରିଲେ, ଏଠାରେ ତୁମେ କାହିଁକି ବସିଛ ? ସେ କହିଲା, ଧୈର୍ଯ୍ୟ ଯୋଗୁ । ତଥାଗତ ସେହି ଅନ୍ତିମ ବ୍ୟକ୍ତିକୁ ଜ୍ଞାନ ପ୍ରଦାନ କଲେ । ଧୈର୍ଯ୍ୟ ଏପରି ଏକ ଭାବ ଯାହାଦ୍ୱାରା ବଡ଼ରୁ ବଡ଼ କାମ ହୋଇପାରିଥାଏ । ବିଷମ ପରିସ୍ଥିତିରେ ମନୁଷ୍ୟ ଅନେକ ସମସ୍ୟା ଭୋଗିଥାଏ । ତେଣୁ କେବେହେଲେ ଧୈର୍ଯ୍ୟ ହରାଇବା ଉଚିତ୍ ନୁହେଁ ।

## ସାମାଜିକ ଜୀବନରେ ସ୍ୱଚ୍ଛତା

ସାଧାରଣତଃ ଆମେ ଚାରିପ୍ରକାରର ଜୀବନ ବଞ୍ଚିଥାଉ । ସାମାଜିକ ଜୀବନ, ପେସାଦାର ଜୀବନ, ପାରିବାରିକ ଜୀବନ ଏବଂ ବ୍ୟକ୍ତିଗତ ଜୀବନ । ସାମାଜିକ ଜୀବନ ପାରଦର୍ଶିତା, ପେସାଦାର ଜୀବନ ପରିଶ୍ରମ, ପାରିବାରିକ ଜୀବନ ପ୍ରେମ ଏବଂ ବ୍ୟକ୍ତିଗତ ଜୀବନ ପବିତ୍ରତା ଉପରେ ଆଧାରିତ । ଜୀବନର ଏହି ୪ଟି ଭାଗ ଶ୍ରୀମଦ୍ ଭାଗବତରେ ପରିଲକ୍ଷିତ ହୋଇଥାଏ । ସାମାଜିକ ଜୀବନରେ ପାରଦର୍ଶିତା ବା ସ୍ୱଚ୍ଛତା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ମହାଭାରତରେ ଯେତେଜଣ ଚରିତ୍ରଙ୍କ ବିଷୟରେ ବର୍ଣ୍ଣନା କରାଯାଇଛି, ସେମାନଙ୍କ ମଧ୍ୟରୁ ଅଧିକାଂଶଙ୍କର ସାମାଜିକ ଜୀବନରୁ ସ୍ୱଚ୍ଛତା ଦୂର ହୋଇଯାଇଥିଲା । ଦୁର୍ଯ୍ୟୋଧନ କାହିଁକି ଦୁର୍ଯ୍ୟୋଧନ(କୁଟୀଳ) ହୋଇଥିଲା, ସେ ସମ୍ପର୍କରେ ଭାଗବତରେ ବର୍ଣ୍ଣନା କରାଯାଇଛି । ଏହାର କାରଣ ହେଉଛି ଜନ୍ମ ନେବା ପରେ ଦୁର୍ଯ୍ୟୋଧନକୁ ତା'ର କୌଣସି ପ୍ରଶ୍ନର ସଠିକ୍ ଉତ୍ତର ମିଳିନଥିଲା । ବଡ଼ ହେବା ପରେ ଦୁର୍ଯ୍ୟୋଧନ ପ୍ରଥମେ ପଚାରିଲା, ମୋ ମା' ଅନ୍ଧ କାହିଁକି ହୋଇଛି ? ରାଜମହଲରେ ତା'କୁ କେହି ଉତ୍ତର ଦେଲେ ନାହିଁ । କାରଣ ସମସ୍ତେ ଜାଣିଥିଲେ ଯେ ଗାନ୍ଧାରୀ ନିଜ ଶ୍ୱଶୁର ଭୀଷ୍ମଙ୍କ କାରଣରୁ ପଟି ବାନ୍ଧିଛନ୍ତି । ଭୀଷ୍ମ ଚାପ ପ୍ରୟୋଗ କରି ଗାନ୍ଧାରୀଙ୍କ ବିବାହ ଧୃତରାଷ୍ଟ୍ରଙ୍କ ସହ କରାଇଥିଲେ । ଭୀଷ୍ମ ଭାବିଥିଲେ ଯେ ଅନ୍ଧ ଧୃତରାଷ୍ଟ୍ରଙ୍କୁ ଯଦି ଜଣେ ଯୋଗ୍ୟ ଯୁବତୀଙ୍କ ସହ ବାହାଘର କରିଦିଆଯାଏ, ତେବେ ହସ୍ତିନାପୁରର ରାଜ ସିଂହାସନ ଭଲରେ ଚାଲିବ । ମାତ୍ର ପତି ଅନ୍ଧ ବୋଲି ଜାଣିବା କ୍ଷଣି ଗାନ୍ଧାରୀ ଆଜୀବନ ସ୍ୱେଚ୍ଛାରେ ଅନ୍ଧତ୍ୱ ସ୍ୱୀକାର କରିନେଇଥିଲେ । କିନ୍ତୁ ଦୁର୍ଯ୍ୟୋଧନ ଭାବିଲା- ମୋ ମା' ପ୍ରତି ଅନ୍ୟାୟ ହୋଇଥିବାରୁ ସେ ଆଖିରେ ପଟି ବାନ୍ଧିବା ଲାଗି କାର୍ଯ୍ୟ କଲେ । ତେଣୁ ସାମାଜିକ ଜୀବନରେ ପାରଦର୍ଶିତା ଜରୁରି । ଭୀଷ୍ମଙ୍କ ଭାବନା ବିଷୟରେ ଅବଗତ ହୋଇଥିଲେ, ଦୁର୍ଯ୍ୟୋଧନ ମନରେ ଏତେମାତ୍ରାରେ ଘୃଣା ଉତ୍ପନ୍ନ ହୋଇନଥାଏ ।



## ପୂଜାପାଠ ଓ ମନ୍ତ୍ର ଜପ କରିବା ସମୟରେ ରେଶମ ଆସନର ପ୍ରୟୋଗ କରିବା ଶୁଭ





ଶାସ୍ତ୍ର ଅନୁଯାୟୀ ପୂଜାପାଠ ଓ ମନ୍ତ୍ର ଜପ କରିବା ସମୟରେ ସର୍ବଦା ଆସନର ପ୍ରୟୋଗ କରିବା ଉଚିତ। ଆସନ ବିନା ଭୂମିରେ ପୂଜାପାଠ କରିବା ଦ୍ୱାରା ଦୁଃଖ ପ୍ରାପ୍ତି ହୋଇଥାଏ। ଧାର୍ମିକ କାର୍ଯ୍ୟ ପୂଜାପାଠ, ଯଜ୍ଞ, ପ୍ରାର୍ଥନା ଆଦି କରିବା ସମୟରେ ଆସନର ପ୍ରୟୋଗ କରାଯାଇଥାଏ। ପୂଜାପାଠ ମନ୍ଦିରରେ ହେଉ ଅଥବା ଗୃହରେ ବସିବା ଅବସ୍ଥାରେ ପୂଜା କରିବା ସମୟରେ ଆମକୁ ଆସନର ବ୍ୟବହାର କରିବାକୁ ପଡ଼େ। ଶାସ୍ତ୍ରରେ ଏପରି କରିବାର କାରଣ ବିଷୟରେ ମଧ୍ୟ ବର୍ଣ୍ଣନା କରାଯାଇଛି। ପ୍ରତିଦିନ ପୂଜା କରିବା ସମୟରେ କିଭଳି ଆସନ ବ୍ୟବହାର କରିବା ଉଚିତ, ତାହା ମଧ୍ୟ ଜାଣିବା ଆବଶ୍ୟକ। ପୂଜାପାଠ ଓ ମନ୍ତ୍ର ଜପ କରିବା ସମୟରେ ସର୍ବଦା ରେଶମ ଓ ତାଳପତ୍ରରେ ପ୍ରସ୍ତୁତ ଆସନର ପ୍ରୟୋଗ କରିବା ଖୁବ ଶୁଭ ବୋଲି ଶାସ୍ତ୍ରରେ ମାନ୍ୟତା ରହିଛି। ଏପରି କରିବା ଦ୍ୱାରା ଭଗବାନଙ୍କ ଆଶୀର୍ବାଦ, ଜୀବନରେ ସୁଖଶାନ୍ତି ପ୍ରାପ୍ତି ହେବା ସହ ବାଧାବିଘ୍ନ ଦୂର ହୋଇଥାଏ। ସେଭଳି ବାଉଁଶରେ ନିର୍ମିତ ଆସନରେ ବସି ପୂଜାପାଠ କିମ୍ବା ମନ୍ତ୍ର ଜପ କରିବା ଉଚିତ ନୁହେଁ। ଏପରି କରିବା ଦ୍ୱାରା ଦରିଦ୍ରତା ଆସିଥାଏ।

ପଥର କିମ୍ବା ଇଟାରେ ବସି ପୂଜାର୍ଚ୍ଚନା ଓ ମନ୍ତ୍ର ଜପ କରିବା ଦ୍ୱାରା ରୋଗ ଲାଗି ରହିଥାଏ। କାଠରେ ନିର୍ମିତ ଆସନ ପ୍ରୟୋଗ କରିବା ଦ୍ୱାରା ଦୁର୍ଭାଗ୍ୟ ପ୍ରାପ୍ତି ହୋଇଥାଏ।

ଘାସର ଆସନରେ ପୂଜାର୍ଚ୍ଚନା କରିବା ଦ୍ୱାରା ଯଶ କିର୍ତି ନଷ୍ଟ ହୋଇଥାଏ।

ପତ୍ରରେ ପ୍ରସ୍ତୁତ ଆସନରେ ପୂଜା ଓ ପ୍ରାର୍ଥନା କରିବା ଦ୍ୱାରା ମନ ବ୍ୟସ୍ତ ରହିଥାଏୟ



## ପେଟ ପାଇଁ ଲାଭଦାୟକ ଏସବୁ ଜିନିଷ



ସୁସ୍ଥ ଏବଂ ଫିଟ୍ ରହିବା ପାଇଁ ପେଟ ଠିକ ଭାବେ କାମ କରିବା ଅତ୍ୟନ୍ତ ଜରୁରୀ ହୋଇଥାଏ। ଲିଭରକୁ ସୁସ୍ଥ ରଖିବା ପାଇଁ ଖାଦ୍ୟପେୟ ପ୍ରତି ବିଶେଷ ଧ୍ୟାନ ରଖିବା ନିହାତି ଜରୁରୀ। ଆଜିର ସମୟରେ ଅସ୍ୱାସ୍ଥ୍ୟକର ଖାଦ୍ୟପେୟ ଅଭ୍ୟାସ ଏବଂ ପରିବର୍ତ୍ତିତ ଜୀବନଶୈଳୀ ଯୋଗୁଁ ପେଟ ସମ୍ବନ୍ଧିତ ସମସ୍ୟାର ଆଶଙ୍କା ଅଧିକ ରହିଥାଏ। ଆଜି ଆମେ ଜାଣିବା ଲିଭରକୁ ସୁସ୍ଥ ଏବଂ ଫିଟ୍ ରଖିବା ପାଇଁ ଡାଏଟରେ କେଉଁ ଜିନିଷ ସାମିଲ କରିବା ଉଚିତ୍। ଏହି ଜିନିଷ ଗୁଡ଼ିକୁ ଡାଏଟରେ ସାମିଲ କରିବା ଦ୍ୱାରା ଆପଣ ରୋଗମୁକ୍ତ ରହିବେ।

୧. ବିଟ୍ : ବିଟ୍ ସେବନ ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଲାଭଦାୟକ ହୋଇଥାଏ। ଲିଭରକୁ ସୁସ୍ଥ ଏବଂ ଫିଟ୍ ରଖିବା ପାଇଁ ଡାଏଟରେ ବିଟକୁ ସାମିଲ କରନ୍ତୁ। ବିଟରେ ଆଣ୍ଟି ଅକ୍ସିଡାଣ୍ଟ, ମିନେରାଲ୍ସ ଏବଂ ଭିଟାମିନ୍ ପ୍ରଚୁର ମାତ୍ରାରେ ଥାଏ। ଏହା ଲିଭରକୁ ସୁସ୍ଥ ରଖିବାରେ ସାହାଯ୍ୟ କରିଥାଏ।

୨. କୋଳି : କୋଳିରେ ଏନ୍ଥୋସାୟନିନ ଥାଏ ଯାହା ଲିଭରକୁ ସୁସ୍ଥ ରଖିବାରେ ସହାୟକ ହୋଇଥାଏ। ପେଟ ସମ୍ବନ୍ଧିତ ସମସ୍ୟା ଥିବା ରୋଗୀଙ୍କ ଡାଏଟରେ କୋଳି ସାମିଲ କରିବା ଉଚିତ୍। କୋଳି ସେବନ କରିବା ଦ୍ୱାରା ଆପଣ ସୁସ୍ଥ ଏବଂ ଫିଟ୍ ରହିବେ।

୩. ଟଭା ଲେମ୍ବୁ: ପେଟ ପାଇଁ ଟଭା ଲେମ୍ବୁ ସେବନ ଅତ୍ୟନ୍ତ ଲାଭଦାୟକ ହୋଇଥାଏ। ଟଭାଲେମ୍ବୁରେ ଆଣ୍ଟି ଅକ୍ସିଡାଣ୍ଟ ରହିଥାଏ ଯାହା ପେଟର କୋଶିକାଗୁଡ଼ିକ ରକ୍ଷା କରିବାରେ ସହାୟକ ହୋଇଥାଏ।

୪. ଚେର-ମୂଳି ଜାତୀୟ ଖାଦ୍ୟ : ଚେର-ମୂଳି ଜାତୀୟ ଖାଦ୍ୟ ସ୍ୱାସ୍ଥ୍ୟ ପାଇଁ ଯଥେଷ୍ଟ ଲାଭଦାୟକ ହୋଇଥାଏ। ପେଟ ସମ୍ବନ୍ଧିତ ସମସ୍ୟା ଥିବା ରୋଗୀଙ୍କ ଡାଏଟରେ ଚେର-ମୂଳି ଜାତୀୟ ଖାଦ୍ୟ ସାମିଲ କରିବା ଉଚିତ୍।

୫. କଫି : ସୀମିତ ମାତ୍ରାରେ କଫି ସେବନ ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଲାଭଦାୟକ ହୋଇଥାଏ। କଫି ସେବନ କରିବା ଦ୍ୱାରା ପେଟ ସମ୍ବନ୍ଧିତ ସମସ୍ୟାରୁ ସୁରକ୍ଷିତ ରହିହେବ।

# ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀଙ୍କ ଗୃହ ନିର୍ମାଣ ବୋର୍ଡର କାର୍ଯ୍ୟ ସମୀକ୍ଷା



**ଭୁବନେଶ୍ୱର,୧୨।୮ (ମହାଭାରତ):** ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡାକ୍ତର କୃଷ୍ଣ ଚନ୍ଦ୍ର ମହାପାତ୍ର ଆଜି ଓଡିଶା ରାଜ୍ୟ ଗୃହ ନିର୍ମାଣ ବୋର୍ଡର ସମୀକ୍ଷା କରିଛନ୍ତି। ଖାରବେଳ ଭବନରେ ଅନୁଷ୍ଠିତ ଏହି ସମୀକ୍ଷା ବୈଠକରେ ଗୃହ ନିର୍ମାଣ ବୋର୍ଡର ବର୍ତ୍ତମାନର ସ୍ଥିତି, ଆଗାମୀ ଯୋଜନା ଆଦି ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା।

ରାଜ୍ୟର ୨୧ଟି ଜିଲ୍ଲାରେ ବୋର୍ଡର ଉପସ୍ଥିତି ଥିବାବେଳେ ରାଉରକେଲା ଓ ଭୁବନେଶ୍ୱର ଆଦି ସ୍ଥାନରେ ବହୁଳ ଭାବେ କାର୍ଯ୍ୟ ଜାରି ରହିଛି। ବୋର୍ଡ ତରଫରୁ ବର୍ତ୍ତମାନ ସୁଦ୍ଧା ୩୨,୩୪୩ଟି ବାସଗୃହ ଓ ପ୍ଲଟ ବିକଶିତ କରାଯାଇଥିବା ଜଣାଯାଇଛି। ଭୁବନେଶ୍ୱରର ପଟିଆ, କାନନବିହାର, ଚନ୍ଦ୍ରଶେଖର, ଭିଏସଏସନଗର, ସତ୍ୟନଗର, ଲୁଇସରୋଡ, ଭିମଟାଙ୍ଗୀ, ବରମୁଣ୍ଡା, ମୈତ୍ରୀବିହାର ଓ ଶୈଳଶ୍ରୀବିହାର ଆଦିରେ ପ୍ରାୟ ୨୦ହଜାର ବାସଗୃହ ନିର୍ମାଣ କରାଯାଇଛି ।

ଓଡିଶା ରାଜ୍ୟ ଗୃହ ନିର୍ମାଣ ବୋର୍ଡ ଏବେ ଋଣ ମୁକ୍ତ ସଂସ୍ଥା ହୋଇପାରିଛି। ବର୍ତ୍ତମାନ ବୋର୍ଡ ପ୍ରକଳ୍ପ ମଧ୍ୟରେ ଭୁବନେଶ୍ୱରରେ ଖାରବେଳ ଏନକ୍ଲେଭ, ସୁବାସ ଏନକ୍ଲେଭ, ଅନୁଗୁଳରେ ଅନୁଗୁଳ ଏନକ୍ଲେଭର ନିର୍ମାଣ କାର୍ଯ୍ୟ ଜାରି ରହିଥିବାବେଳେ ଭୁବନେଶ୍ୱରର ଜଗନ୍ନାଥ ପ୍ରସାଦ ଠାରେ ପ୍ଲଟିଂ ସ୍କିମ୍ କାର୍ଯ୍ୟକାରୀ କରାଯାଉଛି। ଆଗାମୀ ଦିନରେ ରାଜ୍ୟର ସହରାଞ୍ଚଳରେ ସମସ୍ତ ପାଇଁ ଘର ଯୋଜନାରେ ୫୦,୦୦୦ ପ୍ଲଟ ଓ ଘର ଯୋଗାଇଦେବାର ଲକ୍ଷ୍ୟ ରହିଛି । ରାଜ୍ୟର ସମସ୍ତ ଜିଲ୍ଲା ସହାଞ୍ଚଳରେ ପ୍ରାୟ ଏକ ହଜାର ଘର ଯୋଗାଇ ଦେବାପାଇଁ ଲକ୍ଷ୍ୟ ରଖାଯାଇଛି। ସେହିଭଳି ସୁନ୍ଦରଗଡ, ଝାରସୁଗୁଡା, ବରଗଡ, ବଲାଙ୍ଗିର, କଳାହାଣ୍ଡି, ନବରଙ୍ଗପୁର, କୋରାପୁଟ, ମୟୁରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଯାଜପୁର, କେନ୍ଦ୍ରାପଡା, ଜଗସିଂହପୁର, କଟକ ଆଦି ଜିଲ୍ଲାରେ ପ୍ରାୟ ୫୨୦ ଏକର ଜମି ଅଧିଗ୍ରହଣ ପାଇଁ ଲକ୍ଷ୍ୟ ରଖାଯାଇଛି। ବୋର୍ଡର ପ୍ରକଳ୍ପ ଅଞ୍ଚଳରେ ଜବରଦଖଲ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇ ତାହାକୁ ତୁରନ୍ତ ମୁକୁଳାଇବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ବୋର୍ଡର ଏମଡି ସାଗରିକା ପଟ୍ଟନାୟକ, ସଚିବ ରଶ୍ମିତାରାଣୀ ତରାସିଆ, ମୁଖ୍ୟଯନ୍ତ୍ରୀ ଏଲ ପି ମହାପାତ୍ର ଏବଂ ଅର୍ଥ ପରାମର୍ଶଦାତା ମିନତି ପତିଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ପଦାଧିକାରୀ ମାନେ ଉପସ୍ଥିତ ଥିଲେ।

# ନାଲକୋର ୬୦୧ କୋଟି ଟଙ୍କାର ନିଟ୍ ଲାଭ



**ଭୁବନେଶ୍ୱର,୧୨।୮ (ମହାଭାରତ):** କେନ୍ଦ୍ର ଖଣିମନ୍ତ୍ରଣାଳୟ ଅଧିନସ୍ଥ ନବରତ୍ନ କମ୍ପାନୀ ତଥା ଦେଶର ଅନ୍ୟତମ ଅଗ୍ରଣୀ ଆଲୁମିନା ଓ ଆଲୁମିନିୟମ ଉତ୍ପାଦନକାରୀ ଏବଂ ରପ୍ତାନୀକାରୀ ଉଦ୍ୟୋଗ ନ୍ୟାସନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ୍ (ନାଲକୋ) ୨୦୨୪ - ୨୫ ଆର୍ଥିକ ବର୍ଷରେ ଅର୍ଥାତ ଜୁନ ୩୦ ତାରିଖ ସୁଦ୍ଧା କମ୍ପାନୀ ମୋଟ ୨୮୫୬ କୋଟି ଟଙ୍କାର ବ୍ୟବସାୟ କରିବା ସହ ନିଟ ୬୦୧ କୋଟି ଟଙ୍କା ଲାଭ କରିଛି । ଏହି ଲାଭ ପରିମାଣ ଗତ ଆର୍ଥିକ ବର୍ଷରେ ଏହି ସମୟରେ କରିଥିବା ଲାଭ ୩୪୯ କୋଟି ଟଙ୍କା ଠାରୁ ୭୨% ଅଧିକ। ଆଜି ଭୁବନେଶ୍ୱରରେ ଅନୁଷ୍ଠିତ ବୋର୍ଡସ୍ତରୀୟ ବୈଠକରେ ଏହି ଫଳାଫଳ ଘୋଷଣା କରାଯାଇଛ।

ଉଲ୍ଲେଖଯୋଗ୍ୟ ଯେ,ନାଲକୋ ୨୦୨୪ - ୨୫ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକରେ ବ୍ୟବସାୟିକ ଏବଂ ଆର୍ଥିକ କ୍ଷେତ୍ରରେ ସୁପରିଚାଳନା ଯୋଗୁଁ ଉତ୍କୃଷ୍ଟ ଫଳାଫଳ ହାସଲ କରିଅଛି। ଆନ୍ତର୍ଜାତିକ ବଜାରରେ ମେଟାଲ ଦରରେ ଉନ୍ନତି, ଘରୋଇ ବଜାରର ସକାରାତ୍ମକ ବ୍ୟବସାୟିକ ପରିବେଶ ତଥା ଉତ୍ପାଦନ କ୍ଷେତ୍ରରେ ଆର୍ଥିକ ସୁପରିଚାଳନା ଯୋଗୁଁ ଚଳିତ ତ୍ରୈମାସିକରେ କମ୍ପାନୀ ଉଲ୍ଲେଖନୀୟ ଫଳାଫଳ ହାସଲ କରିପାରିଛି। ପ୍ରଥମ ତ୍ରୈମାସିକରେ କମ୍ପାନୀର ସଫଳତାକୁ ପ୍ରଶଂସା କରିବା ସହ ନାଲକୋ ସିଏମଡି ଶ୍ରୀଧର ପାତ୍ର କହିଛନ୍ତି ଯେ, ଉତ୍ପାଦନ କ୍ଷେତ୍ରରେ ନିରନ୍ତର ଅଭିବୃଦ୍ଧି ନିମନ୍ତେକମ୍ପାନୀର ପ୍ରତିବଦ୍ଧତା, ଉତ୍କଳ-ଡି କୋଇଲା ଖଣି ମାଧ୍ୟମରେ ପାୱାର ପ୍ଲାଣ୍ଟ ନିମନ୍ତେ ନିଜସ୍ ଆଭ୍ୟନ୍ତରୀଣ କୋଇଲା ଉତ୍ସର ବ୍ୟବସ୍ଥା ଏହି ସଫଳତାର ମୁଖ୍ୟ ଆଧାର ଅଟେ।

ଉଲ୍ଲେଖଯୋଗ୍ୟ ଯେ, ବ୍ୟବସାୟ କ୍ଷେତ୍ରରେ ଉନ୍ନତ ପ୍ରଦର୍ଶନ ସହ ଆଲୁମିନିୟମ୍ ଏବଂ ଆଲୁମିନା ମୂଲ୍ୟ ଶୃଙ୍ଖଳାରେ କ୍ରମାଗତ ଭାବେ ନାଲକୋ ଦୃଢ ପ୍ରଦର୍ଶନ କରିଆସୁଛି। ଆର୍ଥିକ ବର୍ଷ ୨୦୨୩ - ୨୪ ନିମନ୍ତେ କମ୍ପାନୀ ଇକ୍ୱିଟି ସେୟାର ପିଛା ୨ ଟଙ୍କାର ଫାଇନାଲ ଡିଭିଡେଣ୍ଡ ମଧ୍ୟ ଘୋଷଣା କରିଛି।

# ନବୀନଙ୍କୁ ଭେଟିଲେ ବିଭିନ୍ନ ଜିଲ୍ଲାର ପ୍ରତିନିଧି



**ଭୁବନେଶ୍ୱର,୧୨।୮ (ମହାଭାରତ):** ନବୀନ ନିବାସରେ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ସହ ଆଲୋଚନା କରିଛନ୍ତି ପୁରୀ ଓ ନବରଙ୍ଗପୁର ବ୍ଲକ ଓ ପଞ୍ଚାୟତ ପ୍ରତିନିଧି ତଥା ଭଦ୍ରକର ପୌର ପରିଷଦର ସଭ୍ୟ। ବିଭିନ୍ନ ସମସ୍ୟା ସମ୍ପର୍କରେ ବିଜୁ ଜନତା ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ସହ ଆଲୋଚନା କରିଛନ୍ତି ଏହି ପ୍ରତିନିଧି ଦଳ। ବିଜୁ ଜନତା ଦଳକୁ ତୃଣମୂଳ ସ୍ତରରେ ମଜବୁତ କରିବା ପାଇଁ ସେମାନେ କାମ ଜାରି ରଖିବେ ବୋଲି ଜଣାଇଛନ୍ତି। ଲୋକଙ୍କ ସାଥିରେ ରହି ଦଳର କାର୍ଯ୍ୟକ୍ରମକୁ ଆଗେଇ ନେବା ପାଇଁ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ ନବୀନ। ପ୍ରତିନିଧି ଦଳରେ ପୁରୀ ବିଧାୟକ ସୁନୀଲ ମହାନ୍ତି, କାକଟପୁର ବିଧାୟକ ତୁଷାରକାନ୍ତି ବେହେରା, ନବରଙ୍ଗପୁର ବିଧାୟକ ମନୋହର ରନ୍ଧାରୀ, ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ସଞ୍ଜୟ ଦାସବର୍ମା, ରମେଶ ମାଝୀ, ବିଂଝାରପୁର ବିଧାୟିକା ପ୍ରମିଳା ମଲ୍ଲିକଙ୍କ ସହ ବହୁ ନେତା ଆଲୋଚନା କରିଥିଲେ।

# ରାଜ୍ୟସ୍ତରୀୟ ଜାତୀୟ ଗ୍ରନ୍ଥାଗାରିକ୍ ଦିବସ ପାଳିତ



**ଭୁବନେଶ୍ୱର,୧୨।୮ (ମହାଭାରତ):** ମାନବ ସମାଜର ଯାବତୀୟ ଉନ୍ନତିର ଅନ୍ତରାଳରେ ଶିକ୍ଷା ହିଁ ଅସଲ ଋବିକାଠି, ଯାହାର ମାନ ବୃଦ୍ଧି ଓ ସମାଜରେ ଶିକ୍ଷାର ପ୍ରଗତୀ ନିମନ୍ତେ ପାଠାଗାର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ଭୁବନେଶ୍ୱର ଭଞ୍ଜକଳା ମଣ୍ଡପ ଠାରେ ପାଠାଗାର ଆନ୍ଦୋଳନର ଜନକ ଡ. ଏସ ଆର୍ ରଙ୍ଗନାଥନ ଜୟନ୍ତୀ ଉତ୍ସବ ଓ ଓଡ଼ିଶା ମହାବିଦ୍ୟାଳୟ ଗ୍ରନ୍ଥାଗାରରିକ ସଂଘ ପକ୍ଷରୁ ଆୟୋଜିତ ରାଜ୍ୟସ୍ତରୀୟ ଜାତୀୟ ଗ୍ରନ୍ଥାଗାରରିକ ଦିବସ ପାଳନ ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମାନ୍ୟବର ମନ୍ତ୍ରୀ ଶ୍ରୀଯୁକ୍ତ ସୁରେଶ କୁମାର ପୂଜାରୀ ପ୍ରକାଶ କରିଛନ୍ତି। ଭୁବନେଶ୍ୱର ଏକାମ୍ର ବିଧାୟକ ତଥା ଓସିଏଲଏ ସଭାପତି ବାବୁ ସିଂ ଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟ ବକ୍ତା ଭାବେ ଓଷ୍ଟା ର ପୂର୍ବତନ ସମ୍ପାଦକ ଅବସରପ୍ରାପ୍ତ ପ୍ରଫେସର ବନ ବିହାରୀ ପୃଷ୍ଟି, ସମ୍ମାନୀତ ଅତିଥି ଭାବେ ଆବାହକ ଓସିଏଲଏ ତଥା ଉପଦେଷ୍ଟା ଅର୍ଜୁନ କୁମାର ଜେନା, କାର୍ଯ୍ୟକାରୀ ସଭାପତି ହୃଷୀକେଶ ମିଶ୍ର , ସାଧାରଣ ସମ୍ପାଦକ ତ୍ରିଲୋଚନ ପଣ୍ଡା, ଉପସଭାପତି ନନ୍ଦ କିଶୋର ଧୀର , ଲମ୍ବୋଦର ପାଢୀ ପ୍ରମୁଖ ଯୋଗ ଦେଇ ଗ୍ରନ୍ଥାଗାରିକ ଦିବସର ତାତ୍ପର୍ଯ୍ୟ ଓ ଡ ଏସ ଆର୍ ରଙ୍ଗନାଥନ ଙ୍କ ଉପରେ ଆଲୋକପାତ କରିବା ସହ ଗ୍ରନ୍ଥଗାର ର ବିକାଶ ପ୍ରତି ଯତ୍ନଶୀଳ ହେବାକୁ ଗ୍ରନ୍ଥାଗାରରିକ ମାନଙ୍କୁ ଆହ୍ୱାନ ଦେଇଥିଲେ।

ସଂଘର କାର୍ଯ୍ୟକାରୀ ସଭାପତି ହୃଷୀକେଶ ମିଶ୍ର ସଂଘର ବିଭିନ୍ନ ସମସ୍ୟା ଉପରେ ଉପସ୍ଥିତ ଅତିଥି ମାନଙ୍କ ଦୃଷ୍ଟି ଆକର୍ଷଣ କରି ଥିଲେ। ଏହି ଅବସରରେ ବିଭିନ୍ନ ମହାବିଦ୍ୟାଳୟର ସେବା ନିବୃତ ଓ ସେବାରତ ବିଶିଷ୍ଟ ଗ୍ରନ୍ଥାଗାରରିକ ପ୍ରଦୀପ କୁମାର ସାହୁ, ଆଦିତ୍ୟ କୁମାର ମିଶ୍ର,ରମେଶ ଚନ୍ଦ୍ର ସାହୁ ଓ ମୁରଲୀଧର ଭାରତୀଙ୍କୁ ଅତିଥି ମାନଙ୍କ ଦ୍ୱାରା ମାନପତ୍ର ଓ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ସଂଘ ର କାର୍ଯ୍ୟକାରୀ ସଭାପତି ହୃଷୀକେଶ ମିଶ୍ର ଅତିଥି ମାନଙ୍କ ପରିଚୟ ପ୍ରଦାନ କରିଥିଲେ। ମଞ୍ଚକୁ ନିରୁପମା ମିଶ୍ର ଓ ମନସ୍ୱିନୀ ପ୍ରିୟଦର୍ଶିନୀ ପରିଚାଳନା କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ସଂଗଠନ ସମ୍ପାଦକ ରତିକାନ୍ତ ଓଝା, ସହ ସାଧାରଣ ସମ୍ପାଦକ କୃଷ୍ଣ ଚନ୍ଦ୍ର ପ୍ରଧାନ, କୋଷାଧ୍ୟକ୍ଷ ଲଲାଟ କିଶୋର ମହାନ୍ତି, ଡ ସୁଶାନ୍ତ କୁମାର ରାଉତ, ମିଡ଼ିଆ। ସେଲ ସଂଯୋଜକ ହିମାଂଶୁ ଭୁଷଣ ଚମ୍ପତିରାୟ, ମହେନ୍ଦ୍ର ବିଶ୍ୱାଳ, ଉପସଭାପତି ହେମନ୍ତ କୁମାର ଶତପଥୀ, ଉପସଭାପତି ପ୍ରଭାତ କୁମାର ପ୍ରଧାନ, ଲମ୍ବୋଦର ପରିଡ଼ା , ଅଭିମନ୍ୟୁ ସାମଲ ପ୍ରମୁଖ ସହଯୋଗ କରିଥିଲେ। ଏହି ଅବସରରେ ସ୍ମରଣିକା କୁ ଅତିଥିଆମନେ ଉନ୍ମୋଚିତ କରିଥିଲେ। ଶେଷରେ ନିମାପଡ଼ା କଲେଜ ଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ନନ୍ଦନକାନନରେ ବିଶ୍ୱ ହସ୍ତୀ ଦିବସ ପାଳିତ




**ଭୁବନେଶ୍ୱର,୧୨।୮ (ମହାଭାରତ):** ହାତୀମାନଙ୍କ ସୁରକ୍ଷା,ମଣିଷ ଓ ହାତୀ ଲଢେଇରେ ରୋକ ଲଗାଇବା। ଜଙ୍ଗଲ ରହିଲେ ବାନ୍ୟଜନ୍ତୁ ରହିବେ, ଜଙ୍ଗଲ କ୍ଷୟକୁ ରୋକି ହାତୀମାନଙ୍କ କିଭଳି ସୁରକ୍ଷା ଓ ବଂଶବୃଦ୍ଧି କରିବା ର ମୁଖ୍ୟ ଉଦେଶ୍ୟ ନେଇ ପ୍ରତିବର୍ଷ ଅଗଷ୍ଟ ୧୨ ତାରିଖକୁ ସାରା ବିଶ୍ ବିଶ୍ୱହସ୍ତି ଦିବସ ରୂପେ ପାଳନ କରୁଥିବା ବେଳେ ଏଥିରୁ ବାଦ ପଡିନି ପ୍ରାଣୀ ଉଦ୍ୟାନ ନନ୍ଦନକାନନ।

ଆଜି ନବମ ତମ ବିଶ୍ୱ ହସ୍ତୀ ଦିବସ ପାଳନ କରିଛି ନନ୍ଦନକାନନୟ ଏହି ଅବସରରେ ନନ୍ଦନକାନନ ପି ସି ସି ଏଫ୍ ଦେବଦତ୍ତ ବିଶ୍ୱାଳ ଯୋଗଦାନ କରି କହିଥିଲେ ଯେ, ଜଙ୍ଗଲ କ୍ଷୟକୁ ରୋକଯାଇ ପାରିଲେ, ହାତୀ ମାନଙ୍କ ବଂଶବୃଦ୍ଧି ହୋଇପାରିବ। ଇକୋ ସେନସିଟିଭ ଜୋନରେ ଜଙ୍ଗଲ କଟାଯାଇ ଜନସତି ଗଢିଉଠୁଛି, ଯାହା ଫଳରେ ହାତୀମାନେ ଜଙ୍ଗଲ ଛାଡି ଜନବସତି ଆଡକୁ ମୁହାଁ ହେଉଛନ୍ତି। ଫଳରେ ଅନେକ ସମୟରେ ମଣିଷ- ହାତୀ ପରିସ୍ଥିତି ଦେଖାଦେଉଛି। ଶିକାରୀ,ବିଦ୍ୟୁତ ତାର ଓ ଟ୍ରେନ ଦୁର୍ଘଟଣାରେ ଅନେକ ହାତୀ ମୃତ୍ୟୁ ବରଣ କରୁଛନ୍ତି । ସରକାର ଏଥିପ୍ରତି ଯଥେଷ୍ଟ ସଚେତନ ଥିଲେ ମଧ୍ୟ ଜନସାଧାରଣ ସଚେତନ ନିହାତି ଆବଶ୍ୟକୟଏବଂ ହାତୀକୁ ଦେଖିଲେ ଜନ ଗହଳୀ ନା କରି ସେଠାରୁ ପଳେଇ ଆସିଲେ ହାତୀମାନେ ପୁର୍ନବାର ଜଙ୍ଗଲକୁ ପାଲେଇଯିବ ହାତୀ କୁ ନରଗେଇବାକୁ କହିଥିଲେ। ଓଡିଶାରେ ଏବେ ହାତୀ ମାନଙ୍କ ସଂଖ୍ୟା ପାଖାପାଖି ୨୦୦୦ ରହିଛି ବୋଲି ଶ୍ରୀଯୁକ୍ତ ବିଶ୍ୱାଳ ସ୍ପଷ୍ଟ କରିଛନ୍ତିୟତେବେ ହାତୀମାନଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ନନ୍ଦନକାନନରେ ହସ୍ତୀ ଦିବସ ହାତୀ ଖୁଆଡ଼ରେ ପାଳନ କରାଯାଇଥିଲା। ଏହି ଅବସରରେ ମୁଖ୍ୟ ଗେଟ ପାଖରେ ଏକ ସିଂନେଚର କ୍ୟାମ୍ପ, ଅନଲାଇନରେ କୁଇଜ ପ୍ରତିଯୋଗିତା କରାଯାଇଥିଲା। ମାହୁନ୍ତ ମାନଙ୍କୁ ସମ୍ବର୍ଦ୍ଧିତ କରିବା ସହିତ ହାତୀମାନଙ୍କୁ ସୁସ୍ୱାଦୁ ଫଳମୂଳ, ଆଖୁ, ସେଓ, ନଡ଼ିଆ, ତରଭୁଜ, ମକା, କଦଳୀ ଆଦି ଖାଇବାକୁ ଦିଆଯାଇଥିଲା। ନନ୍ଦନକାନନରେ ଏବେ ୫ଟି ହାତୀ , ବାସନ୍ତୀ, ହୀରା ବଡ ହାତୀ ଥିବା ବେଳେ ଅଭି , ଆଶା ଓ ନିଶା ଛୋଟ ହାତୀ ରହିଛନ୍ତି।

# ସାରଦା ନାୟକଙ୍କୁ ହାଇକୋର୍ଟ ନୋଟିସ

**କଟକ,୧୨।୮ (ମହାଭାରତ):** ନିର୍ବାଚନରେ ଅନିୟମିତତା ମାମଲାରେ ଆଉ ଜଣେ ବିଧାୟକଙ୍କୁ ହାଇକୋର୍ଟ ନୋଟିସ ଜାରି କରିଛନ୍ତି। ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକଙ୍କୁ ନୋଟିସ ଜାରି ହୋଇଛି । ରସିଦ୍ ଅସଲମ ନାମକ ଜଣେ ଭୋଟର ସାରଦାଙ୍କ ନାଁରେ ମାମଲା ଦାଏର କରିଥିଲେ। ତେବେ ନାମାଙ୍କନ ବେଳେ ମିଥ୍ୟା ସତ୍ୟପାଠ ଦାଖଲ ଅଭିଯୋଗରେ ହାଇକୋର୍ଟ ଏହି ନୋଟିସ ଜାରି କରିଛନ୍ତି। ପୂର୍ବରୁ ବିଜେଡି ବିଧାୟକ ଧ୍ରୁବ ସାହୁ ଅରୁଣ ସାହୁଙ୍କୁ ମଧ୍ୟ ହାଇକୋର୍ଟ ନୋଟିସ ଜାରିକରିଥିଲେ। ଏହି ମାମଲାରେ ପରବର୍ତ୍ତୀ ଶୁଣାଣି ଅଗଷ୍ଟ ୨୭ ରେ ରହିଛି । ଏହାପୂର୍ବରୁ ବିଜେପି ନେତା ତଥା ପରାଜିତ ପ୍ରାର୍ଥୀ ଦିଲ୍ଲୀପ ରାୟ ମଧ୍ୟ ସାରଦାଙ୍କ ବିରୋଧରେ ମାମଲା ଦାୟର କରିଥିଲେ ।

# ବହୁଚର୍ଚ୍ଚିତ ବିତିହୋତ୍ର ମହାନ୍ତିଙ୍କ ପରଲୋକ

**ଭୁବନେଶ୍ୱର,୧୨।୮ (ମହାଭାରତ):** ବହୁଚର୍ଚ୍ଚିତ ବିତିହୋତ୍ର ମହାନ୍ତିଙ୍କ ପରଲୋକ। ଜର୍ମାନୀ ଯୁବତୀଙ୍କ ସହ ଦୁଷ୍କର୍ମ ଅଭିଯୋଗରେ ୭ ବର୍ଷ ସଜା ପାଇଥିବା ଅଭିଯୁକ୍ତ ବିତିହୋତ୍ର ମହାନ୍ତିଙ୍କ ମୃତ୍ୟୁ ହୋଇଛି। ଭୁବନେଶ୍ୱର ଏମ୍ସରେ ଚିକିତ୍ସାଧୀନ ଅବସ୍ଥାରେ ଗତକାଲି ବିଳମ୍ବିତ ରାତିରେ ତାଙ୍କର ପରଲୋକ ହୋଇଛି।

ପୂର୍ବତନ ଜେଲ୍ ବିଭାଗ ଡିଜି ବିଦ୍ୟାଭୂଷଣ ମହାନ୍ତିଙ୍କ ପୁଅ ବିତିହୋତ୍ର ଦୀର୍ଘ ଦିନ ହେଲା ପାକସ୍ଥଳୀ କ୍ୟାନସର୍ରେ ପୀଡ଼ିତ ଥିଲେ। ପ୍ରଥମେ କଟକ ଆଚାର୍ଯ୍ୟ ହରିହର ମେଡିକାଲରେ ସେ ଚିକିତ୍ସିତ ହେଉଥିଲେ। ମାତ୍ର ଅବସ୍ଥା ଗୁରୁତର ହେବାରୁ ଗତ ଦେଢ ମାସ ହେବ ତାଙ୍କୁ ଭୁବନେଶ୍ୱର ଏମ୍ସକୁ ସ୍ଥାନାନ୍ତର କରାଯାଇଥିଲା। ଏମ୍ସରେ ଡାକ୍ତରଙ୍କ ସବୁ ପ୍ରକାର ଚେଷ୍ଟା ସତ୍ତ୍ୱେ ଗତ ରାତିରେ ଆଖି



ବୁଜିଛନ୍ତି ବିତିହୋତ୍ର ମହାନ୍ତି।

ସୂଚନାଯୋଗ୍ୟ ଏପ୍ରିଲ ୧୨ , ୨୦୦୬ରେ ରାଜସ୍ଥାନର ଅଲୱାରରେ ଜର୍ମାନୀ ଯୁବତୀଙ୍କୁ ଦୁଷ୍କର୍ମ ଘଟଣାରେ ଗିରଫ ହୋଇଥିଲେ ବିତିହୋତ୍ର। ଶୁଣାଣିର ମାତ୍ର ୯ ଦିନ ପରେ ବିତିହୋତ୍ରଙ୍କୁ ଦଣ୍ଡାଦେଶ ହୋଇଥିଲା। ବିତିହୋତ୍ରଙ୍କୁ ୭ ବର୍ଷ ଜେଲ୍ ସହ ୧୦ ହଜାର ଟଙ୍କା ଜରିମାନା କରିଥିଲେ କୋର୍ଟ। ଜେଲରେ ଥିବା ବେଳେ ମା'ଙ୍କ ଦେହ ଖରାପ ଦର୍ଶାଇ ପାରୋଲରେ ଆସିଥିଲେ ବିତିହୋତ୍ର। ଏହାପରେ ସେ ଆଉ ଜେଲ୍କୁ ଫେରି ନ ଥିବା ବେଳେ ଫେରାର ହୋଇ ଯାଇଥିଲେ। ପରେ ପୁଣି ୨୦୧୪ ଅକ୍ଟୋବର ୧୬ ରେ ସେ ଗିରଫ ହୋଇଥିଲେ। କ୍ୟାନସରରେ ଗତ କିଛିଦିନ ଧରି ସେ ପୀଡିତ ଥିଲେ। ଆଜି ସକାଳୁ ତାଙ୍କର ମୃତ୍ୟୁ ଘଟିଛି। ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ତାଙ୍କର ମୃତଦେହ ଏମ୍ସ ଭୁବନେଶ୍ୱରରେ ବ୍ୟବଚ୍ଛେଦ କରାଯାଇଛି।

# ଟୟୋଟା କିର୍ଲୋସ୍କର ମୋଟର ବିଶ୍ୱ ଜୈବ ଇନ୍ଧନ ଦିବସ

**ଭୁବନେଶ୍ୱର,୧୨।୮ (ମହାଭାରତ):** ସ୍ଥିରତାର ଚାମ୍ପିଅନ ଭାବରେ, ବିଶ୍ୱସ୍ତରରେ, ଟୟୋଟା ୨୦୫୦ ସୁଦ୍ଧା କାର୍ବନ ନିରପେକ୍ଷତା ପାଇଁ ପ୍ରତିଶ୍ରୁତିବଦ୍ଧ ଏବଂ ଟୟୋଟା ପରିବେଶ ଚ୍ୟାଲେଞ୍ଜ ୨୦୫୦ (ଟିଇସି-୨୦୫୦) ଦ୍ୱାରା ପରିଚାଳିତ ୨୦୩୫ ସୁଦ୍ଧା ଉତ୍ପାଦନ କାର୍ଯ୍ୟରେ ନେଟ ଜିରୋ କାର୍ବନ ହାସଲ କରିବାକୁ ଲକ୍ଷ୍ୟ ରଖିଛି। ବିଶ୍ୱ ଜୈବ ଇନ୍ଧନ ଦିବସ ପାଳନ କରି ଟୟୋଟା କିର୍ଲୋସ୍କର ମୋଟର (ଟିକେଏମ) ସ୍ଥାୟୀ ଗତିଶୀଳତା ପାଇଁ ନିଜର ପ୍ରତିବଦ୍ଧତାକୁ ଦୋହରାଇଛି। ବର୍ତ୍ତମାନର ଶକ୍ତି ମିଶ୍ରଣ, ଅନନ୍ୟ ଉପଭୋକ୍ତା ଆବଶ୍ୟକତା, ଭିତିଭୂମି ପ୍ରସ୍ତୁତି ଏବଂ ୨୦୪୭ ସୁଦ୍ଧା ଶକ୍ତିରେ ଆତ୍ମନିର୍ଭରଶୀଳ ହେବା ପାଇଁ ସରକାରଙ୍କ ବିବିଧ ଉଦ୍ୟମକୁ ବିଚାର କରି ଏକାଧିକ ସ୍ୱଚ୍ଛ ଜ୍ଞାନକୌଶଳ ପ୍ରବର୍ତ୍ତନ ଏବଂ ସମର୍ଥନ କରି କମ୍ପାନୀ ସବୁଜ ଗତିଶୀଳତା ସମାଧାନର ଅଗ୍ରଗତି ଧାରା ଜାରି ରଖିଛି। ଭାରତ ହେଉଛି ଦ୍ରୁତ ଅଭିବୃଦ୍ଧିଶୀଳ ବୃହତ ଅର୍ଥନୀତି। ଆମଦାନୀ ସହିତ ଦେଶର ଜୀବାଶ୍ମ ଇନ୍ଧନ ବ୍ୟବହାର ମଧ୍ୟ ଦ୍ରୁତ ଗତିରେ ବୃଦ୍ଧି ପାଉଛି। ଯେଉଁଠାରେ ଏପ୍ରିଲ ୨୦୨୪ ମଧ୍ୟରେ ଅଶୋଧିତ ତୈଳ ଆମଦାନୀ ରେକର୍ଡରେ ତୃତୀୟ ସର୍ବୋଚ୍ଚସ୍ତରକୁ ବୃଦ୍ଧି ପାଇଛି। ଭାରତ, ବିଶ୍ୱର ତୃତୀୟ ବୃହତମ ଶକ୍ତି ଉପଭୋକ୍ତା ଭାବେ ଏପ୍ରିଲ ୨୪ ରେ ୨୧.୪ ନିୟୁତ ଟନ(ଏମଟି) ଅଶୋଧିତ ତୈଳ ଆମଦାନୀ କରିଛି ଏବଂ ୨୦୨୩-୨୪ଆର୍ଥିକ ବର୍ଷରେ ମୋଟ ୨୩୨.୫ ନିୟୁତ ଟନ ଆମଦାନୀ ହୋଇଥିବା ଅଶୋଧିତ ତୈଳ (ଉତ୍ସ: ଏପ୍ରିଲ୍ ୨୦୨୪ପିପିଏସି ତଥ୍ୟ)। ଗତିଶୀଳତା ଆବଶ୍ୟକତାର ଏକ ବୃହତ ବୃଦ୍ଧି ଯୋଗୁ, ପରିବହନ କ୍ଷେତ୍ର, ଯାହା ବର୍ତ୍ତମାନ ତୈଳ ଚାହିଦାର ପ୍ରାୟ ୫୦% ଅଟେ (ଉତ୍ସ: ଆଇଇଏ ୨୦୨୧)।

# ୧୦୧ରେ ପହଞ୍ଚିଲା ସତ୍ୟଜିତର ପ୍ରେମିକା ତାଲିକା

**ଭୁବନେଶ୍ୱର,୧୨।୮ (ମହାଭାରତ):** ପୁଣି ଲମ୍ବିଲା ରୋମିଓ ସତ୍ୟଜିତର ପ୍ରେମିକା ତାଲିକା। ୧୦୧ରେ ପହଞ୍ଚିଲା ସତ୍ୟଜିତର ଗାର୍ଲଫ୍ରେଣ୍ଡ ଲିଷ୍ଟ । ୫ଦିନିଆ। ରିମାଣ୍ଡରେ ଥିବା ମଜନୁର ଖୋଲୁଛି



ନୂଆ। ଗୁମର। ରିମାଣ୍ଡ ବେଳେ କ୍ୟାପିଟାଲ ଥାନାରେ ଅଭିଯୋଗ କଲେ ସନ୍ଦିଗ୍ଧ ଯୁବତୀ। ଲକ୍ଷାଧିକ ଟଙ୍କା ଠକେଇ ନେଇ ପୁଣି କଲେ ଅଭିଯୋଗ। ରସିକନାଗର ସିଣ୍ଡିକେଟକୁ ନେଇ ପୁଣି ବଢ଼ିଲା ଚର୍ଚ୍ଚା। ଠକେଇ ଟଙ୍କାରେ ଜମି, ସୁନା ଓ ଗାଡି କିଣିଥିଲା ସତ୍ୟଜିତ। ପୁରୀ ଓ ଯାଜପୁରରେ ଜମି ସମ୍ପର୍କରେ ତହସିଲଦାରଙ୍କ ସହ କଥା ହେଲା ପୋଲିସ। ମ୍ୟାଟ୍ରିମୋନିଆଲ ସାଇଟରୁ ମିଳିଲା ସାଙ୍ଘାତିକ ସୁରାକ। ଭିନ୍ନ ଭିନ୍ନ ଫଟୋ ଦେଇ ଶତାଧିକ ପ୍ରୋଫାଇଲ ବନାଇଥିଲେ ସତ୍ୟଜିତ। ବିଦେଶୀ ଯୁବତୀଙ୍କୁ ବିବାହ ପାଇଁ ପଠାଉଥିଲା ରିକ୍ୟୁଏଷ୍ଟ। ବ୍ୟାଙ୍କ ଆକାଉଣ୍ଟକୁ ଠାବ କରି ଅଧିକ ତଦନ୍ତ ଚାଲିଛି। ଦ୍ୱିତୀୟ ଥର ପାଇଁ ରିମାଣ୍ଡ ବେଳେ ସତ୍ୟଜିତକୁ ଚାଲିଛି ଜେରା। ବର୍ତ୍ତମାନ ସୁଦ୍ଧା ୩ ଟି ଦାମୀ କାର ଓ ଗୋଟିଏ ବୁଲେଟ ଜବତ କରାଯାଇଛି। ହାର୍ଡ ଡ୍ରାଇଭ ଓ ଲାପଟପରୁ ମିଳିଛି ବହୁ ଆପତ୍ତିଜନକ ଭିଡିଓ।

# ରେଳମନ୍ତ୍ରୀଙ୍କୁ ଭେଟିଲେ ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ

**ଭୁବନେଶ୍ୱର,୧୨।୮ (ମହାଭାରତ):** କେନ୍ଦ୍ର ରାଜ୍ୟର ୬ ରେଳ ପ୍ରକଳ୍ପ ଉପରେ ମୋହର ମାରିଥିବାବେଳେ ପ୍ରସ୍ତାବିତ ବରଗଡ଼-ନୂଆପଡ଼ା ରେଳ ପ୍ରକଳ୍ପ ସେଥିରୁ ବାଦ୍ ପଡ଼ିଛି। ଏହାକୁ ନେଇ ଜିଲାବାସୀ ଅସନ୍ତୋଷ ପ୍ରକାଶ କରିଥିବାବେଳେ ସୋମବାର ବରଗଡ଼ ଲୋକ ସଭା ଏମପି ପ୍ରଦୀପ ପୁରୋହିତ ପୁଣିଥରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଭେଟି ବରଗଡ଼-ନୂଆପଡା ରେଳପଥ ନିର୍ମାଣ ଦିଗରେ ତ୍ୱରିତ୍ ପଦକ୍ଷେପ ନେବାକୁ ନିବେଦନ କରିଛନ୍ତି। ସ୍ମାରକପତ୍ରରେ ସେ ଉଲ୍ଲେଖ କରିଛନ୍ତି, ଗତ ପଦ୍ମପୁର ଉପନିର୍ବାଚନ ଏବଂ ସାଧାରଣ ନିର୍ବାଚନ ସମୟରେ ରାଜ୍ୟରେ ଭାଜପା ସରକାର ଆସିଲେ ବରଗଡ଼-ନୂଆପଡା ରେଳ ପ୍ରକଳ୍ପ କାର୍ଯ୍ୟ ତ୍ୱରାନ୍ୱିତ ହେବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା। ଭୋଟର ମଧ୍ୟ ବହୁ ପରିମାଣରେ ଭାଜପା ସପକ୍ଷରେ ମତଦାନ କରି ଲୋକ ସଭା ପ୍ରାର୍ଥୀଙ୍କୁ ଇଲେକ୍ସନ ଚାମ୍ପିୟନ କରିଛନ୍ତି। କିନ୍ତୁ ନିକଟରେ ରେଳ ପ୍ରକଳ୍ପ ଗୁଡ଼ିକୁ କେନ୍ଦ୍ର କ୍ୟାବିନେଟ ଅନୁମୋଦନ କରିଥିବାବେଳେ ବରଗଡ଼-ନୂଆପଡା ରେଳ ପ୍ରକଳ୍ପ ସେଥିରୁ ବାଦ୍ ଦେବା ଦୁର୍ଭାଗ୍ୟଜନକ ବୋଲି ଏମପି ପୁରୋହିତ କହିଛନ୍ତି।

# ହାତୀ ଭାଙ୍ଗିଲେ ମିଳିବ ଘର : ମନ୍ତ୍ରୀ

**ଭୁବନେଶ୍ୱର,୧୨।୮ (ମହାଭାରତ):** ଦିନକୁ ଦିନ ତିକ୍ତ ହେବାରେ ଲାଗିଛି ହାତୀ ଓ ମଣିଷଙ୍କ ଭିତରେ ଥିବା ସମ୍ପର୍କ। ଜଙ୍ଗଲ କ୍ଷୟ ହେବାରୁ ହାତୀ ପଲ ଜନବସତି ମୁହାଁ ହେଉଛନ୍ତି। ବ୍ୟାପକ କ୍ଷୟକ୍ଷତି କରୁଛନ୍ତି। ଯେଉଁଥିପାଇଁ ଅନେକ ସମୟରେ ହାତୀ ଓ ମଣିଷଙ୍କ ମଧ୍ୟରେ ଲଢେଇ ଦେଖିବାକୁ ମିଳେ।

ଅନ୍ୟପଟେ ବିଭିନ୍ନ ସମୟରେ ମଣିଷଙ୍କ ରୋଷର ଶିକାର ହୋଇ ହାତୀ ମଧ୍ୟ ମରୁଛନ୍ତି। ଏହା ଛଡା ବିଦ୍ୟୁତ୍ ଆଘାତରେ ମଧ୍ୟ ହାତୀଙ୍କ ମୃତ୍ୟୁ ହେଉଛି। ଦୀର୍ଘ ବର୍ଷ ଧରି ଏହି ସମସ୍ୟା ଲାଗିରହିଥିଲେ ମଧ୍ୟ ଏହାର ଉଚିତ ସମାଧାନ ହୋଇପାରୁନାହିଁ। ତେବେ ଏପରି ସ୍ଥଳେ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବା ପାଇଁ ସରକାର ପ୍ରୟାସ ଆରମ୍ଭ କରିଛନ୍ତି।

ଆଜି ବିଶ୍ୱ ହସ୍ତୀ ଦିବସ ଅବସରରେ ରାଜ୍ୟ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ। ବଡ଼ ଘୋଷଣା କରିଛନ୍ତି। ସେ କହିଛନ୍ତି, ଜଙ୍ଗଲ ଭିତରେ ଯେଉଁଠି ଗାଁ ଅଛି ସେଠରେ ସୋଲାର ବିଦ୍ୟୁତ୍ ଯୋଗାଇବା ପାଇଁ ବ୍ୟବସ୍ଥା ସହିତ ଖୋଲା ବିଦ୍ୟୁତ୍ ତାରକୁ କେବଲକୁ ପରିବର୍ତ୍ତନ କରାଯିବ। ଯାହା ଫଳରେ ହାତୀ ସୁରକ୍ଷିତ ରହିବେ। ମନ୍ତ୍ରୀ ଆହୁରି କହିଛନ୍ତି ଯେ, ପୂର୍ବରୁ ହାତୀ ଘର ଭାଙ୍ଗିଲେ ୨୦ ହଜାର ଟଙ୍କା କ୍ଷତିପୂରଣ ଦିଆଯାଉଥିଲା, କିନ୍ତୁ ଏବେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ହାତୀ ଯୋଗୁଁ ଯଦି ଲୋକଙ୍କ ଘର ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହୁଏ ତେବେ ସରକାରଙ୍କ ଗୃହ ଯୋଜନାରେ ଯେତିକି ଅର୍ଥ ହିତାଧିକାରୀଙ୍କୁ ମିଳୁଛି ସେତିକି ଅର୍ଥ କ୍ଷତିଗ୍ରସ୍ତଙ୍କୁ ନୂତନ ଘର ନିର୍ମାଣ ପାଇଁ ଦିଆଯିବ।

# କଂଗ୍ରେସର ହେବ ନବକଳେବର

ପିସିସି ସଭାପତି ଶରତ ପଟ୍ଟନାୟକ ନୈତିକତା ଦୃଷ୍ଟିରୁ ତାଙ୍କ ପଦରୁ ଇସ୍ତଫା ଦେଇନଥିଲେ। କିନ୍ତୁ ପିସିସି ନେତୃତ୍ୱ ପରିବର୍ତ୍ତନ ସୁନିଶ୍ଚିତ ଥିଲା। ତେବେ ଏତେ ଶୀଘ୍ର ପରିବର୍ତ୍ତନ ହେବ ବୋଲି ଆଶା ନଥିଲା। ପୂର୍ବରୁ ଯେତେଥର କଂଗ୍ରେସ ନିର୍ବାଚନ ହାରିଛି ଦଳର ନେତୃତ୍ୱ ପରିବର୍ତ୍ତନ ହୋଇଛି ସତ, ମାତ୍ର ଏଥିରେ ଅନେକ ବିଳମ୍ବ ହୋଇଛି। ଏଥର କିନ୍ତୁ ନିର୍ବାଚନ ଫଳାଫଳ ପ୍ରକାଶ ପାଇବାର ଦେଢ଼ମାସରେ ପରିବର୍ତ୍ତନ ହେଲା। ପିସିସି, ଡିସିସି ସମେତ ସମସ୍ତ କମିଟିକୁ ଏଆଇସିସି ସଭାପତିଙ୍କ ଅନୁମୋଦନ କ୍ରମେ ଭାଙ୍ଗି ଦିଆଯାଇଛି। ଖୁବ ଶୀଘ୍ର ନୂଆ ସଭାପତି ଚୟନ ଏବଂ ବିଭିନ୍ନ ସଙ୍ଗଠନର ପୁନର୍ଗଠନ କରାଯିବ ବୋଲି ଦଳ ପକ୍ଷରୁ କୁହାଯାଇଛି। ଏହା ଏକ ପାରମ୍ପରିକ ପ୍ରକ୍ରିୟା। କିନ୍ତୁ ଏହଦ୍ୱାରା କ'ଣ ଲାଭ ହେବ ତାହା ବଡ଼ ପ୍ରଶ୍ନ। ନିର୍ବାଚନର ଯଥେଷ୍ଟ ପୂର୍ବରୁ ପୂର୍ବତନ ସାଂସଦ ଶରତ ପଟ୍ଟନାୟକଙ୍କୁ ପିସିସି ସଭାପତି ଦାୟିତ୍ୱ ପ୍ରଦାନ କରାଯାଇଥିଲା। ସେ ପୂର୍ବରୁ ମଧ୍ୟ ପିସିସି ସଭାପତି ଥିଲେ ଏବଂ ତାଙ୍କ ନେତୃତ୍ୱରେ କଂଗ୍ରେସ ନିର୍ବାଚନରେ ପରାଜିତ ହୋଇଥିଲା। କିନ୍ତୁ ତାଙ୍କୁ ପୁନର୍ବାର ସଭାପତି କରାଗଲା। ଆଶା କରାଯାଉଥିଲା ଯେ, ସେ ଆଉ ଟିକେ ପରିପକ୍ୱ ଏବଂ ଅଭିଜ୍ଞ ହୋଇଥିବାରୁ ଏଥର ତାଙ୍କ ନେତୃତ୍ୱରେ କଂଗ୍ରେସ ଭଲ ପ୍ରଦର୍ଶନ କରିବ। ତା ଛଡ଼ା ସେ ଜଣେ ନିର୍ବିବାଦୀୟ ଏବଂ ସ୍ୱଚ୍ଛ ଭାବମୂର୍ତ୍ତୀ ସମ୍ପନ୍ନ ନେତା। ପଶ୍ଚିମ ଓଡ଼ିଶାରେ କଂଗ୍ରେସ ପୁନର୍ବାର ଟ୍ରାକକୁ ଫେରିବାକୁ ପ୍ରୟାସ କରୁଛି। ତେଣୁ ତାଙ୍କ ପୁନର୍ବାର ପିସିସି ନେତୃତ୍ୱ ହସ୍ତାନ୍ତରିତ କରାଯାଇଥିଲା। କିନ୍ତୁ ତାଙ୍କୁ ଦଳରେ କେହି ସହଯୋଗ କଲେ ନାହିଁ। ଦଳର ବରିଷ୍ଠ ନେତାମାନେ ତାଙ୍କୁ ମଇଦାନରେ ଏକୁଟିଆ ଲଢ଼ିବାକୁ ଛାଡ଼ିଦେଲେ। ତେଣୁ ସ୍ୱାଭାବିକ ଭାବେ ସେ ପରାଜିତ ହେଲେ। ଅବଶ୍ୟ କଂଗ୍ରେସର ପରାଜୟ ନିମନ୍ତେ କେବଳ ପିସିସି ସଭାପତିଙ୍କୁ ଦାୟୀ କରାଯିବା ଅନୁଚିତ। ବରଂ ଗୋଟିଏ ବାକ୍ୟରେ କହିଲେ ସେ ନିର୍ବାଚନୀ ପରାଜୟ ନିମନ୍ତେ ଆଦୌ ଦାୟୀ ନୁହଁନ୍ତି। କଂଗ୍ରେସ ଏକ ଜାତୀୟ ଦଳ। ଏହାର ଜାତୀୟ ନେତାଙ୍କୁ ଦେଖି ଲୋକେ ଭୋଟ ଦିଅନ୍ତି। କଂଗ୍ରେସର ସର୍ବୋଚ୍ଚ ନେତା ତଥା ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ରାହୁଲ ଗାନ୍ଧି ଥିଲେ ଦଳର ଷ୍ଟାର ପ୍ରଚାରକ। କିନ୍ତୁ ନିର୍ବାଚନରେ ଓଡ଼ିଶାବାସୀ ତାଙ୍କୁ ଗ୍ରହଣ କଲେ ନାହିଁ। ଅନେକ ରାଜ୍ୟରେ କଂଗ୍ରେସ ଏହି କାରଣରୁ ହାରିଲା। ଦଳର ରାଷ୍ଟ୍ରୀୟ ସଭାପତି ମଲ୍ଲିକାର୍ଜୁନ ଖାର୍ଗେ କେବଳ ଜଣେ ସଖୀ କଣ୍ଢେଇ ସଭାପତି। ତାଙ୍କର ନିଜସ୍ୱ ନିଷ୍ପତ୍ତି ନେବାର କ୍ଷମତା ବା ସାମର୍ଥ୍ୟ ନାହିଁ। ରହୁଲ, ପ୍ରିୟଙ୍କା, ସୋନିଆଙ୍କ ବିନା ଅନୁମୋଦନରେ ସେ ଗୋଟିଏ ଶବ୍ଦ ଉଚ୍ଚାରଣ କରିପାରିବେ ନାହିଁ। ନିର୍ବାଚନରେ ସମ୍ଭାବ୍ୟ ପରାଜୟ ନିମନ୍ତେ ତାଙ୍କୁ ଦାୟୀ କରିବା ଲାଗି ଏଆଇସିସି ସଭାପତି କରାଯାଇଥିଲା। ସେ କେବଳ ବଳିର ବୋଦା ଥିଲେ। ଯଦି କଂଗ୍ରେସ ଲୋକସଭାରେ ସଂଖ୍ୟାଗରିଷ୍ଠତା ହାସଲ କରିଥାଆନ୍ତା ତେବେ ଖାର୍ଗେ ପ୍ରଧାନମନ୍ତ୍ରୀ ହୋଇନଥାନ୍ତେ।ରାହୁଲ ହିଁ ପ୍ରଧାନମନ୍ତ୍ରୀ ହୋଇଥାଆନ୍ତେ। ତେଣୁ ଓଡ଼ିଶାରେ କଂଗ୍ରେସର ପରାଜୟ ନିମନ୍ତେ ଶରତ ପଟ୍ଟନାୟକଙ୍କୁ ଦାୟୀ କରିବା ଅନୁଚିତ। ତେବେ ନିର୍ବାଚନ ପରେ ଦଳର ନେତୃତ୍ୱ ପରିବର୍ତ୍ତନ ଏବଂ ସାଙ୍ଗଠନିକ ପୁନର୍ବିନ୍ୟାସ ଜରୁରୀ। ଏବେ ଦଳର ଯୁବନେତା ମାନଙ୍କୁ ନେଇ କଂଗ୍ରେସର ନବକଳେବର ହେବ ବୋଲି ଆଶା କରାଯାଇପାରେ। ସେହି ପୁରୁଣା ନେତାମାନଙ୍କୁ ପୁଣି ଆଗରେ ରଖିଲେ କଂଗ୍ରେସର ଭବିଷ୍ୟତ ଅନ୍ଧକାରମୟ ହୋଇଯିବ। ଏବେ କଂଗ୍ରେସ ବିଧାୟକ ଦଳର ନେତା ଭାବେ ରାମଚନ୍ଦ୍ର କାଡାମଙ୍କୁ ଚୟନ କରାଯାଇଛି। ସେ ଜଣେ ଅଭିଜ୍ଞ ବିଧାୟକ। ତାଙ୍କୁ ସିଏଲପି ନେତା କରି କଂଗ୍ରେସ ଆଦିବାସୀ କାର୍ଡ ଖେଳିବାକୁ ପ୍ରୟାସ କରିଛି। ଏହା କେତେଦୂର ସଫଳ ହେବ ତାହା କୁହାଯାଇପାରିବ ନାହିଁ।

# ଚୀନ ପାଇଁ ଚିନ୍ତାର ସମୟ

॥ ସୌମେନ୍ଦ୍ର ଜେନା ॥

“

*;ଏକଥା ସତ ଯେ ସାମ୍ୟବାଦୀ ମାଓ ସେ ତୁଙ୍ଗଙ୍କର ସମାଜବାଦୀ ନୀତି ବଦଳରେ ତାଙ୍କ ପରେ ଶାସନକୁ ଆସିଥିବା ଡେଙ୍ଗ୍ ଜିଆଓପିଙ୍ଗ୍ ହିଁ ପ୍ରଥମ ବ୍ୟକ୍ତି ଯିଏକି ଆମେରିକାର ପୁଞ୍ଜିବାଦୀ ଅର୍ଥନୀତିକୁ ଗ୍ରହଣ କରି ଆମେରିକା ସହ ବନ୍ଧୁତା ସୁଦୃଢ କରି ଚୀନର ବାଣିଜ୍ୟକୁ ରପ୍ତାନୀ ଆଧାରିତ କରିବାକୁ ସକ୍ଷମ ହୋଇଥିଲେ । ତାଙ୍କ ସମୟରେ ଚଉଡା ସଡକ, ଦୀର୍ଘ ରେଳପଥ, ଆକାଶଛୁଆଁ ଅଟ୍ଟାଳିକା, ବାଣିଜ୍ୟିକ ପୋତ ନିର୍ମାଣ, ବନ୍ଦରଗୁଡିକର ବିକାଶ ପରି ଅନେକ କାର୍ଯ୍ୟ ସଫଳତା ସହ ହୋଇଥିଲା ।*

ଚୀନ କଣ ତାହା ଏ ପର୍ଯ୍ୟନ୍ତ ମଧ୍ୟ ସମସ୍ତଙ୍କୁ ଜଣାନାହିଁ । ଏପରିକି ଚୀନର ନିଜ ଲୋକେ ମଧ୍ୟ ଅନେକ ବିଷୟରେ ଅଜ୍ଞ । ତାର କାରଣ ହେଲା ଚୀନ ବିଷୟରେ ଯାହା ପ୍ରଚ୍ଚର କରାଯିବା ଦରକାର ସେହି ଖବର ସରକାରୀ ମିଡିଆ ମାଧ୍ୟମରେ ବାହାରକୁ ଆସେ, ଅନେକ ବିଷୟ ଅନ୍ଧକାର ମଧ୍ୟରେ ଲୁଚିଯାଏ । ଯେଉଁ ଧାରଣା ଚୀନ ବିଶ୍ୱକୁ ଦେଖାଉଥାଏ, ପ୍ରକୃତରେ ତାହା ଆଦୌ ନୁହେଁ । ତେବେ ଆମେରିକାର ଦୀର୍ଘ ଅର୍ଦ୍ଧଶତାବ୍ଦୀର ଅକୁଣ୍ଠ ସହଯୋଗ ଏବଂ ସମର୍ଥନରେ ବାଣିଜ୍ୟ, ଉତ୍ପାଦନ, ନିର୍ମାଣ, ଟେକ୍‌ନୋଲୋଜୀ କ୍ଷେତ୍ରରେ ଚୀନ ଯେପରି ବିକାଶଲାଭ କରିଛି ତାହା ପ୍ରଶଂସା ଯୋଗ୍ୟ । ୧୯୪୮ରେ ଗୋଟିଏ ବ୍ୟାଗ ମୁଦ୍ରାରେ ଗୋଟିଏ ବ୍ୟାଗର ପରିବା କିଣୁଥିବା ଚୀନର ଅବସ୍ଥା ଆଜି ପୃଥିବୀର ବହୁ ଦେଶଠାରୁ ଢେର ଭଲ । ବିଦେଶୀ କମ୍ପାନୀମାନଙ୍କର ଦଶନ୍ଧି ଦଶନ୍ଧିର ପୁଞ୍ଜିନିବେଶ, କାରଖାନା ସ୍ଥାପନ, ବହୁଳ ଉତ୍ପାଦନକୁ ଆଧାର କରି ବିଗତ ବର୍ଷମାନଙ୍କରେ ଚୀନ ନିଜ ଦେଶରେ ଲୋକମାନଙ୍କୁ ରୋଜଗାର ସୁବିଧା ଦେବା ସହ ପ୍ରତିବର୍ଷ ଟ୍ରିଲିଅନ ଟ୍ରିଲିଅନ ଲାଭ କରି ନିଜକୁ ବିଶ୍ୱର ଦ୍ୱିତୀୟ ଆର୍ଥିକ ମହାଶକ୍ତି ଭାବେ ସ୍ଥାପନ କରିବାକୁ ସକ୍ଷମ ହୋଇପାରିଛି । ସମୟ ଏପରି ହୋଇଛି ଯେ ଯେଉଁ ଆମେରିକାର ଅର୍ଥରେ ଚୀନ ଶକ୍ତିଶାଳୀ ହୋଇଛି ସେହି ଆମେରିକା ସହ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ପଡୁଛି, କଟକଣାର ସାମ୍ନା କରିବାକୁ ପଡୁଛି । ଫଳରେ ଆର୍ଥିକ ଦୃଷ୍ଟିରୁ ଅନେକ କ୍ଷତି ସହିବାକୁ କେବଳ ପଡୁନାହିଁ, ଦିନକୁ ଦିନ ଅଧିକରୁ ଅଧିକ କଳକାରଖାନା, ବାଣିଜ୍ୟିକ ପ୍ରତିଷ୍ଠାନ କ୍ରମଶଃ ବନ୍ଦ ହେବାରେ ଲାଗିଛି । ବିତଶାଳୀମାନେ ବିଦେଶୀ ଶିକ୍ଷାନୁଷ୍ଠାନରେ ପାଠପଢାଇବାକୁ ଯାଇ ନିଜ ସଂସ୍ଥାକୁ ବନ୍ଦ କରିବାକୁ ବାଧ ହୋଇଛନ୍ତି । ରାଷ୍ଟ୍ରପତି ଜିନ୍‌ପିଙ୍ଗ୍ ସମ୍ବିଧାନ ସଂଶୋଧନ କରି ଦଳପକ୍ଷରୁ ସମର୍ଥନ ଲାଭ କରି ଏବେ ଅନେକ ବର୍ଷ ଯାଏଁ ରାଷ୍ଟ୍ରପତି ହେବାକୁ ଯାଉଥିଲା ବେଳେ ତେଣେ ଦେଶ ଭିତରେ ରାଷ୍ଟ୍ରପତି ଏବଂ କମ୍ୟୁନିଷ୍ଟ ପାର୍ଟି ଜନପ୍ରିୟତା ହରାଇବାରେ ଲାଗିଛି । ଦଳର ଲୋକେ ସଦସ୍ୟତା ଛାଡିବାରେ ଲାଗିଛନ୍ତି । ରୁଷିଆ ପରି ଚୀନରେ ଲୋକେ ଦଳକୁ ବିରୋଧ ବଢିବାର ଆଶଙ୍କା ନିଜେ ଜିନପିଙ୍ଗ୍ ପ୍ରକାଶ କରିଛନ୍ତି । ଭାରତ ସହ ସୀମାବିବାଦ, ଆମେରିକା ସହ ବାଣିଜ୍ୟିକ ବିବାଦ, ୟୁରୋପର ଦେଶଗୁଡିକସହ ନୀତିଗତ ବିବାଦ, ଦକ୍ଷିଣପୂର୍ବ ଏସିଆର ଦେଶଗୁଡିକ ସହ ଜଳସୀମାର ବିବାଦକୁ ନେଇ ଚୀନ ଉପରେ ରହିଛି । ଆନ୍ତର୍ଜାତିକ ସ୍ତରରେ ଭାରତର ଶକ୍ତିଶାଳୀ କୂଟନୀତିକ ଗୋଟିଚ୍ଛଳନା, ଆମେରିକାର ନାଲିଆଖି ଏବଂ ୟୁରୋପ ରାଷ୍ଟ୍ରଗୁଡିକର ଦୁର୍ବଳ ସହଯୋଗ ଯୋଗୁ ଚୀନର ଆର୍ଥିର ସଙ୍କଟ ବଢିବାରେ ଲାଗିଛି । ଆଲିବାବାର ମାଲିକ ଜ୍ୟାକ ମା ସରକାରଙ୍କ ଉପରେ ନିଜ ସଂସ୍ଥା ଏବଂ ବ୍ୟବସାୟ ପାଇଁ ସୁବିଧା ନପାଇ ବିଦେଶୀ ପିଲାଙ୍କୁ ପାଠ ପଢାଇବାକୁ କିମ୍ବା ଭାଷଣ ଦେବାକୁ ଯାଉଛନ୍ତି । ଏଣେ ଦେଶ ଭିତରେ ଆର୍ଥିକ ଅନୁଷ୍ଠାନଗୁଡିକ ଋଣଗ୍ରସ୍ତ ହେବାରେ ଲାଗିଛନ୍ତି । ଆର୍ଥିକ ବିକାଶ ପାଇଁ ଇଣ୍ଡୋନେସିଆ ଏବଂ ଭିଏତନାମ ପରି ଦେଶ ଚୀନ ଛାଡୁଥିବା କମ୍ପାନୀମାନଙ୍କ ପାଇଁ ଆକର୍ଷଣର କେନ୍ଦ୍ର ହୋଇଛନ୍ତି । ସାଂଘାଇ,ଗ୍ୱାଙ୍ଗଝାଉ ପରି ସମୃଦ୍ଧ ସହରଗୁଡିକରେ ଆଭ୍ୟନ୍ତରୀଣ ସମସ୍ୟା କ୍ରମଶଃ ବଢିବାରେ ଲାଗିଛି ।

ଏକଥା ସତ ଯେ ସାମ୍ୟବାଦୀ ମାଓ ସେ ତୁଙ୍ଗଙ୍କର ସମାଜବାଦୀ ନୀତି ବଦଳରେ ତାଙ୍କ ପରେ ଶାସନକୁ ଆସିଥିବା ଡେଙ୍ଗ୍ ଜିଆଓପିଙ୍ଗ୍ ହିଁ ପ୍ରଥମ ବ୍ୟକ୍ତି ଯିଏକି ଆମେରିକାର ପୁଞ୍ଜିବାଦୀ ଅର୍ଥନୀତିକୁ ଗ୍ରହଣ କରି ଆମେରିକା ସହ ବନ୍ଧୁତା ସୁଦୃଢ କରି ଚୀନର ବାଣିଜ୍ୟକୁ ରପ୍ତାନୀ ଆଧାରିତ କରିବାକୁ ସକ୍ଷମ ହୋଇଥିଲେ । ତାଙ୍କ ସମୟରେ ଚଉଡା ସଡକ, ଦୀର୍ଘ ରେଳପଥ, ଆକାଶଛୁଆଁ ଅଟ୍ଟାଳିକା, ବାଣିଜ୍ୟିକ ପୋତ ନିର୍ମାଣ, ବନ୍ଦରଗୁଡିକର ବିକାଶ ପରି ଅନେକ କାର୍ଯ୍ୟ ସଫଳତା ସହ ହୋଇଥିଲା । କିନ୍ତୁ ବ୍ରିଟେନ ହାତରୁ ହଂକଂକୁ ଚୀନ ନିଜ ହାତକୁ ନେବା ପରେ ବିଦେଶୀ ପୁଞ୍ଜିନିବେଶ ବଢିବାକୁ ଲାଗିଲା । ହଂକଂର ଅର୍ଥ ଚୀନ ଭଣ୍ଡାରକୁ ଆସିଲା । ବିଗତ ୨୫ବର୍ଷରେ ହଂକଂ ଚୀନର ସର୍ବବୃହତ୍ ନିବେଶକାରୀ ହୋଇଥିଲେ ହେଁ ବିକାଶ ଦୃଷ୍ଟିରୁ ୧୯୯୭ରେ ୧୮.୪% ସ୍ତରରୁ ଖସି ୨୦୨୨ ବେଳକୁ ୨.୧ ପ୍ରତିଶତକୁ ଆସିଯାଇଛି । ବିକ୍ରି ଏବଂ ଟିକସ ହେଉଛି ହଂକଂର ମୁଖ୍ୟ ଆୟ । ଅଳ୍ପ ଟିକସ ଆଦାୟ ନୀତିକୁ ଗ୍ରହଣ କରି ବିଶ୍ୱର ଠକ ବେପାରୀଙ୍କୁ ନିମନ୍ତ୍ରଣ କରିଥାଏ । ଫଳରେ ଟିକସରୁ ବଂଚିବା ପାଇଁ ବହୁ ବିଦେଶୀ କମ୍ପାନୀ ହଂକଂରେ ନାମକୁ ମାତ୍ର ଅଫିସ ଖୋଲି ସେଠାରୁ ହିଁ ରପ୍ତାନୀ କରିଥାନ୍ତି । ହଂକଂରେ କମ୍ପାନୀ ପଞ୍ଜିକରଣ ପାଇଁ ସ୍ଥାନୀୟ ବାସିନ୍ଦା ହେବା ଆବଶ୍ୟକ ନାହିଁ । ଏହାର ସୁଯୋଗରେ ବହୁ ଚୀନା ଲୋକ ସାରା ପୃଥିବୀରୁ ସାଇବର ଠକେଇ ମାଧ୍ୟମରେ ପ୍ରଥମେ ଅର୍ଥ ହଂକଂକୁ ଆଣିବା ପରେ ଚୀନରେ ନିବେଶ କରିଥାନ୍ତି । ଚୀନ ସରକାର ମଧ୍ୟ ଏପ୍ରକାର ଠେରୀକୁ ପ୍ରୋତ୍ସାହନ ଦେଇଥାନ୍ତି । ଅପରପକ୍ଷେ ଦେଖିଲେ ଚୀନରେ ସବୁଠୁ ଅଧିକ ହଂକଂର ନିବେଶ ରହିଛି । ୨୦୨୨ରେ ଚୀନକୁ ଆସିଥିବା ବିଦେଶୀ ନିବେଶରୁ ୭୦ଭାଗ କେବଳ ହଂକଂର ରହିଛି । ଏଥିରୁ ଚୀନରେ ହଂକଂର ଅଂଶକୁ ଜାଣିହେବ । ହଂକଂ ଦ୍ୱୀପର ଜନସଂଖ୍ୟା ୭୬ଲକ୍ଷ ମଧ୍ୟରେ ଥିଲାବେଳେ ମୁଣ୍ଡପିଛା ଆୟ ୫୨,୪୨୯ ଡଲାର ରହିଛି । ମୋଟ ଆୟର ୯୩.୭ ପ୍ରତିଶତ କେବଳ ସେବା କ୍ଷେତ୍ରରୁ ଆସୁଛି । ଅର୍ଥାତ୍ ସାରା ବିଶ୍ୱର ରପ୍ତାନୀ କାଗଜପତ୍ରରେ ହଂକଂରୁ ହୋଇଥାଏ । ଏତେ ବିକାଶ ସତ୍ତ୍ୱେ ୨୦ ପ୍ରତିଶତ ହଂକଂବାସୀ ଏବେ ମଧ୍ୟ ଦାରିଦ୍ର୍ୟ ମଧ୍ୟରେ ରହିଛନ୍ତି । ଏଥିରୁ ଜାଣିହେବ ଯେ ହଂକଂକୁ ଚୀନ ହାତକୁ ନେବା ପରଠାରୁ ଏକ ପ୍ରକାର ସବୁ ଅର୍ଥ ନିଜ ଦେଶକୁ ନେଉଛି । ହଂକଂରେ ଚୀନ ନିଜର ଏକ ସରକାରଙ୍କୁ ବସାଇଛି । ସାଇବର ଠକେଇ ମାଧ୍ୟମରେ ବିଶ୍ୱରୁ ସଂଗୃହୀତ ଅର୍ଥ ହଂକଂକୁ ଆସି ପରେ ଚୀନକୁ ଯାଉଛି । କହିବାକୁ ଗଲେ ବିଶ୍ୱର ସର୍ବାଧିକ ଠେରୀ ଅର୍ଥ ଚୀନ ହିଁ ପାଉଛି ।

୫ ଜୁନ୍ ୨୦୨୩ ଦିନ ସାଂଘାଇର ପୁକ୍ସିଂ ମିଡିଲ ରୋଡରେ ଛିଡା ହୋଇ ଜଣେ ସ୍ଥାନୀୟ ରିୟଲ ଇଷ୍ଟେଟ ବ୍ୟବସାୟୀ ନିଜ ସହରର ପ୍ରକୃତ ଦୃଶ୍ୟକୁ ସୁଟିଂ କରି ଛାଡିବା ପରେ ଗୋଟିଏ ଦିନରେ ସେହି ଭିଡିଓକୁ ୫କୋଟି ଲୋକ ଦେଖିଲେ । ଫଳରେ ସରକାର ବାଧ ହୋଇ ଭିଡିଓଟିକୁ ହଟାଇ ଦେଲେ । ସେଥିରେ ସେ ସହରର ମୁଖ୍ୟ ସଡକର ଦୁଇ କଡରେ ଥିବା ଘରଗୁଡିକ ଦେଖାଇଲେ, ଯାହାସବୁ ବନ୍ଦ ଥିଲା । ଏକଦା ସେହି ଘରଗୁଡିକରେ ପୃଥିବୀର ବଡ ବଡ କମ୍ପାନୀର ଲୋକେ ଭଡାରେ ରହୁଥିଲେ । ଏବେ କେହି ସେହିସବୁ ଘରେ ରହୁନାହାନ୍ତି । ବିଶ୍ୱର ଶ୍ରେଷ୍ଠ ୫୦୦ କମ୍ପାନୀର ଅଧିକାରୀମାନେ ସାଂଘାଇ ଛାଡି ଯିବାପରେ ତାର ପ୍ରଭାବ ସ୍ଥାନୀୟ ବଜାର ଉପରେ ପଡିଛି । ସାଂଘାଇର ତିନୋଟି ଡିପାର୍ଟମେ[ ଷ୍ଟୋର କମ୍ପାନୀ ଜିଉବାଇ, ଜୁଜିଆହୁଇ, ନିଉୱାର୍ଲଡରେ ବିଗତ ଦିନରେ ବିକ୍ରି ଯଥେଷ୍ଟ କମିଯାଇଛି । ଜିଉବାଇ ୩୦.୫୧ ପ୍ରତିଶତ, ଜୁଜିଆହୁଇ ୨୨.୩୩ ପ୍ରତିଶତ ଲାଭ ହରାଇଛନ୍ତି । ଗତବର୍ଷ ୨୦୨୨ରେ ଚୀନରେ ୧୦ଲକ୍ଷ ୯୪ହଜାର କମ୍ପାନୀ ଅଣପଞ୍ଜିକୃତ ହୋଇ ବ୍ୟବସାୟ ଛାଡିଛନ୍ତି । ପୂର୍ବଚୀନର ଗ୍ୱାଙ୍ଗଡିଙ୍ଗ ପ୍ରଦେଶର ଡୋଙ୍ଗୁଆନ ସହର ବିଶ୍ୱର ବଡ କମ୍ପାନୀମାନଙ୍କ କେନ୍ଦ୍ର । ସହରର ସବୁଠୁ ବଡ ପୋଷାକ ଉତ୍ପାଦକ ଡୋଙ୍ଗୁଆନ ଗୋଗୋ ଗାର୍ମେ[ସ ୧୦ ଜାନୁଆରୀ ୨୦୨୨ଦିନ ସବୁଦିନ ପାଇଁ କମ୍ପାନୀକୁ ବନ୍ଦ କରିଦେଲା । କୋରୋନାରେ ଶୂନ୍ୟ ପ୍ରତିଶତ ନୀତି ଏବଂ ଲକ୍‌ଡାଉନରେ ବିକ୍ରି ହ୍ରାସ ଯୋଗୁ କୋପୋ ଇଲେକ୍‌ଟ୍ରୋନିକ୍ସ କମ୍ପାନୀ ବନ୍ଦ ହେଲା, ଯାହା ବିଶ୍ୱର ୫୦୦ ଫର୍ଚୁନ କମ୍ପାନୀ ମଧ୍ୟରେ ଥିଲା ଅନ୍ୟତମ । କମ୍ପାନୀରେ ପ୍ରାୟ ୬୦୦୦ କର୍ମଚାରୀ କାର୍ଯ୍ୟ କରୁଥିଲେ । ଚୀନରେ ଆନ୍ତର୍ଜାତିକ ଏବଂ ଘରୋଇ ବରାଦରେ ହ୍ରାସ ଇ-କମର୍ସ କ୍ଷେତ୍ରରେ ଦେଣ-ନେଣ ଅସୁବିଧା, ଉତ୍ପାଦନ କ୍ଷେତ୍ରରେ ଯୋଗାଣର ଅସୁବିଧା ଦେଖାଦେଇଛି । ଆମେରିକା, ତାଇୱାନ ଏବଂ ଜାପାନ ପରି ବଡ ଅର୍ଡର ପ୍ରଦାନକାରୀଙ୍କ ବରାଦ ପ୍ରାୟତଃ ବନ୍ଦ ହେବା ସ୍ଥିତିକୁ ଆସିଯାଇଛି । ଡୋଙ୍ଗୁଆନ ପରି ପର୍ଲ ନଦୀର ତ୍ରିକୋଣଭୂମି ଅଂଚଳରେ ଏବଂ ଗ୍ରେଟର ବେ ଅଂଚଳରେ ମଧ୍ୟ ସମାନ ସ୍ଥିତି ଦେଖାଦେଇଛି । ଗ୍ରେଟର ବେ ଅଂଚଳର ହୁଇଝାଉ, ଡୋଙ୍ଗୁଆନ, ଝାଓଗିଙ୍ଗ, ଫୁସାନ, ସେନ୍‌ଝେନ୍, ଝାଙ୍ଗସାନ, ମାକାଉ, ହଂକଂ ଆଦି ସହରରେ ମଧ୍ୟ ବାଣିଜ୍ୟରେ ହ୍ରାସ ପରିଲକ୍ଷିତ ହୋଇଛି । ଚୀନରେ ବୟସ୍କ ଜନସଂଖ୍ୟାରେ ବୃଦ୍ଧି ଦର ଏବଂ ଗତିରେ ହ୍ରାସ ଯୋଗୁ ଉତ୍ପାଦନ ହ୍ରାସ ପାଇଛି । ବେତନହାର ୨୦ ପ୍ରତିଶତ ଇତି ମଧ୍ୟରେ ବଢିଛି,ଯାହାଫଳରେ ଶସ୍ତାଦରରେ ଉତ୍ପାଦନ ସମ୍ଭବ ହେଉନାହିଁ । ସେମିତି ବଜାରରେ କ୍ୟାମେରା ଶିଳ୍ପ ୭.୮ ପ୍ରତିଶତ, ଟେଲି ଯୋଗାଯୋଗ ଉପକରଣ ୫.୦ପ୍ରତିଶତ, ମୋଟରସାଇକେଲ ଉତ୍ପାଦନ ୪.୫ ପ୍ରତିଶତ, ଯୋଗାଯୋଗ ଉପକରଣ ୪.୫ ପ୍ରତିଶତ, କୋଇଲା ଆଧାରିତ ଉତ୍ପାଦ ୪.୨ ପ୍ରତିଶତ ହ୍ରାସ ପାଇଛି ।

# ରିଲ୍ସ ନିଶାରେ ଚାଲି ଯାଉଛି ଜୀବନ

॥ ଡାକ୍ତର ସମ୍ରାଟ କର ॥

ସକାଳୁ ବର୍ଷା ଲାଗିରହିଥିବାବେଳେ ସାମ୍ନାପଟ ଚା ଦୋକାନୀ କେଶବ ବଡ଼ ପାଟି କରି ଆମ ଘର ଭିତରକୁ ଚାଲି ଆସିଲା। କହିଲା ସାର ସବୁ ଓଲଟ ପାଲଟ ହୋଇଗଲା, ସେ କହିଲା ତାର ଜଣେ ସାନ ଭାଇ ଗତକାଲି ଛାତ ଉପରେ ରିଲ୍ସ ତିଆରି କରୁ କରୁ ତଳକୁ ଗଳି ପଡ଼ି ଗୁରୁତର ହୋଇଯାଇଛି ଏବେ ସେ ଚେତାଶୂନ୍ୟ ହୋଇ ଡାକ୍ତରଖାନାରେ ପଡ଼ିଛି। ମୁଁ ତାକୁ କହିଲି ସାମାନ୍ୟ ଅସାବଧାନରୁ ଏହି ରିଲ୍ସ ନିଶାରେ ଜଣେ ବିଏସଏଫ ଯବାନ ଜିତେନ୍ଦ୍ର ପାଢ଼ୀଙ୍କ ମୂଲ୍ୟବାନ ଜୀବନ ଚାଲିଯାଇଛି। ଗଞ୍ଜାମ ଧରାକୋଟ ଥାନା ନରଡ଼ା ବିଲିରୁ ଏଭଳି ସ୍ତବ୍ଧ କରିଦେବା ଭଳି ଦୁର୍ଘଟଣା ସମସ୍ତଙ୍କୁ ବ୍ୟଥିତ କରିଛି। ସୋସିଆଲ ମିଡ଼ିଆ ଭୂତ ଗ୍ରାସିଥିବା ଯୁବପିଢ଼ିଙ୍କ ଅଭିଭାବକଙ୍କ ନିଦ ହଜାଇଛି। ଏଭଳି ବିପଦଜନକ ରିଲ୍ସ ରାଜ୍ୟର ବୁଦ୍ଧିଜୀବୀ ଓ ସଚେତନ ଚିନ୍ତାଶୀଳ ନାଗରିକ ମାନଙ୍କ ଉଦବେଗ ବଢ଼ାଇ ଦେଇଛି।

କିଛି ଦିନ ତଳେ କଟକ ରେଳ ଷ୍ଟେସନର କିଛି ଦୂର ସାମ୍ନାରୁ ଆସୁଥିବା ଏକ ରେଳଗାଡ଼ିର କିଛି ଦୂର ଆଗରେ ରେଳ ଲାଇନରେ ଦୁଇ ଯୁବକ ଏହି ରିଲ୍ସ କରୁଥିବା ସମୟରେ ଗିରଫ ହୋଇଥିଲେ। ଖାଲି ଜିତେନ୍ଦ୍ର କାହିଁକି ପୂର୍ବରୁ ଏମିତି ପୁଳା ପୁଳା ଅଘଟଣ ମିଳିଯିବ, ଯେଉଁଥିରେ ରିଲ୍ସ ନିଶାରେ ଅନେକ ଜୀବନକୁ ବାଜିରେ ଲଗାଉଛନ୍ତି। କିଛିଙ୍କ ମୂଲ୍ୟବାନ ଜୀବନ ଅଚିରେ ଝଡ଼ି ଯାଉଛି। ଆଉ କିଛି ନିଶ୍ଚିତ ମୃତ୍ୟୁମୁଖରୁ ବର୍ତ୍ତି ଯାଉଛନ୍ତି। ଅନେକ ବିପଦଜନକ ବାଇକ ଷ୍ଟଣ୍ଟ ଦେଖାଉଛନ୍ତି। ପାହାଡ଼ ଶିଖରରେ ଚଢ଼ି ଭିଡ଼ିଓ ବନାଉଛନ୍ତି। ରିଲ୍ସ ପାଇଁ ପଶୁପକ୍ଷୀଙ୍କୁ ହଇରାଣ କରୁଛନ୍ତି। ଅଥବା ଜୀବନରୁ ମାରି ଦେଉଛନ୍ତି। ଏମିତିକି କିଛି ବିପଦଜନକ ରିଲ୍ସ ଯୋଗୁଁ ଅନ୍ୟ ନିରୀହ ଲୋକଙ୍କ ଜୀବନ ବାଜିରେ ଲାଗୁଛି। ଏଭଳି ବିପଦଜନକ ରିଲ୍ସ ବନାଇବା ବର୍ତ୍ତମାନ ଅନେକଙ୍କ ସଉକ ପାଲଟିଛି।

୨୦୨୧ ଜାନୁଆରୀ ୩ ତାରିଖ। ବିପଦଜନକ ଭାବେ ସେଲ୍ଫିଂ ନେଉଥିବା ବେଳେ ନିରୁପମା ପ୍ରଜାପତି ଝାରସୁଗୁଡ଼ା କୁନକୁଣ୍ଡ ନଦୀ ସୁଅରେ ଭାସି ପ୍ରାଣ ହରାଇଥିଲେ। ଗତ ଫେବୃଆରୀ ୧୩ରେ ନବରଙ୍ଗପୁର ରାଇଘର ସରକାରୀ ଉଚ୍ଚବିଦ୍ୟାଳୟର ଏକ ରିଲ୍ସ ଭାଇରାଲ ହୋଇଥିଲା। ଜଣେ ସ୍କୁଲ ଛାତ୍ର ସ୍କୁଲ ଛାତରୁ ଆରପାର୍ଶ୍ୱ ଆଜବେଷ୍ଟସକୁ ଡେଇଁ ଷ୍ଟଣ୍ଟ ଦେଖାଉଥିଲେ। ତଳେ ପଡ଼ି ଆହତ ବି ହେଲେ।

ବାସ୍ତବ କଥା ହେଉଛି କେହି ଜାଣିଶୁଣି ଏମିତି ଭୁଲ କରେନି। ରାତାରାତି ଷ୍ଟାର ବନିଯିବା ନିଶା ଓ ୟୁଟ୍ୟୁବରୁ ପ୍ରବଳ ରୋଜଗାର ଲୋଭ ଏମାନଙ୍କୁ ଗ୍ରାସିଥାଏ। ଅନଲାଇନ ଗେମିଂରେ ଆତ୍ମହତ୍ୟା କରୁଥିବା ଓ ବିନା କାରଣରେ ପାଗଳଙ୍କ ଭଳି ହାତ କାଟି ଦେଉଥିବା ଇମୋସନାଲ ଅନଷ୍ଟେବଲ ପରସୋନାଲିଟି ଡିଜଅର୍ଡ଼ର ଭଳି ମାନସିକ ରୋଗୀଙ୍କ ସହ ଏମାନଙ୍କ ଲକ୍ଷଣ ପ୍ରାୟତଃ ସମାନ। ଏଭଳି ବିପଦଜନକ କାର୍ଯ୍ୟରୁ ନିବୃତ୍ତ ରହିବାକୁ ସେମାନଙ୍କ ପରିବାର କିମ୍ବା ନିକଟତମ ଲୋକ ସଚେତନ କରାଇବା ଉଚିତ। ରାତାରାତି ସୀମିତ ଉଦ୍ୟମ ଓ ସମ୍ବଳରେ ପ୍ରତିଷ୍ଠିତ ହେବା ସହ ନିଜ ସାଙ୍ଗସାଥିଙ୍କ ମହଲରେ ଦେଖେଇ ହେବାର ପ୍ରବଣତା ଓ ଏହାକୁ ୟୁଟ୍ୟୁବରେ ଅପଲୋଡ କରି ରାତାରାତି ଧନୀ ହୋଇଯିବାର ନିଶା ମଧ୍ୟ ଏକ କାରଣ ରହୁଛି।

ତେବେ ସବୁଠାରୁ ବଡ଼ ବିପଜ୍ଜନକ ଦିଗ ହେଉଛି ନିଶାଗ୍ରସ୍ତ ହୋଇ ଏହି କାର୍ଯ୍ୟରେ ଲିପ୍ତ ହେବା କାରଣ ନିଶା ସେବନ କରିବା ପରେ ଜଣେ ସାମୂହିକ ଭାବେ ଦେହଗତ କ୍ଷେତ୍ରରେ କିଛି ଉତ୍ତେଜନା ପାଇଥାଏ। ଯାହାକି ସେମାନଙ୍କୁ ଏପରି ଦୁର୍ବାର କାର୍ଯ୍ୟ କରିବାକୁ ପ୍ରୋତ୍ସାହିତ କରିଥାଏ। ରିଲ୍ସ ପରି ସେଲଫି ମାନିଆ ମଧ୍ୟ ଏକ ପ୍ରକାର ବିକୃତି କହିଲେ ଅତ୍ୟୁକ୍ତି ହେବନାହିଁ। ଏପରି କାର୍ଯ୍ୟ ଭାରତ ବାହାରେ ହେଉଥିଲେ ମଧ୍ୟ ସେଠାକାର ଆଇନରେ ଏ ନେଇ ବିଧିବଦ୍ଧ ବ୍ୟବସ୍ଥା ରହିଛି ଏବଂ ରିଲ୍ସ ବନାଇବା ପାଇଁ ମଧ୍ୟ ଏକ କ୍ଷେତ୍ର ରହିଛି। ଏହି ରିଲ୍ସ ବନାଇବାରେ କେତେକ କ୍ଷେତ୍ରରେ ଅଭିଭାବକଙ୍କ ଦୋଷ ମଧ୍ୟ ନଜରକୁ ଆସିଥାଏ କାରଣ ଆଜିକାଲି ସମସ୍ତଙ୍କ ହାତରେ ଉଚ୍ଚ ପ୍ରଯୁକ୍ତି ବିଦ୍ୟାର ଦାମୀ ମୋବାଇଲ ରହିଛି। ଏବଂ କେତେକ ଅଭିଭାବକ ସେମାନଙ୍କ ଛୋଟ ପିଲାଙ୍କୁ ଆକର୍ଷଣୀୟ ଓ ଅନ୍ୟ ମାନଙ୍କ ଠାରୁ ଶ୍ରେଷ୍ଠ ଦେଖାଇବା ପାଇଁ ରିଲ୍ସ ବା ମୋବାଇଲ ଫୋନରେ ସର୍ବଶେଷ ଫଟୋ ସୁଟ କରି ଅନ୍ୟମାନଙ୍କୁ ପଠାଇବା ପାଇଁ ପ୍ରେରିତ କରିଥାନ୍ତି। ପରବର୍ତ୍ତୀ ସମୟରେ ଏହା ପିଲାଟିର ବୟସ ବୃଦ୍ଧି ହେବା ସହ ଏଥିପ୍ରତି ଆସକ୍ତି ମଧ୍ୟ ବଢ଼ିଥାଏ। ଏହା କେତେକ କ୍ଷେତ୍ରରେ ହିଂସାତ୍ମକ ରୂପ ମଧ୍ୟ ନେଇଥାଏ। ପ୍ରେମ କ୍ଷେତ୍ର ହେଉ ବା ଅର୍ଥ ଦେଣନେଣ କ୍ଷେତ୍ରରେ ବନ୍ଧୁତା ସବୁକିଛି ତୁଚ୍ଛ ହୋଇଯାଇ ଏହା ଅସାମାଜିକ ଭାବନାକୁ ବଢ଼ାଇ ଦେଇଥାଏ। ଜନୈକ ସାଇବର ବିଶେଷଜ୍ଞଙ୍କ କହିବା ଅନୁଯାୟୀ ବିପଦଜନକ ରିଲ୍ସ ବନାଇବା ବେଳେ କାହାରିକୁ ସାବାଡ଼ କରି ହେବନି। କିନ୍ତୁ ବିରି ମାଡ଼ ଦେଖି କୋଳଥ ଚେପା ଉକ୍ତି ଭଳି ପଦକ୍ଷେପ ନେବାକୁ ପଡ଼ିବ। ସୋସିଆଲ ମିଡ଼ିଆରେ ବିପଦଜନକ ରିଲ୍ସ ଭିଡ଼ିଓ ଦେଖିବା ମାତ୍ରେ ସମ୍ପୃକ୍ତ ଆଡ଼ମିନ ଉପରେ ପୁଲିସ କାର୍ଯ୍ୟାନୁଷ୍ଠାନ ନେବା ଦରକାର। ସାଇବର ପୁଲିସ ଏ ଦିଗରେ ଧ୍ୟାନ ଦେଉ। ପୁଲିସର ଏକ ସ୍ୱତନ୍ତ୍ର ଟିମ ଫେସବୁକ, ୟୁଟ୍ୟୁବ ଓ ଇନଷ୍ଟାଗ୍ରାମରେ ରୀତିମତ ନଜର ରଖି ଅମାନିଆଙ୍କୁ ଖୋଜି ବାହାର କରୁ। ବିପଦଜନକ ରିଲ୍ସ ଟ୍ରେଣ୍ଡ ଆପେ କମିଯିବ। ଏମିତି ନୁହେଁ ଯେ, ଓଡ଼ିଶା ପୁଲିସ କିଛି ପଦକ୍ଷେପ ନେଉନି। ଗତ ମାର୍ଚ୍ଚ ମାସରେ ଟୁଇଟ କରିଥିଲା ରାଜ୍ୟ ପୁଲିସ। ରେଳଧାରଣା, ପାହାଡ଼ ଓ ଗଭୀର ପାଣି, ଘାଟି ଭଳି ବିପଦପୂର୍ଣ୍ଣ ଜାଗାରେ ରିଲ୍ସ ନ କରିବାକୁ ପରାମର୍ଶ ଦେଇଥିଲା। କମିଶନରେଟ ପୁଲିସ ମଧ୍ୟ ଏଭଳି ଉତ୍ପାତିଆଙ୍କ ବିରୋଧରେ ଫତୱା ଜାରି କରିଥିଲା। ସୋସିଆଲ ମିଡ଼ିଆରେ ଭୟଙ୍କର ରିଲ୍ସ ଦେଖାଇ ଆତଙ୍କ ଖେଳାଉଥିବା ବ୍ୟକ୍ତିଙ୍କ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପୁଲିସ ଚେତାଇଥିଲା। ଏ କ୍ଷେତ୍ରରେ ବାପା ମାଆଙ୍କ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ରହିଛି। ପ୍ରାଥମିକ ଭାବେ ପିଲାମାନଙ୍କୁ ମୋବାଇଲ ବ୍ୟବହାର କରିବା ପାଇଁ ଦେଉଥିଲେ ସତର୍କତା ଅବଲମ୍ବନ କରନ୍ତୁ। ପିଲା କେଉଁ ସାଇଟକୁ ଯାଉଛି, କ'ଣ ଦେଖୁଛି, କେତେ ସମୟ ବିତାଉଛି ଏବଂ ଏହାକୁ ନେଇ ତାର ବ୍ୟବହାରିକ ଓ ଆଚରଣଗତ ପରିବର୍ତ୍ତନ କ'ଣ ହେଉଛି ନଜର ରଖିବା ଜରୁରୀ। ଯଦି ପରବର୍ତ୍ତୀ ସମୟରେ ପିଲାଟି ଏଥିରେ ଅଭ୍ୟସ୍ତ ହୋଇଯାଉଛି ବା ଯେଉଁମାନେ ବି ଘଣ୍ଟା ଘଣ୍ଟା ଏପରି ବିପଦଜନକ ରିଲ୍ସ ତିଆରି କରୁଛନ୍ତି ସେମାନଙ୍କ ମନସ୍ତାତ୍ତ୍ୱିକ ପରୀକ୍ଷଣ ଓ ପରାମର୍ଶ ଦରକାର। ସେମାନେ କ୍ଲିନିକାଲ ସାଇକୋଲୋଜିଷ୍ଟଙ୍କ ଠାରୁ ଥେରାପି ବି ନେଇପାରିବେ। ଅଭଭାବକମାନେ ଏ ନେଇ ଅଧିକ ବ୍ୟତିବ୍ୟସ୍ତ ନ ହୋଇ ପିଲାଟିକୁ ସ୍ୱାଭାବିକ ଜୀବନ ଅତିବାହିତ କରିବା ପାଇଁ ବା ଜଣକୁ ଏହି ନିଶାରୁ ନିବୃତ୍ତ କରିବା ପାଇଁ ତାକୁ ଉଚିତ ପରାମର୍ଶ ଦିଅନ୍ତୁ, ତା ପାଇଁ ଏକ ଭଲ ରୁଟିନ ତିଆରି କରନ୍ତୁ ଏବଂ ଆବଶ୍ୟକ ପଡ଼ିଲେ ମାନସିକ ରୋଗ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ।

**ମାନସିକ ରୋଗ ବିଶେଷଜ୍ଞ, ଦି'ବ୍ରେନ୍, ପୁରୀଘାଟ ରୋଡ଼, କଟକ, ଦୂରଭାଷ : ୯୧୩୨୪୩୩୩୩୩**

# ଜୀବନ ଅଧ୍ୟୟନ

॥ ଇଂ.ସଚ୍ଚିଦାନନ୍ଦ ନନ୍ଦ ॥

ଆମ ଦେଶ ଭାରତବର୍ଷରେ ପାଞ୍ଚଲକ୍ଷ ଗାଁ ଅଛି। ସେଥିରେ ଲୋକମାନେ ସୁଖ ସୁବିଧାରେ ରହିବା ପାଇଁ କୌଣସି ବ୍ୟବସ୍ଥା ନାହିଁ। ସରକାର ଲୋକଙ୍କ ହିତ ପାଇଁ ଅନେକ ପ୍ରକାର ଯୋଜନା କରୁଛନ୍ତି। କିନ୍ତୁ ସେ ସବୁ କାର୍ଯ୍ୟକାରୀ ହେବାର ଦେଖାଯାଉ ନାହିଁ। କେବଳ ସରକାର ଯେ ଚେଷ୍ଟା କରି ଗାଁ ଲୋକଙ୍କୁ ଆରାମରେ ରଖିପାରିବେ ଏମିତି ଭାବିବା ଭୁଲ। ଏଥିପାଇଁ ଲୋକମାନଙ୍କର ସହଯୋଗ, ସାହାଯ୍ୟ ଏବଂ ସଦିଚ୍ଛା ଲୋଡ଼ା ହୁଏ। ଗୋଟିଏ ଫୁଲରେ କଣ ବଗିଚାଟିଏ ହୋଇପାରିବ? ଜଣେ ଲୋକ କ'ଣ ଦ୍ରୁତ ବେଗରେ ଚାଲିଥିବା ଦୁନିଆଁକୁ ବଦଳାଇ ଦେଇପାରିବ? ନାଇଁ, ଏହା ଅସମ୍ଭବ। ଆଜି ଆମ ଭାରତବର୍ଷରେ ୨୪.୬୪ କୋଟି ଟିକିପିଲା ଅଛନ୍ତି। ସେଥିମଧ୍ୟରୁ ୯.୩୬ କୋଟି ପିଲା ଭିକ୍ଷା କରି ବଞ୍ଚନ୍ତି। ତେଣୁ ସେମାନଙ୍କ ଭାଗ୍ୟ ବଦଳେଇବା ଆମର ଦାୟିତ୍ୱ।

ବଡ଼ ମଣିଛଷକୁ ବଦଳେଇବା ଆଉ ସମ୍ଭବ ନୁହେଁ। ଯେଉଁ ଗଛର ଡାଳ ବାଙ୍କି ଯାଇଛି ତାକୁ ଆଉ ସଳଖ କରିବା ସମ୍ଭବ ନୁହେଁ। କିନ୍ତୁ ଟିକି ଚାରା ଗଛଟିକୁ ଠିକ୍ ଭାବରେ ବଢ଼େଇ ହେବ। ତେଣୁ ଭାରତର ପ୍ରତ୍ୟେକ ବଡ଼ ମଣିଷ ଟିକି ଟିକି ଛାତ୍ରଛାତ୍ରୀମାନଙ୍କର ଉନ୍ନତି ପାଇଁ କାମ କରିବା ଉଚିତ। ଧର୍ମ କରିବା ପାଇଁ ମଣିଷକୁ ଧନ ଦିଆଯାଇଛି; ଉପଭୋଗ ପାଇଁ ନୁହେଁ। ଆମ ପ୍ରତ୍ୟେକ ଗ୍ରାମରେ ଗୋଟିଏ ପ୍ରାଥମିକ ବିଦ୍ୟାଳୟ ଏବଂ ଗୋଟିଏ ଚିକିତ୍ସାଳୟ ବସାଇବା ପାଇଁ ଆଜି ଶପଥ ନେବା ଉଚିତ। ସାନ ସାନ ଛାତ୍ରଛାତ୍ରୀମାନେ ଏହାଦ୍ୱାରା ଯଥେଷ୍ଟ ଉପକୃତ ହେବେ। ଅନ୍ୟ ରାଷ୍ଟ୍ରମାନଙ୍କ ସମ୍ମୁଖରେ ଭାରତବର୍ଷକୁ ଆଦର୍ଶ ଦେଶର ଆସନ ଦେବାକୁ ହେଲେ ଆମକୁ ସବୁଠୁ କମ୍ କାମନା ରଖି କାମ କରିବାକୁ ପଡ଼ିବ ଏବଂ କଠିନ ଶାରୀରିକ ପରିଶ୍ରମ କରିବାକୁ ହେବ। ଆଜି ଆମ ଦେଶରେ କାହିଁକି ଏତେ ମାତ୍ରାରେ ଦୁର୍ଦ୍ଦଶା ରହିଛି ଜଣେ ହେଲେ ତାହା ଜାଣି ପାରୁନାହାନ୍ତି। ଅନ୍ନପୂର୍ଣ୍ଣାଙ୍କ ନାମ ଅନୁଯାୟୀ ନାମିତ ହୋଇଥିବା ଏହି ପବିତ୍ର ଦେଶ ଭାରତବର୍ଷରେ ଖାଦ୍ୟାଭାବ ରହିଛି ବୋଲି ଆମ ନେତାମାନେ କହି ବୁଲୁଛନ୍ତି, ଭାରତରେ କେବେ ହେଲେ ଖାଦ୍ୟ ଅଭାବ ହେବନାହିଁ। ଏହାକୁ ବହୁ ଆଧାତ୍ମିକ ନେତାଙ୍କ ଭବିଷ୍ୟତ ବାଣୀ।

ଜନସଂଖ୍ୟା ଦ୍ରୁତଭାବରେ ବଢୁଛି ବୋଲି ଅନୁଭବ କରି ଆମେମାନେ ଜନସଂଖ୍ୟା ନିୟନ୍ତ୍ରଣ କରିବାକୁ ଯୋଜନା କରୁଛୁ। ଏହା କିନ୍ତୁ ଠିକ୍ ପଦ୍ଧତି ନୁହେଁ। ଲୋକସଂଖ୍ୟା ବଢୁଥିବାବେଳେ ପ୍ରତ୍ୟେକ ବ୍ୟକ୍ତିପାଇଁ ଖାଦ୍ୟ ଆବଶ୍ୟକ। ଜନ୍ମରୁ ମଣିଷର ଗୋଟିଏ ମୁଖ ଏବଂ ଯୋଡ଼ିଏ ହାତ ରହିଛି। ଯଦି ଜଣେ ଦୁଇ ହାତରେ ପରିଶ୍ରମ କରେ ତାହେଲେ ଗୋଟିଏ ମୁହଁ ପାଇଁ ସେ କ'ଣ ଖାଦ୍ୟ ଯୋଗାଇ ପାରିବ ନାହିଁ? ସେ ଖାଦ୍ୟ ଚାହେଁ ଅଥଚ ସେଥିପାଇଁ ଶ୍ରମ ବା ଯତ୍ନ କରିବାକୁ ଅପାରଗ। ଆମେ ଅଧିକରୁ ଅଧିକ ଅଳସୁଆ ହେଉଥିବାରୁ ତାହାହିଁ ଖାଦ୍ୟାଭାବର ମୁଖ୍ୟ କାରଣ ହେଉଛି। ଆମେ ଯଦି କଠୋର ପରିଶ୍ରମ କରୁ ଆମ ପାଇଁ ଖାଦ୍ୟ କେବେ ନିଅଣ୍ଟ ହେବନାହିଁ। ଆଜି ଆମେ ଛାତ୍ରଛାତ୍ରୀମାନଙ୍କୁ କର୍ମବୀର ହେବା ପାଇଁ ତାଲିମ ଦେବା। ସେମାନେ ଉତ୍ସର୍ଗୀକୃତ ଏବଂ ତ୍ୟାଗପୁତ ମନରେ କର୍ମସାଧନ କରିବେ। ସେମାନେ କର୍ମଯୋଜନା ଅଂଶଗ୍ରହଣ କରିବା ପାଇଁ ଯେପରି ଆଗଭର ହେବେ ସେଥିପାଇଁ ଆମେ ତାଙ୍କୁ ଉତ୍ସାହିତ କରିବା ଉଚିତ। ସେମାନଙ୍କୁ ସବୁ ପ୍ରକାର କାମ କରାଇବା ପାଇଁ ଆମେ ଉଦ୍ୟମ କରିବା ଉଚିତ। ତାହା ଆମ ଜୀବନର ଉଦ୍ଦେଶ୍ୟ ହୋଇପାରେ। ପ୍ରକୃତରେ ଜୀବନର ଉଦ୍ଦେଶ୍ୟ କ'ଣ? ଖାଇବା, ପିଇବା, ଶୋଇବା ଏବଂ ମରିବା ଜୀବନ ନୁହେଁ। ଜୀବନ ଏକ ଆହ୍ୱାନ, ଏହାର ମୁକାବିଲା କର। ଜୀବନ ଏକ ସ୍ୱପ୍ନ, ଏହାକୁ ଉପଲବ୍ଧି କର। ଜୀବନ ଏକ ଖେଳ, ଏହାକୁ ଖେଳି ଶିଖ। ଜୀବନ ଏକ ପ୍ରେମ, ଏହାକୁ ଉପଭୋଗ କର। ଜୀବନ ହେଉଛି ଚେତନା। ଜୀବନର ଏହି ସବୁ ଦିଗକୁ ଆମେ ଜାଣି ରଖିବା ଉଚିତ। ଆମ ଭିତରେ ଆଧାତ୍ମିକତା ଏବଂ ଆତ୍ମାର ଯେଉଁ ଚିତ୍‌କଣା ରହିଛି ତାହାକୁ ଉପଯୁକ୍ତ ଭାବେ ବିକଶିତ କରିବା ହିଁ ଜୀବନର ଲକ୍ଷ୍ୟ ହେବା ଉଚିତ। 'ଜନ୍ତୁନାଂ ନରଜନ୍ମଂ ଦୁର୍ଲ୍ଲଂଭମ୍' ଯେତେ ପ୍ରାଣୀ ଜନ୍ମ ହୁଅନ୍ତି ସେମାନଙ୍କ ମଧ୍ୟରେ ମଣିଷ ଜନ୍ମ ପାଇବା ସବୁଠୁ ଭାଗ୍ୟର କଥା। ମଣିଷ ଜନ୍ମ ସବୁଠୁଁ ପୂଣ୍ୟ ଜନ୍ମ ହୋଇଥିବାରୁ ସମସ୍ତ ଜ୍ଞାନ ଓ ପ୍ରଜ୍ଞାନ ଲାଭ କରି ପଶୁ ପରି ବଞ୍ଚିବା ଅତି ଦୁଃଖର କଥା। ଆମେ ଯେତେବେଳେ ଏହି ପବିତ୍ର ମାନବ ପ୍ରକୃତିକୁ ସମାଜସେବା ଏବଂ ମାନବ ମଧ୍ୟରେ ସମତା ରକ୍ଷା କରିବା ଉଦ୍ଦେଶ୍ୟରେ ନିୟୋଜିତ କରି ପାରିବା ସେତେବେଳେ ମାନବ ପ୍ରକୃତିର ଉଦ୍ଦେଶ୍ୟ ସାଧିତ ହେବ। ଆମେ କୂଅରେ ବେଙ୍ଗଟିଏ ପରି ବଞ୍ଚି ରହିବା ଉଚିତ ନୁହେଁ। ବରଂ ବିଶାଳ ଜଳାଶୟର ବେଙ୍ଗଟିଏ ପରି ବଞ୍ଚିବା। ମନୁଷ୍ୟ ପକ୍ଷେ ସଂକୀର୍ଣ୍ଣ ଭାବନା ଶୋଭନୀୟ ନୁହେଁ। ସ୍ୱାର୍ଥପରତାରୁ ହିଁ ଏପରି ଚିନ୍ତା ଜାତ ହୁଏ।

**ଅଲିଶା ବଜାର, କଟକ**
**ଦୂରଭାଷ : ୯୩୩୭୨୪୨୯୫୫**

# ଡଙ୍ଗରୀଗୁଡା, ଥୁଟିବର ଗ୍ରାମରେ ଡାଇରିଆ



**କୋକସରା, (ମହାଭାରତ) :** କୋକସରା ବ୍ଲକ ରେଙ୍ଗାଲପାଳି ପଞ୍ଚାୟତ ଡ଼ଙ୍ଗରୀଗୁଡା କୈବର୍ତ୍ତ ପଡାରେ କିଛି ଦିନ ହେବ ଲୋକେ ଡାଇରିଆ ରେ ଆକ୍ରାନ୍ତ ହେଇଛନ୍ତି । ଦିନକୁ ଦିନ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବାରେ ଲାଗିଥିବାରୁ କୋକସରା ସ୍ୱାସ୍ଥ୍ୟ କେନ୍ଦ୍ର ପକ୍ଷରୁ ସ୍ଥିତି ଅନୁଧାନ କରି ଆକ୍ରାନ୍ତଙ୍କୁ ହସ୍ପିଟାଲ ପଠେଇ ସ୍ଥିତି ସୁଧାର ଆସିଥିବା ମେଡିକାଲ ପକ୍ଷରୁ ସୂଚନା ମିଳିଛି । ସୂଚନା ଅନୁସାରେ ପ୍ରାୟ ଏକ ସପ୍ତାହ ହେଲା କୈବର୍ତ୍ତ ପଡ଼ାରେ ଆକ୍ରାନ୍ତ ଚିହ୍ନଟ ହୋଇଥିଲେ । ମେଡିକାଲ ପକ୍ଷରୁ ସୂଚନା ଅନୁଯାୟୀ ୬ ଜଣ ଆକ୍ରାନ୍ତ ହୋଇଥିବା ବେଳେ ୫ ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି ଓ ଜଣେ ଭବାନୀପାଟଣା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି । ସେହିପରି ଗୋଟୋମୁଣ୍ଡା ପଞ୍ଚାୟତ ଥୁଟିବର ରେ ୧୨ ଜଣ ଆକ୍ରାନ୍ତ ହୋଇଥିବା ବେଳେ ଜଣେ ଭବାନୀପାଟଣା, ଜଣେ ଜୁନାଗଡ଼, ଓ ଦୁଇ ଜଣ ଧର୍ମଗଡ଼ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି ଥିବା ବେଳେ ୮ ଜଣ ଘରେ ଚିକିତ୍ସିତ ହୋଇ ସୁସ୍ଥ ଥିବା ମେଡିକାଲ ପକ୍ଷରୁ ସୂଚନା ମିଳିଛି । ସ୍ଥିତି ଅନୁଧାନ ପାଇଁ ଜିଲ୍ଲା ସ୍ୱାସ୍ଥ୍ୟ ଟିମର ଏପଡି ଜିଓଲୋଜିଷ୍ଟ ନିହାର ରଞ୍ଜନ ଠାକୁର, ଡିଡିଏମ ସୋମ୍ୟରଞ୍ଜନ ନାଏକ, ମେନେଜର ସୁକୁମାର ଚିନ୍ଦା, ମାଇକ୍ରୋ ବାଇଲୋଜିଷ୍ଟ ରାହୁଲ ମେହେର, କୋକସରା ପିଏଚ୍ ଓ ଶର୍ମିଳା ଛତ୍ରିଆ, କୈବର୍ତ୍ତ ପଡା ଓ ଥୁଟିବର ପରିଦର୍ଶନ କରି ଆବଶ୍ୟକ ଔଷଧ ପତ୍ର ସହ ନିରାକରଣ ପାଇଁ ସଚେତନ ବାର୍ତ୍ତା ଦେଇଥିଲେ । ରେଙ୍ଗାଲପାଳି ସ୍ୱାସ୍ଥ୍ୟ କର୍ମଚାରୀ ସରୋଜ ନାଏକ ଓ ଗୋଟୋମୁଣ୍ଡା ସ୍ୱାସ୍ଥ୍ୟ କର୍ମଚାରୀ କ୍ଷୀରୋଦ ବାଗ ସହ ସ୍ଥାନୀୟ ଆଶା କର୍ମୀ ମାନେ ଉପସ୍ଥିତ ଥିଲେ ।

# ବିଶ୍ୱ ଆଦିବାସୀ ଦିବସ




**ରାଇରଙ୍ଗପୁର,(ମହାଭାରତ):** ଆଦିବାସୀ ସମନ୍ୱୟ ସମିତି ଆନୁକୂଲ୍ୟରେ ରାଇରଙ୍ଗପୁରସ୍ଥିତ କଲ୍ୟାଣ ମଣ୍ଡପଠାରେ ବିଶ୍ୱ ଆଦିବାସୀ ଦିବସ ପାଳିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ରାଇରଙ୍ଗପୁର ବିଧାୟକ ଜଲେନ ନାଏକ ମୁଖ୍ୟ ଅତିଥି, ମୁଖ୍ୟବକ୍ତା ଭାବେ ଯଶିପୁର ସ୍ନାତକ ମହାବିଦ୍ୟାଳୟର ଦର୍ଶନଶାସ୍ତ୍ର ଅଧ୍ୟାପକ ମାଥୁରା ଆଲଡା ଯୋଗ ଦେଇଥିଲେ । ଯେ କୌଣସି ସମାଜର ଶିକ୍ଷା, ସ୍ୱାସ୍ଥ୍ୟ ଓ ଅର୍ଥନୀତିର ବିକାଶ ହେଲେ ଯାଇ ସେହି ସମାଜର ବିକାଶ ହୋଇପାରିବ । ଆଦିବାସୀମାନଙ୍କର ବିଭିନ୍ନ ସମସ୍ୟାର ସମାଧାନ ପାଇଁ ସେ ସରକାରଙ୍କ ସହିତ ଆଲୋଚନା କରିବେ ବୋଲି କହିଥିଲେ । ମୁଖ୍ୟବକ୍ତା ଅଧ୍ୟାପକ ଶ୍ରୀ ଆଲଡ଼ା ତାଙ୍କ ବକ୍ତବ୍ୟରେ ଆଦିବାସୀମାନଙ୍କର ଅସ୍ତିତ୍ୱ ଆଜି ସଙ୍କଟରେ ରହିଛି । ନିଜକୁ ଆଦିବାସୀ ବୋଲି ଗର୍ବ କରିବା ସହିତ ଆଦିବାସୀ ନାଁରେ ବିଭିନ୍ନ ସୁବିଧା, ସୁଯୋଗ ପାଉଥିବା ପ୍ରତ୍ୟେକ ବ୍ୟକ୍ତି ସ୍ୱେଚ୍ଛାକୃତ ଭାବେ ନିଜସ୍ୱ ମାତୃଭାଷା, ସଂସ୍କୃତି, ପରମ୍ପରାର ସୁରକ୍ଷା ଓ ବିକାଶ ପାଇଁ କାର୍ଯ୍ୟ କରିବାକୁ ଆହ୍ୱାନ କରିଥିଲେ । ବିର୍ସା କଣ୍ଡାଙ୍ଗକେଲଙ୍କ ଆବାହକତ୍ୱରେ ଉକ୍ତ କାର୍ଯ୍ୟକ୍ରମକୁ ଚନ୍ଦ୍ରିକା କଣ୍ଡାଙ୍ଗକେଲ ସଂଚାଳନ କରିଥିଲେ । ଜଣେ ଆଦିବାସୀ ଭାରତୀୟ ପ୍ରଶାସନିକ ଅଧିକାରୀ ହେମକାନ୍ତ ସୟଙ୍କୁ ମୟୁରଭଞ୍ଜ ଜିଲ୍ଲାର ଜିଲ୍ଲାପାଳ ଭାବେ ନିଯୁକ୍ତି ମିଳିଥିବାରୁ କାର୍ଯ୍ୟକ୍ରମରେ ଖୁସି ବ୍ୟକ୍ତ କରିବା ସହିତ ତାଙ୍କୁ ଅଭିନନ୍ଦନ ଜ୍ଞାପନ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ବିଜୁ ଗୋପାଳ ଗୋପ, ସାହିତ୍ୟିକ ଲଳିତ ମହାନ୍ତ, ଧନୀ ବୈପାଇ, ଦୁସୁରୁ ଜେରାଇ ପ୍ରମୁଖ ଅତିଥି ରୂପେ ମଂଚାସୀନ ଥିଲେ । ଉକ୍ତ କାର୍ଯ୍ୟକ୍ରମ ଆୟୋଜନରେ ମନୋରଞ୍ଜନ ତିରିଆ, ମୋନିକା କଣ୍ଡାଙ୍ଗକେଲ, ସୁନତି କଣ୍ଡାଙ୍ଗକେଲ, ନିତାଇ ପୂର୍ତ୍ତି, ଠାକୁରଦାସ ଅମଙ୍ଗ ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ ।

# ଜିଲ୍ଲାପାଳଙ୍କ ବିଦାୟ କାଳୀନ ସମ୍ବର୍ଦ୍ଧନା

**ରାୟଗଡ,(ମହାଭାରତ) :** ରାୟଗଡ ଜିଲ୍ଲାର ଜିଲ୍ଲାପାଳ ଶ୍ରୀ ମନୋଜ ସତ୍ୟବାନ ମହାଜନଙ୍କ ବିଦାୟ କାଳୀନ ସମ୍ବର୍ଦ୍ଧନା ସ୍ଥାନୀୟ ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଭାସ୍କର ରଇତଙ୍କ ଅଧକ୍ଷତକ୍ଷରେ ଅନୁଷ୍ଠିତ ସଭାରେ ଜିଲ୍ଲା ମୁଖ୍ୟ ବିକାଶ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଶ୍ରୀ ନିହାର ରଞ୍ଜନ କହଁର, ଉପଜିଲ୍ଲାପାଳ



ଗୁଣପୁର ସୁଶ୍ରୀ କିରଣଦୀପ କୌର, ରାୟଗଡ ଉପଜିଲ୍ଲାପାଳ ଶ୍ରୀମତୀ ସଂଘମିତ୍ରା ଦ୍ୱୋି, ପିଡି ଦୁଡା ଶ୍ରୀ ଗୋରଚନ୍ଦ ଗମାଙ୍ଗ ଉପସ୍ଥିତ ଥିଲେ । ଜିଲ୍ଲାପାଳଙ୍କ ରାୟଗଡଜିଲାରୁ ବଦଳି ହୋଇ ସୁନ୍ଦରଗଡ଼ ଜିଲ୍ଲାକୁ ଯାଉଛନ୍ତି ଏବଂ ଶ୍ରୀ ମହାଜନଙ୍କ ଜିଲ୍ଲାରେ ସ୍ୱଳ୍ପକାଳୀନ ସମୟ ଭିତରେ ଜିଲ୍ଲାକୁ ପ୍ରଗତି ପଥରେ ଆଗେଇନେଉଥିବାରୁ ଜିଲ୍ଲାବାସୀଙ୍କ ପ୍ରିୟଭାଜନ ହୋଇ ପାରିଥିବାରୁ ସ୍ମରଣୀୟ ହୋଇ ରହିବେ । ଜିଲ୍ଲାପାଳ ଜିଲ୍ଲାରେ କମ ସମୟ କାର୍ଯ୍ୟ କାଳରେ ତାଙ୍କ କାର୍ଯ୍ୟ ଶୈଳୀ, କାର୍ଯ୍ୟ ପରିଚାଳନା ଓ ଦିଗଦର୍ଶନ ଉପରେ ସମସ୍ତ କର୍ମଚାରୀ ଆଲୋକପକ୍ଷତ କରିଥିଲେ । ଜିଲ୍ଲାପାଳଙ୍କ କାର୍ଯ୍ୟ ଦକ୍ଷତା ଓ କାର୍ଯ୍ୟ ଶୈଳୀ ପାଇଁ ରାୟଗଡରେ ଜନ ଆଦୃତ ଲାଭ କରିପାରଥିଲେ ଓ ସବୁଦିନ ପାଇଁ ମନେ ରହିବେ ବୋଲି ଅଧିକାଂଶ ବକ୍ତା ମାତାବ୍ୟକ୍ତ କରିଥିଲେ । ଏହି ବିଦାୟକାଳୀନ ସମ୍ବର୍ଦ୍ଧନା ସଭାରେ ଜିଲ୍ଲାସ୍ଥରୀୟ ଅଧିକାରୀ, ତାହସିଲଦାର, ବିଡ଼ିଓ ଓ ଅନ୍ୟାନ୍ୟ ଅଧିକାରୀମାନେ ଯୋଗଦେଇଥିଲେ ।

# ରାଜା ସୋମନାଥ ଜଗଦେବ ସିଂ ମହାରାଜଙ୍କର ଜନ୍ମ ଜୟନ୍ତୀ ପାଳିତ



**ଅନୁଗୋଳ,(ମହାଭାରତ):** ଆଜି ନାଲକୋ ନଗର ରେ ଅନୁଗୋଳର ରାଜା ଶ୍ରୀ ଶ୍ରୀ ସୋମନାଥ ସିଂ ଜଗଦେବ ମହାରାଜ ଙ୍କର ଜନ୍ମତିଥି ଉପଲକ୍ଷେ ପୁଷ୍ପ ମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଦେଇଥିଲେ । ଏହି କାର୍ଯ୍ୟକ୍ରମ ରେ ଶ୍ରୀ ସତ୍ୟବାଦୀ ମିଶ୍ର,ଜି ଜି ଏମ,(ଓ ଆଣ୍ଡ ଏମ)ସି ସିପିପି, ପ୍ରସନ୍ନ କୁମାର ସାହୁ ଜି ଏମ (ଏଚ ଆଣ୍ଡ ଏ) ପ୍ରଶ୍ନ ଦାସ, ଅଫିସର ସଙ୍ଘ ସଭାପତି ବନମାଳୀ ସେଠି,ଉପ ସଭାପତି କିଶୋର ବେହେରା, ଶ୍ରମିକ ନେତା ନିର୍ମଳ କୁମାର ସାମଲ, ବିନୟ ତ୍ରିପାଠୀ, ପ୍ରକାଶ ସିଂ, ରତ୍ନାକର ପରିଡା,ରଞ୍ଜିତ କୁମାର ସାହୁ,ପାବକ ଗଡ଼ ନାୟକ,ପ୍ରକାଶ ବେହେରା, ମଳୟ ସାହୁ,ଅନୁଗୋଳ ଜିଲ୍ଲା କ୍ଷତ୍ରୀୟ ମହାସଂଘର ସମ୍ପାଦକ ରଞ୍ଜନ ବିଶୋଇ, ପି .କେ ମିଶ୍ର,ନରି ଗଡ଼ନାୟକ,ଜିତେନ୍ ମହାନ୍ତିଙ୍କ ଉପସ୍ଥିତ ରେ ବୁଢ଼ାପଙ୍କ ଗ୍ରାମର ସୌରଭ ସାମଲ, ସୁବାଶିଷ ବିଷୋୟୀ ପାଇକ ଆଖଡ଼ା ପ୍ରଦର୍ଶନ କରିଥିବା ବେଳେ ଶ୍ରୀ ମିଶ୍ର ପୁଷ୍ପ ମାଲ୍ୟ ଅର୍ପଣ କରି ବୃକ୍ଷ ରୋପଣ କରିଥିଲେ ।

# ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କୁ ଗନ୍ଧମାର୍ଦ୍ଦନ ଆଞ୍ଚଳିକ ଟ୍ରକ ମାଲିକ ସଂଘର ସୌଜନ୍ୟ ମୂଳକ ସାକ୍ଷାତ



**କେନ୍ଦୁଝର,(ମହାଭାରତ) :** କେନ୍ଦୁଝର ଶୁଆକାଠି ସ୍ଥିତ ଗନ୍ଧମାର୍ଦ୍ଦନ ଆଞ୍ଚଳିକ ଟ୍ରକ ମାଲିକ ସଂଘ ର ସଭାପତି କରୁଣା କର ଦେହୁରୀ, ସମ୍ପାଦକ ସଞ୍ଜିତ ବାରିକ, କର୍ମକର୍ତ୍ତା ଜଗଦୀଶ ବାରିକ, ସଚିନ ବାରିକ ପ୍ରମୁଖ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କୁ ଭେଟି ସୌଜନ୍ୟ ମୂଳକ ସାକ୍ଷାତ କରି ଶୁଆକାଠି ଟ୍ରକ ମାଲିକ ଙ୍କର ବିଭିନ୍ନ ସମସ୍ୟା ନେଇ ଆଲୋଚନା କରିଥିଲେ, ପୂର୍ବରୁ ଶୁଆକାଠି ଟ୍ରକ ମାଲିକ ସଂଘ ଟି ବିଜେଡି କବ୍ଜା ରେ ରହିଥିଲା, ଓଡ଼ିଶାରେ ସରକାର ବଦଳି ବିଜେପି ସରକାର ଆସିବା ପରେ ବର୍ତ୍ତମାନ ବିଜେପି କବ୍ଜା ରେ ରହିଛି, ପୂର୍ବରୁ ଗନ୍ଧମାର୍ଦ୍ଦନ ଆଞ୍ଚଳିକ ଟ୍ରକ ମାଲିକ ସଂଘ ଶୁଆକାଠି ର ବିଜେଡି କର୍ମକର୍ତ୍ତା ମାନେ ଟ୍ରକ ମାଲିକଙ୍କ ମଧ୍ୟରେ ପାତର ଅନ୍ତର କରୁଥିଲେ, ଯାହାଫଳରେ ବିଜେଡି ସମର୍ଥିତ ଟ୍ରକ ମାଲିକ ମାନେ ବହୁ ସଂଖ୍ୟାରେ ଟୋକନ ପାଇ ଗାଡି ଲୋଡ଼ କରୁଥିବା ବେଳେ ଅନ୍ୟ ଦଳର ସମର୍ଥିତ ଟ୍ରକ ମାଲିକ ଙ୍କୁ ଟୋକନ ଖଣ୍ଡେ ପାଇଁ ବାର ଦୁଆର ଶୁଣ୍ଢି ପିଣ୍ଡା ହେବାକୁ ପଡୁଥିଲା, ସଂଘରେ ବିଜେଡି ଦଳର କର୍ମକର୍ତ୍ତା ମାନେ ବିପୁଳ ମାତ୍ରା ରେ ଟୋକନ ନେଇ ଖଣ୍ଡେ ଗାଡି ରୁ ସଂଖ୍ୟାଧିକ ଖଣ୍ଡ ଗାଡି ର ମାଲିକ ହୋଇଥିଲେ, କିନ୍ତୁ ବିଜେପି ସମର୍ଥିତ ଗାଡି ମାଲିକ ମାନେ ଟୋକନ ନ ପାଇ ଅଧିକାଂଶ ଗାଡି ବିକ୍ରି କରିବାକୁ ବାଧ୍ୟ ହେଲେ, ଏବଂ ସେମାନେ ବହୁ ଆର୍ଥିକ କ୍ଷତି ସହିବା ଫଳରେ ମାନସିକ ଦୁଶ୍ଚିନ୍ତା ରେ ପଡ଼ିଥିଲେ , ସଂଘରେ ଆଦାୟ ହେଉଥିବା ଲକ୍ଷ ଲକ୍ଷ ଟଙ୍କା ବିଜେଡି ସମର୍ଥିତ କର୍ମକର୍ତ୍ତା ହରିଲୁଟ କରିଥିଲେ ଏବେ ସରକାର ବଦଳିବା ପରେ ଟ୍ରକ ମାଲିକ ସଂଘର କର୍ମକର୍ତ୍ତା ମଧ୍ୟ ବଦଳିଲେ, ଆଉ ଗନ୍ଧମାର୍ଦ୍ଦନ ଆଞ୍ଚଳିକ ଟ୍ରକ ମାଲିକ ସଂଘ କୁ ବିଜେପି ଦଖଲ କରିବା ପରେ ଏବେ ସଂଘର ପ୍ରତେକ ସଦସ୍ୟ ଟୋକନ ପାଇବା ଦ୍ୱାରା ଟ୍ରକ ଲୋଡିଙ୍ଗ ସୁରୁଖୁରୁ ରେ ଚାଲିବା ଫଳରେ ଗନ୍ଧମାର୍ଦ୍ଦନ ଆଞ୍ଚଳିକ ଟ୍ରକ ମାଲିକ ସଂଘ ଶୁଆକାଠିର କର୍ମକର୍ତା ଙ୍କୁ ଟ୍ରକ ମାଲିକ ମାନେ ପ୍ରଶଂସା କରିଛନ୍ତି, ଏହାସହିତ ସଂଘ କୁ କିପରି ଅଧିକ କ୍ରିୟାଶୀଳ କରିବା ସହିତ ସଂଘରେ ଥିବା ଟ୍ରକ ମାଲିକ ବିଭିନ୍ନ ସମସ୍ୟା କୁ ସମାଧାନ କରିବା ଓଏମସିରେ ଟ୍ରକ ଲୋଡିଙ୍ଗ କିପରି ଅଧିକ ବଢିବ, ଆଦି ବିଭିନ୍ନ ବିଷୟରେ ସଂଘର ସଦସ୍ୟ ମାନେ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ସହ ଆଲୋଚନା କରିଥିଲେ ।

# ଆଖିରେ ଯାହା ଦେଖିଲେ ହାତ ଚିତ୍ର ଆଙ୍କିବା ଆରମ୍ଭ କରେ



**ହାଟଡିହି, (ମହାଭାରତ) :** ଥରେ ମାତ୍ର ଆଖି ଯାହାକୁ ଦେଖେ ହାତ ସେ ଚିତ୍ର ଆଙ୍କିବା ଆରମ୍ଭ କରେ । ଏପରି ଏକ ଘଟଣା ଦେଖିବାକୁ ମିଳିଥିଲା ହାଟଡିହି ଅଞ୍ଚଳ ରେ ଗତ କାଲି ରବିବାର ଥିବାରୁ ଛେନାପଦୀ ଅଞ୍ଚଳ ର ପ୍ରାକୃତିକ ପରିବେଶ ଦେଖି ଆମ୍ଭୋ ପଞ୍ଚାୟତ ସରଳା ଗାଁ ର ଯୁବ ଚିତ୍ର କର ଦୀପକ ପ୍ରକୃତି ର ବାସ୍ତବ ଚିତ୍ର କୁ ଆଙ୍କୁ ଥାଆନ୍ତି । । ଖବର ସଂଗ୍ରହ କରି ଫେରିବା ବେଳକୁ ଏ ଦେଖି ଯୁବକ ର ଇଚ୍ଛା ଶକ୍ତି ବିଷୟ ରେ ବୁଝିଥିଲୁ । ପିଲାଟି କହିବା ଅନୁଯାୟୀ ମଧ୍ୟବିତ୍ତ ପରିବାରରୁ ଯାଇ ସେ ଚିତ୍ର କଳା ମଧ୍ୟ ରେ ନିଜର ଦକ୍ଷତା ବିକାଶ କରିବାକୁ ଲକ୍ଷ୍ୟ ରଖିଛି । ଯାହାକି ପିଲା ଦିନରୁ ଚିତ୍ର ପ୍ରତି ତାଙ୍କର ଥିଲା ଅହେତୁକ ଦୁର୍ବଳତା । ବାପା ବିଚିତ୍ର କୁମାର ଜେନା ମା ମିଲି ଜେନା ଙ୍କ ଦୁଇ ପୁଅ । ବଡ ପୁଅ ହେଲେ ଦୀପକ ଏବେ ଯୁକ୍ତ ଦୁଇ ପାଠ ପଢା ସାରି ଚିତ୍ର କଳା କଲେଜ ରେ ଚିତ୍ର ଶିକ୍ଷା ଲାଭ କରୁଛି । ସେ ଧଉଳି ଚିତ୍ର କଳା କଲେଜ ରେ ଶିକ୍ଷା ଲାଭ କରୁଥିବା ବେଳେ ଦୁଇ ବର୍ଷ ହେଲା ଚିତ୍ର ଆଙ୍କିବା ଶିକ୍ଷା ଲାଭ କରୁଛନ୍ତି । ଆଗକୁ ଜଣେ ଭଲ ଚିତ୍ର କର ହେବାକୁ ଲକ୍ଷ୍ୟ ରଖିଛନ୍ତି ।

# ପଞ୍ଚାୟତର ଉନ୍ନୟନ କାର୍ଯ୍ୟରେ ବ୍ୟାଘାତ ଜିଲ୍ଲାପାଳଙ୍କୁ ଫେରାଦ କଲେ ଗ୍ରାମବାସୀ

**ବେଗୁନିଆ,(ମହାଭାରତ) :** ବେଗୁନିଆ ପଂଚାୟତ ସମିତି କାର୍ଯ୍ୟାଳୟରେ ସୋମବାର ଦିନ ଚାଲିଥିବା ଜିଲ୍ଲାପାଳଙ୍କ ମିଳିତ ଜନ ଶୁଣାଣୀ କାର୍ଯ୍ୟକ୍ରମରେ ବଡ଼ବେରଣା ଗ୍ରାମର ଜନ ସାଧାରଣଙ୍କ ସମେତ ସରପଂଚ ଉପସ୍ଥିତ ରହି ପଂଚାୟତର ଉନ୍ନୟନ ମୂଳକ କାର୍ଯ୍ୟରେ ବ୍ୟାଘାତ ସୃଷ୍ଟି କରୁଥିବା ତିନୋଟି ପ୍ରମୁଖ ଗଣ ମାଧ୍ୟମର ଏଜେଣ୍ଟ ତଥା ସାମ୍ବାଦିକ ଓ ପ୍ରମୁଖ ଟିଭି ଚ୍ୟାନେଲର ସାମ୍ବାଦିକଙ୍କ ବିରୁଦ୍ଧରେ ଲିଖିତ ଅଭିଯୋଗ ପତ୍ର ଦାଖଲ କରିଛନ୍ତି । ଲିଖିତ ଅଭିଯୋଗ ଅନୁଯାୟୀ ବଡ଼ବେରଣା ଗ୍ରାମର ଭୁଆଶୁଣି ମନ୍ଦିର ସମ୍ମୁଖରେ ଥିବା ପୋଖରୀର ପୁନରୁଦ୍ଧାର କାର୍ଯ୍ୟ ପାଇଁ ପଞ୍ଚଦଶ ଅର୍ଥ କମିଶନ ଯୋଜନାରେ ୨ ଲକ୍ଷ ୪୩ ହଜାର ଟଙ୍କା ମଞ୍ଜୁର ହୋଇଥିଲା । ଏହି କାର୍ଯ୍ୟର ଅନିୟମିତତା ସମ୍ପର୍କରେ ବିଭିନ୍ନ ଗଣ ମାଧ୍ୟମରେ ପ୍ରକାଶ କରିବା ସହ ଦାବୀ ମୁତାବକ ଅର୍ଥ ୩୦ ହଜାର ଟଙ୍କା ଦେବା ପାଇଁ ବାରମ୍ବାର ଚେଷ୍ଟା ଚଳାଇ ଆସୁଥିଲେ । ଏଥିରେ ସ୍ଥାନୀୟ ସରପଂଚ ଅସିତ କୁମାର ତ୍ରିପାଠୀ ଓ ପ୍ରତାପ କୁମାର ପ୍ରଧାନଙ୍କୁ ସିମୋର ପଂଚାୟତ କାର୍ଯ୍ୟାଳୟ ପରିସରକୁ ଆସି ଡକାଇ ଦୁଇ ପ୍ରମୁଖ ସାମ୍ବାଦିକ ୩୦ ହଜାର ଟଙ୍କା ଦେବାକୁ ଦାବୀ କରିବା ସହ ଉନ୍ନୟନ ମୂଳକ କାର୍ଯ୍ୟ ସଂପର୍କରେ ଗଣ ମାଧ୍ୟମରେ ପ୍ରକାଶ କରିବାକୁ ଧମକ ଦେଇଥିଲେ । ପରେ ଦାବୀ ମୁତାବକ ଅର୍ଥ ନ ପାଇବାରୁ ଗଣ ମାଧ୍ୟମରେ ବିଭ୍ରାନ୍ତିକର ଖବର ବାହାର କରି ଅଯଥା ହଇରାଣ ହରକତ କରି ଉନ୍ନୟନ ମୂଳକ କାର୍ଯ୍ୟରେ ବ୍ୟାହତ ହେଉଛି । ଏହାକୁ ନିରପେକ୍ଷ ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସାରଦା ପ୍ରସନ୍ନ ପଣ୍ଡା, ଅଜୟ କୁମାର ମାଝୀ, ରବୀନ୍ଦ୍ର କୁମାର ପ୍ରଧାନ, ନୀଳ ବେହେରା, ମମତା ପ୍ରଧାନ, ବସନ୍ତ କୁମାର ଗୁରୁ, ପ୍ରମୋଦ କୁମାର ପ୍ରଧାନ, ଅନିଲ କୁମାର ବେହେରା, ପ୍ରସନ କୁମାର ପ୍ରଧାନ, ବସନ୍ତ କୁମାର ବେହେରା, ସୁବାସ ଚନ୍ଦ୍ର ପ୍ରଧାନଙ୍କ ସମେତ ସତୁରୀରୁ ଉର୍ଦ୍ଧ୍ୱ ବ୍ୟକ୍ତି ଲିଖିତ ଅଭିଯୋଗ କରିଛନ୍ତି । ଜିଲ୍ଲାପାଳ ଚଞ୍ଚଳ ରାଣା ଅଭିଯୋଗ ପାଇ ପୋଖରୀ ପୁନରୁଦ୍ଧାର କାର୍ଯ୍ୟ ଯେତିକି କରାଯାଇଛି ତାର ତଦନ୍ତ କରି ବିଲ ପାସ କରିବା ପାଇଁ ବ୍ଲକ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ସୁସ୍ମିତା ମିଶ୍ରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏଭଳି କାର୍ଯ୍ୟକୁ ସାଧାରଣରେ ନାପସନ୍ଦ କରିବା ସହ ସାମ୍ବାଦିକ ଦ୍ୱୟଙ୍କ କାରନାମାକୁ ନେଇ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ସାଜିଛି ବୋଲି ଦେଖିବାକୁ ମିଳୁଛି ।

# ମହଙ୍ଗା ପଡ଼ିଲା ଟ୍ରକ ଅଟକାଇ ଦାଦା ବଟି ମାଗିବା ନାଲକୋ ପୋଲିସ ଦ୍ୱାରା ଦୁଇ ଗିରଫ

**ଅନୁଗୋଳ,(ମହାଭାରତ) :** ଅନୁଗୋଳ ଜିଲ୍ଲା ନାଲକୋ ଥାନା ପକ୍ଷରୁ ଆଜି ଦୁଇ ଜଣ କୁଖ୍ୟାତ ଅପରାଧୀ ଙ୍କୁ ଧରିବାରେ ସକ୍ଷମ ହୋଇଛି । ସେମାନେ ଅଞ୍ଚଳରେ ଦାଦା ବଟି ମାଗିବା, ଚାନ୍ଦା ଆଦାୟ କରିବା ଓ ରାହାଜାନୀ କରୁଥିବା ଭଳି ଅପରାଧ ସହିତ ସଂପୃକ୍ତ ଥିବା ବେଳେ ଅନେକ ଥାନା ରେ ତାଙ୍କ ନାଁ ରେ ଏକାଧିକ ମାମଲା ରହିଛି । ସୂଚନା ଅନୁଯାୟୀ ବଅଁରପାଳ ଥାନା ଅନ୍ତର୍ଗତ ଟେଣ୍ଟୋଲୋଇ ଗ୍ରାମ ର ପ୍ରିତମ ନାଏକ ଓରଫ ଇଲୁ (୨୮) ଓ ସେହି ଗ୍ରାମ ର ସୁଧାକର ନାଏକ (୨୪) ଦୀର୍ଘ ଦିନ ହେବ ବଳରାମପ୍ରସାଦ ଠାରୁ ଟେଣ୍ଟୋଲୋଇ ରାସ୍ତା ରେ ଯାଉଥିବା ଗାଡ଼ି ଅଟକାଇ ଦାଦା ବଟି ଆଦାୟ କରିବା ସହିତ ଯେଉଁ ମାନେ ଦେଉ ନଥିଲେ ସେମାନଙ୍କୁ ମାଡ ମାରିବା, ଧମକ ଦେବା ଭଳି କାର୍ଯ୍ୟ କରିବା ସହ ମୋଟର ସାଇକେଲ ଚାଳକ ମାନଙ୍କ ଠାରୁ ରାହାଜାନୀ କରି ଟଙ୍କା ଆଦାୟ କରୁଥିଲେ । ତେବେ ଅନେକ ଦିନ ଧରି ପୋଲିସ ନଜର ରେ ଥିବା ଏହି ଦୁଇ କୁଖ୍ୟାତ ଅପରାଧିଙ୍କୁ ଧରିବାରେ ନାଲକୋ ପୋଲିସ ସଫଳ ହୋଇଛି । ତେବେ ପୂର୍ବରୁ ମଧ୍ୟ ବଅଁରପାଳ ପୋଲିସ ଦ୍ୱାରା ଏମାନେ ଗିରଫ ହୋଇଥିବା ବେଳେ ଏହି ପେଶାଦାର ଅପରାଧୀଙ୍କୁ ଧରି କୋର୍ଟ ଚାଲାଣ କରାଯାଇଛି ।

# ଦାୟିତ୍ୱ ଗ୍ରହଣ କଲେ ନୂତନ ଜିଲ୍ଲାପାଳ



**ଦେବଗଡ,(ମହାଭାରତ) :** ରବିବାର ସନ୍ଧ୍ୟାରେ ନୂତନ ଜିଲ୍ଲାପାଳ ଭାବେ କବିନ୍ଦ୍ର କୁମାର ସାହୁ ଦାୟିତ୍ୱ ଗ୍ରହଣ କରିଛନ୍ତି । ସେ ପୂର୍ବରୁ କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ ଓଡ଼ିଶା ରାଜ୍ୟ ଖଣିଜ ନିଗମ ବିଭାଗରେ କାର୍ଯ୍ୟରତ ଥିଲେ । ଭାରପ୍ରାପ୍ତ ଜିଲ୍ଲାପାଳ ଦାୟିତ୍ୱରେ ଥିବା ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ ଠାରୁ କାର୍ଯ୍ୟଭାର ଗ୍ରହଣ କରିଥିଲେ । ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଧର୍ମାନନ୍ଦ ବେହେରା, ଉପଜିଲ୍ଲାପାଳ ପରକ୍ଷିତ ସାହୁ, ତହସିଲଦାର କର୍ଣ୍ଣ ମଲ୍ଲିକ, ଆଞ୍ଚଳିକ ପରିବହନ ଅଧିକାରୀ କେଶବ ଚନ୍ଦ୍ର ନାଏକ, ଜିଲ୍ଲା ଯୋଗାଣ ଅଧିକାରୀ ରଞ୍ଜନ କୁମାର ପଣ୍ଡା, ସହକାରୀ ଉଦ୍ୟାନ କୃଷି ଅନ୍ତର୍ଜାମୀ ସାହୁ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ବାରକୋଟ ସ୍ମୃତି ରଞ୍ଜନ ସାହୁ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ରିଆମାଳ ଉଗ୍ରସେନ ଓରାମ, ଅତିରିକ୍ତ ତହସିଲଦାର ବାରକୋଟ ବବୁରୁ ବାହାନ ଦତ୍ତ, ସହକାରୀ ଜିଲ୍ଲାପାଳ ତାପସ କୁମାର ମହନ୍ତ, ହେମନ୍ତ ସିଂ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର ଓ ଜିଲ୍ଲା ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

# ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ



**ଆସିକା,(ମହାଭାରତ) :** ଆସିକା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଠାରେ ସଂକୁଳ ସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସୁବାଷ ସେନାପତି, ବିଧାୟକ ପ୍ରତିନିଧି ସମ୍ବିତ କୁମାର ପାଢ଼ୀ , ଦକ୍ଷିଣ ପୂର୍ବ ସମ୍ଭାଗ ର ସମ୍ପାଦକ ଦୀପକ କୁମାର ମହାରଣା, ଦକ୍ଷିଣ ପୂର୍ବ ସମ୍ଭାଗ ର ନିରୀକ୍ଷକ ସରୋଜ କୁମାର ପଟନାୟକ, ଶିଶୁ ମନ୍ଦିର ର ସମ୍ପାଦକ ପ୍ରସନ୍ନ କୁମାର ପ୍ରଧାନ, ଶିଶୁ ବିଦ୍ୟାମନ୍ଦିର ପ୍ରଧାନଗୁରୁଜୀ ସୁନୀଲ କୁମାର ଗୌଡ଼, ପ୍ରମୁଖ ଉପସ୍ଥିତ ଥିଲେ । ଏହି ଜ୍ଞାନ ବିଜ୍ଞାନ ମେଳା ରେ ହିଞ୍ଜିଳିକାଟୁ, କବିସୂର୍ଯ୍ୟନଗର, ମୁଣ୍ଡମରାଇ, ପୁରୁଷୋତ୍ତମ, କଂକୋରଡ଼ା, ଶିକିରି, କୁକୁଡାଖଣ୍ଡି ବିଦ୍ୟାଳୟରୁ ୪୫୦ ଜଣ ଶିଶୁ ଭାଇ ଭଉଣୀ ନିଜ ଅଂଶ ଗ୍ରହଣ କରି ମୋଟ ୦୯ ଗୋଟି ପ୍ରକଳ୍ପ, ପତ୍ର ବାଚନ, ପ୍ରୟୋଗ, କଥା କଥନ, ମୃତ୍ତିକା, ଗଣିତ ପ୍ରଶ୍ନ ମଞ୍ଚ, ବିଜ୍ଞାନ ପ୍ରଶ୍ନ ମଞ୍ଚ, ସଂସ୍କୃତି ଜ୍ଞାନ ଉପରେ ଏହି କାର୍ଯ୍ୟକ୍ରମ ଆୟୋଜିତ କରାଯାଇଛି । ଏହି କାର୍ଯ୍ୟକ୍ରମରେ ହିଞ୍ଜିଳି କାଟୁ ଶିଶୁ ମନ୍ଦିର ପ୍ରଧାନ ଗୁରୁଜୀ ଚଣ୍ଡୀ ପ୍ରସାଦ ବେହେରା, କବିସୂର୍ଯ୍ୟନଗର ପ୍ରଧାନ ଗୁରୁଜୀ ଦାଶରଥି ସ୍ୱାଇଁ, ମୁଣ୍ଡମରାଇ ମହେଶ୍ୱେର ସ୍ୱାଇଁ, ପୁରୋଷୋତ୍ତମ ପୁର ନିରଞ୍ଜନ ଡାକୁଆ, କଙ୍କୋରଡା ସୋମନାଥ ପୋଲାଇ, ଶିକିରି ସରୋଜ ସାହୁ, କୁକୁଡାଖଣ୍ଡି ପ୍ରଧାନଶିକ୍ଷୟତ୍ରୀ ଇ ଉର୍ମିଳା ପ୍ରମୁଖ ଉପସ୍ଥିତ ରହିଥିଲେ ।

# କେନ୍ଦୁଝର ସମବାୟ ବ୍ୟାଙ୍କ କର୍ମଚାରୀ ସଂଘର ସଭାପତି ଦିନବନ୍ଧୁ ମିଶ୍ର



**ପାଟଣା,(ମହାଭାରତ) :** କେନ୍ଦୁଝର ଜିଲ୍ଲା ସମବାୟ ବ୍ୟାଙ୍କ କର୍ମଚାରୀ ସଂଘ ନିର୍ବାଚନ ରେ ନିର୍ଦ୍ୱନ୍ଦ୍ୱ ରେ ସଭାପତି ଭାବେ ସାହାରପଡା ସମବାୟ ବ୍ୟାଙ୍କର ମୁଖ୍ୟ ପରିଚାଳକ ଦୀନବନ୍ଧୁ ମିଶ୍ର ନିର୍ବାଚିତ ହୋଇଛନ୍ତି । ରବିବାର ଦିନ କେନ୍ଦୁଝର କେନ୍ଦ୍ର ସମବାୟ ବ୍ୟାଙ୍କ ମୁଖ୍ୟ କାର୍ଯ୍ୟାଳୟ ନିର୍ବାଚନ ଅନୁଷ୍ଠିତ ହୋଇ ଥିଲା । ଏହି ନିର୍ବାଚନ ରେ ଦୀନବନ୍ଧୁ ମିଶ୍ର ସଭାପତି ପ୍ରାର୍ଥୀ ଭାବେ ପ୍ରାର୍ଥୀ ପତ୍ର ଦାଖଲ କରିଥିଲେ । ତାଙ୍କ ବିପକ୍ଷରେ କେହି ପ୍ରାର୍ଥୀ ପ୍ରତିଦ୍ୱନ୍ଦୀ କରି ନଥିବା ରୁ ତାଙ୍କୁ ନିର୍ଦ୍ଦ୍ୱନ୍ଦ୍ୱରେ କେନ୍ଦୁଝର କେନ୍ଦ୍ର ସମବାୟ ବ୍ୟାଙ୍କ ସଂଘର ପକ୍ଷ ରୁ ସଭାପତି ଭାବେ ନିର୍ବାଚିତ ଘୋଷିତ କରାଯାଇ ଛି । ନବ ନିର୍ବାଚିତ ସମବାୟ ବ୍ୟାଙ୍କ ସଭାପତି ଦୀନବନ୍ଧୁ ମିଶ୍ର କର୍ମଚାରୀ ଙ୍କ ଉନ୍ନତି ଦିଗରେ ଗୁରୁତର ସହ କାର୍ଯ୍ୟ କରିବେ ବୋଲି ସୂଚନା ରଖିଛନ୍ତି ।

# ତହଁକ୍ କୁଟୁମ୍‌ର ଝକେର୍ ଆସର



**ପାଟଣାଗଡ଼,(ମହାଭାରତ) :** ଶ୍ରାବଣର ଝରି ବରଷା କବିମନକୁ ପୁଲକିତ ଓ ରୋମାଞ୍ଚିତ କରେ , କବି ଲେଖନୀ ଚାଳନା କରେ ପ୍ରକୃତିର ସୌନ୍ଦର୍ଯ୍ୟ କୁ ବର୍ଣନା କରି । ଗର୍ନ୍ଧମାର୍ଦ୍ଦନ ର ପାଦ ଦେଶରେ କବି ଗାନ କରୁଥିଲା ମାଁ ମାଟିର ମହକକୁ ନେଇ ଅନେକ କବିତା । ତହଁକ ସାହିତ୍ୟ କୁଟୁମ ଆର୍ ଗର୍ନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦ ମିଳିତ, ହରିଶଙ୍କର ଶାଖା ଆନୁକୁଲ୍ୟରେ କୋସଲି ଭାସାର ସୁରକ୍ଷା ପାଇଁ ଝକେର କୋସଲି କବିତା ଆସର ହରିଶଙ୍କର ପିଠ ଠାରେ ଅନୁଷ୍ଠିତ ହୋଇଯାଇଛି, ସଭା ପ୍ରାରମ୍ଭରୁ ବିଶିଷ୍ଟ କୋସଲି ଗବେଷକ ନିମାଇଁ ଚରଣ ପାଣିଗ୍ରାହୀଙ୍କ ଉଦ୍ଦେଶ୍ୟ ରେ ଗୋଟିଏ ମିନିଟ ନିରବ ପ୍ରାର୍ଥନା କରାଯାଇ ତାଙ୍କ ନାମରେ ମଂଚ ସମର୍ପଣକରାଯାଇଥିଲା । ଏହି ଅବସରରେ କବି ନିରଞ୍ଜନ ପଣ୍ଡାଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ସଭାରେ ଗର୍ନ୍ଧମାର୍ଦ୍ଦନ ସୁରକ୍ଷା କମିଟିର ସଦସ୍ୟ ବିର ମେହେର, ସମାଜ ସେବୀ ସୁଶୀଲ କୁମାର ଗୁରୁ, ସାମ୍ବାଦିକ ଅଭୟ ତ୍ରିପାଠୀ, ବନାଞ୍ଚଳ ଅଧିକରୀ ଅରବିନ୍ଦ ନାଏକ୍ , କବି ବିରଞ୍ଚିନାରାୟଣ ଦାସ୍ , ସାମ୍ବାଦିକ ପ୍ରବିଣ ପୁରୋହିତ, ଗୋପୀନାଥ ଦଣ୍ଡସେନା ଅତିଥି ଭାବରେ ଯୋଗ ଦେଇ ଗର୍ନ୍ଧମାର୍ଦ୍ଦନ ଏ ଅଂଚଳକୁ ଜୀବିକା ଦେବା ସହ ଏହାର ଔଷଧିୟ ବନରାଜି ଗବେଷକ ମାନଙ୍କୁ ଗବେଷଣା କରିବାରେ ପେରଣା ଦେଇଥାଏ । ଏହି ଅବସରରେ ବିଶିଷ୍ଟ ସମାଜସେବି, କୋସଲି ଭାସା ପ୍ରେମି ସୁଶୀଲ କୁମାର ଗୁରୁ ଙ୍କୁ ତହଁକ ସମ୍ମାନ ରେ ସମ୍ମାନିତ କରାଯାଇଥିଲେ । ଦିଲିପ କୁମାର ମିଶ୍ର ସ୍ୱାଗତ ଭାଷଣ ଦେଇଥିବାବେଳେ, ସମ୍ପାଦକ ରାଜେଶ ଦଣ୍ଡସେନା ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ ସଭାକୁ ମୂଖ୍ୟ ସମ୍ପାଦକ ଅର୍ଜୁନ କୁମାର ସାହୁ ସଂଯୋଜନା କରିଥିଲେ । କବିତା ଆସରକୁ ଅକୃର ବାଗ, ଦୁର୍ବାଦଳ କ୍ଷେତି , ପୁଷ୍ପାଞ୍ଜଳି ମେହେର, ଆହ୍ଲାଦିନୀ ପାଣିଗ୍ରାହୀ ଦାସ, ସୁଦେସନା ମିଶ୍ର ସଂଯୋଜନା କରିଥିଲେ । ବଲାଙ୍ଗୀର, ବରଗଡ, ନୂଆପଡ଼ା ଜିଲ୍ଲା ରୁ ଶତାଧିକ କବି ଯୋଗ ଦେଇ କବିତା ପାଠ କରିଥିଲେ କ୍ଷ କାର୍ଯ୍ୟକ୍ରମ କୁ ରାଜିବ ଭୋଇ, ରବିନ୍ଦ୍ର ସାହୁ, ଗରିବ ମଲ୍ଲିକ, ଗୋପାଳ ମେହେର, ଧର୍ମେନ୍ଦ୍ର ପ୍ରଧାନ, ସ୍ୱପ୍ନିକା ସାହୁ, ନିକିତା ସା, ଗୋବର୍ଦ୍ଧନ ନାଏକ, ରାଜେଶ ଶର୍ମା, ଯଶୋବନ୍ତ କୁମ୍ଭାର, ରୋଶନ ସାହୁ ପ୍ରମୂଖ ସହଯୋଗ କରିଥିଲେ । ଶେଷରେ କବିତା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ଗହଙ୍ଗୁ ଗୀତା ପାଠଶାଳାକୁ ଉପ ସେବାକେନ୍ଦ୍ର ମାନ୍ୟତା

**ଆସିକା,(ମହାଭାରତ) :** ପ୍ରଜାପିତା ବ୍ରହ୍ମାକୁମାରୀ ଇଶ୍ୱରୀୟ ବିଶ୍ୱବିଦ୍ୟାଳୟ ଶାନ୍ତି ଶକ୍ତି ଭବନର ଗହଙ୍ଗୁ ଗୀତା ପାଠଶାଳାକୁ ଇଶ୍ୱରୀୟ ସେବାରେ ଉତ୍କର୍ଷ ହେତୁ ପ୍ରଜାପିତା ବ୍ରହ୍ମକ୍ଷକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟର ଆନ୍ତଃର୍ଜାତିୟ ମୁଖ୍ୟାଳୟ ମାଉଣ୍ଟ ଆବୁ ତରଫରୁ ଉପ ସେବା କେନ୍ଦ୍ର ମାନ୍ୟତା ପ୍ରଦାନ କରାଯାଇଛି । ଆଜି ଏହି ଉପଲକ୍ଷେ ଗହଙ୍ଗୁ ସ୍ଥିତ ଗୀତା ପାଠ ଶାଳାରେ ଅୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ଏହି ସୂଚନା ପ୍ରଦାନ କରିଛନ୍ତି ଶାନ୍ତି ଶକ୍ତି ଭବନର ସଂଚାଳିକା ରାଜ ଯୋଗିନୀ ବ୍ରହ୍ମାକୁମାରୀ ପ୍ରଭାତୀ । ଏହି ଅବସରରେ ପ୍ରଜାପିତା ବ୍ରହ୍ମାକୁମାରୀ ଇଶ୍ୱରୀୟ ବିଶ୍ୱବିଦ୍ୟାଳୟ ବ୍ରହ୍ମପୁର ସବ୍ ଜୋନର ମୁଖ୍ୟ ପ୍ରଭାରୀ ରାଜ ଯୋଗିନୀ ବ୍ରହ୍ମାକୁମାରୀ ମଞ୍ଜୁ ଦିଦି ଓ ସହ ପ୍ରଭାରୀ ରାଜ ଯୋଗିନୀ ବ୍ରହ୍ମାକୁମାରୀ ମାଳା ଦିଦି ସମସ୍ତ ଭଉଣୀ ଭାଇଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । କାର୍ଯ୍ୟକ୍ରମରେ ଗହଙ୍ଗୁ ମଠର ମହନ୍ତ ରାଘବ । ନନ୍ଦ ଦାସ ଅତିଥି ରୂପେ ଯୋଗଦେଇ ଈଶ୍ୱରୀୟ ସେବାରେ ଉତ୍ସର୍ଗୀକୃତ ପ୍ରୟାସ ଜାରି ରଖିଥିବା ହେତୁ ସମସ୍ତ ଭଉଣୀ ଭାଇଙ୍କୁ ସାଧୁବାଦ ଜଣାଇଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ବ୍ରହ୍ମାକୁମାରୀ ସ୍ମିତା, ଲୀଳା, କସ୍ତୁରୀ, ନର୍ମଦା ଓ ବ୍ରହ୍ମାକୁମାର ଲକ୍ଷ୍ମଣ, ବନମାଳୀ, ସତ୍ୟପ୍ରିୟ ଆଦି ସହଯୋଗ କରିଥିଲେ ।





# ମହାଭାରତ ଅଞ୍ଚଳ କଥା

ଆପଣା ମାଟିର କଥା ଓ ବ୍ୟଥା



ମଙ୍ଗଳବାର, ୧୩ ଅଗଷ୍ଟ, ୨୦୨୪



## ଚାଷ ଜମିରେ କାଦୁଅ କରୁଥିବା ସମୟରେ ଓଲଟିଲା ଟ୍ରାକ୍ଟର, ଡ୍ରାଇଭର ମୃତ



କୋକସରା,(ମହାଭାରତ ): କାଦୁଅ କରିବା ପାଇଁ ସକାଳୁ ସକାଳୁ ଟ୍ରାକ୍ଟର ନେଇ ଚାଷ ଜମିକୁ ବାହାରି ଯାଇଥିଲେ ଡ୍ରାଇଭର। ହେଲେ କିଏ ଜାଣିଥିଲା ଚାଷ ଜମିରେ ଜଗି ରହିଥିଲା ଯମ। ଆଉ ଟ୍ରାକ୍ଟର ଓଲଟି କାଦୁଅରେ ପୋତି ହୋଇ ଚାଲିଯାଇଛି ଏକ ଅମୁଲ୍ୟ ଜୀବନ। ଏପରି ଏକ ଦୁଃଖଦ ଘଟଣା ଘଟିଛି କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ଆମପାଣି ଥାନା ଅଧିନ ସର୍ଗିଗୁଡା ଗ୍ରାମରେୟ ମୃତ ଡ୍ରାଇଭର ହେଲେ ଡୁଡୁକାଠେଙ୍ଗା ପଞ୍ଚାୟତ ନୂଆପଡ଼ା ଗ୍ରାମର ବୈଦ୍ୟନାଥ ମାଝୀ ଙ୍କ ସାନପୁଅ ଶିବ ମାଝୀ(୨୩) ବୋଲି ଜଣାପଡିଛି। ସୂଚନା ଅନୁସାରେ, ସୋମବାର ଦାବ୍ରିଗୁଡା- ସର୍ଗିଗୁଡା ମଝିରେ ଥିବା ଘେନୁ ମାଝୀଙ୍କ ଚାଷ ଜମିକୁ ଟ୍ରାକ୍ଟର ନେଇ ଯାଇଥିବା ଅନ୍ୟ ଜଣେ ଡ୍ରାଇଭର କାଦୁଅ କରୁଥିବା ସମୟରେ ବିଲରେ ଫସି ଯାଇଥିଲା ଟ୍ରାକ୍ଟର। ତେବେ ଟ୍ରାକ୍ଟରକୁ କାଢିବା ପାଇଁ ଚେଷ୍ଟା କରୁଥିବା ବେଳେ ସହଯୋଗୀ ଭାବରେ ଥିବା ଡ୍ରାଇଭର ଶିବ ମାଝୀ କାଦୁଅରୁ ଟ୍ରାକ୍ଟରକୁ କାଢ଼ିବା ପାଇଁ ଚେଷ୍ଟା କରିଥିଲେୟ ତେବେ ଏହି ସମୟରେ ଟ୍ରାକ୍ଟର ଓଲଟି ଯିବାରୁ କାଦୁଅ ଭିତରେ ଡ୍ରାଇଭର ଶିବ ପୋତିହୋଇ ମୃତ୍ୟୁ ମୃତ୍ୟୁ ବରଣ କରିଥିଲେୟ ଖବର ପାଇ ଆମପାଣି ଥାନା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଶବ ଜବତ କରି ତଦନ୍ତ ଆରମ୍ଭ କରିଛି। ଏବଂ ଶବ ବ୍ୟବଚ୍ଛେଦ ପାଇଁ କୋକସରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ତଦନ୍ତ ଚଳାଇଛି।

# ବନ୍ୟା ପାଣିରେ ଉଜୁଡ଼ି ଗଲା ସୁନାର ଫସଲ : ଚିନ୍ତାରେ ଚାଷୀ



ଭାପୁର, ( ମହାଭାରତ ) : ମହାନଦୀର ବନ୍ୟା ପାଣି ଏବଂ ଲଘଚାପ ଜନିତ ବର୍ଷା ପାଣିରେ ନୟାଗଡ଼ ଜିଲ୍ଲାର ଭାପୁର ବ୍ଲକ୍ ଅଞ୍ଚଳରେ ବ୍ୟାପକ ଫସଲ ନଷ୍ଟ ହୋଇଛି। ବିଶେଷ କରି ମଣିପୁର ଏବଂ ମାଣିତ୍ରୀ ଗାଁର ହେକ୍ଟର ହେକ୍ଟର ଚାଷ ଜମିରେ ଧାନ ଓ ପରିବା ଫସଲ ବନ୍ୟା ପାଣିରେ ପୋଚି ସଢ଼ୀ ନଷ୍ଟ ହୋଇଛି। ଚାଷୀଙ୍କ ଅଭିଯୋଗ ପ୍ରତି ବର୍ଷ ମହାନଦୀର ବନ୍ୟା ପାଣିରେ ସ୍ଥାନୀୟ ଅଞ୍ଚଳରେ ଫସଲ ନଷ୍ଟ ହେଉଥିବା ବେଳେ ସରକାରୀ ସହାୟତା ମିଳୁନାହିଁୟ ସେପଟେ ବନ୍ୟା ଅଞ୍ଚଳ ପରିଦର୍ଶନ କରିଛନ୍ତି ସ୍ଥାନୀୟ ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ ସ୍ୱାଇଁ ଏବଂ ଓଡିଶା ବିଧାନସୌଧ ବାଚସ୍ପତି ସୁରମା ପାଢୀ। ଚାଷୀଙ୍କ ସହ ଆଲୋଚନା କରିବା ପରେ ଜିଲ୍ଲା ପ୍ରଶାସନଙ୍କୁ ଫସଲ ନଷ୍ଟ ର କ୍ଷୟକ୍ଷତି ଆକଳନ କରି ସରକାରଙ୍କୁ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ମହାନଦୀର ବନ୍ୟା ପାଣିରେ ଉଜୁଡ଼ି ଗଲା ସୁନାର ଫସଲ। ଚିନ୍ତାରେ ଚାଷୀକୁଳ, ଲଘୁଚାପ ଜନିତ ବର୍ଷା ସାଙ୍ଗକୁ ମହାନଦୀର ଉଛୁଳା ବନ୍ୟା ପାଣିରେ ଅଧିକ କ୍ଷତିଗ୍ରସ୍ତ ହୋଇଛି ନୟାଗଡ଼ ଜିଲ୍ଲାର ଭାପୁର ବ୍ଲକ। ବନ୍ୟା ପାଣି ମାଡ଼ି ଆସିବାରୁ ଫତେଗଡ ପଞ୍ଚାୟତର ମଣିପୁର ଏବଂ କରବର ପଞ୍ଚାୟତର ମାଣିତ୍ରୀ ଗାଁର ଏକର ଏକର ଚାଷ ଜଳ ମଗ୍ନ ହୋଇଛି। ଗତ ୮ ତାରିଖରୁ ଜମିରେ ବନ୍ୟା ଜଳ ମାଡି ରହିଥିବାରୁ ପରିବା ଫସଲ ଜହ୍ନି, ବାଇଗଣ, ସାରୁ, କଖାରୁ, ଭେଣ୍ଡି, କଲରା, ପୋଟଳ, ଝୁଡଙ୍ଗ ଏବଂ ଧାନ, ଆଖୁ ବନ୍ୟା ପାଣିରେ ବୁଡି ପୋଚୀ ନଷ୍ଟ ହୋଇଛି। ଚାଷୀଙ୍କ ଅଭିଯୋଗ ଚଳିତ ବର୍ଷର ପ୍ରଥମ ମହାନଦୀର ବନ୍ୟା ଏବଂ ଲଘୁଚାପ ଜନିତ ବର୍ଷା ପାଣିରେ ଭାପୁର ବ୍ଲକ୍ ଅଞ୍ଚଳରେ ବ୍ୟାପକ ଧାନ ଓ ପରିବା ଫସଲ ନଷ୍ଟ ହୋଇଛି। ଉଜୁଡି ଯାଇଛି ଜମିରେ ବିଭିନ୍ନ ପ୍ରକାର ପନି ପରିବା ଫସଲ ସାଙ୍ଗକୁ ଧାନ ଏବଂ ଆଖୁ ଫସଲ। ଚାଷୀମାନେ ଧାରକରଜ କରି ଧାନ ଓ ପରିବା ଫସଲ କରି ପରିବାର ପ୍ରତି ପୋଷଣ କରୁଥିବା ବେଳେ ପରିବା ଫସଲ ଅମଳ ବେଳକୁ ବନ୍ୟା ଜଳ ଜମିରେ ମାଡି ଯିବାରୁ ବ୍ୟାପକ ଫସଲ ନଷ୍ଟ ହୋଇଛି। ବନ୍ୟା ପାଣିରେ ନଷ୍ଟ ହୋଇଥିବା ପରିବା ଏବଂ ଧାନ, ଆଖୁ ଫସଲ ର କ୍ଷୟକ୍ଷତି ଆକଳନ କରି ତୁରନ୍ତ ଚାଷୀଙ୍କୁ ସରକାରୀ ସହାୟତା ଯୋଗାଇ ଦେବା କୁ ଦାବି ହୋଇଛି। ସେପଟେ ଚଳିତ ବର୍ଷ ବନ୍ୟାରେ ଅଧିକ ପ୍ରଭାବିତ ହୋଇଥିବା ମଣିପୁର ଗାଁ ଲୋକଙ୍କ ଯାତାୟାତ ପାଇଁ ବ୍ଲକ୍ ପ୍ରଶାସନ ପକ୍ଷରୁ ଡଙ୍ଗା ଯୋଗାଇ ଦିଆଯାଉଛି। ଘଟଣା ସ୍ଥଳକୁ ଯାଇ ବନ୍ୟା ଅଞ୍ଚଳ ପରିଦର୍ଶନ କରିଛନ୍ତି ଖଣ୍ଡପଡା ବିଧାୟକ ଦୁଷ୍ମନ୍ତ ସ୍ୱାଇଁ ଏବଂ ଓଡିଶା ବିଧାନସୌଧ ବାଚସ୍ପତି ସୁରମା ପାଢୀୟ ଲୋକଙ୍କ ସହ ଆଲୋଚନା କରିବା ସହ କ୍ଷୟକ୍ଷତି ଆକଳନ ପାଇଁ କୃଷି ବିଭାଗର ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଚାରି ଦିନ ହେଲା ହେକ୍ଟର ହେକ୍ଟର ଜମିରେ ବନ୍ୟା ପାଣି ମାଡ଼ି ରହିଥିବା ରୁ ଧାନ ଓ ପରିବା ଫସଲ ଆଉ ଆଦାୟ ହେବନି। ଏହାକୁ ନେଇ ମଣିପୁର ଏବଂ ମାଣିତ୍ରୀ ଗାଁର ଚାଷୀମାନେ ଚିନ୍ତାରେ ଥିବାବେଳେ ଲଘୁଚାପ ଜନିତ ବର୍ଷା ବନ୍ୟା ପାଣିରେ ଅଧିକ କ୍ଷତିଗ୍ରସ୍ତ ହୋଇଛି ଧାନ ଫସଲ। ଚାଷୀମାନେ ଜମିରେ ଧାନ ରୁଆ ବେଉଷଣ କରିଥିବା ବେଳେ ଜମିରେ ଦୁଇ ରୁ ଚାରି ଫୁଟର ପାଣି ମାଡ଼ି ରହିଥିବା ରୁ ମହାନଦୀର ତଳିଆ ଅଞ୍ଚଳ କରବର, ବଡ଼ବର, ଗୁଡୁପଡା ମାଣିତ୍ରୀ ଓ ମଣିପୁର ଗାଁର ଏକର ଏକର ଚାଷ ଜମି ବନ୍ୟା ପାଣିରେ ବୁଡି ଫସଲ ନଷ୍ଟ ହୋଇଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ସେପଟେ ଭାପୁର ବ୍ଲକ ଉପାଧକ୍ଷ ବେଣୁଧର ପ୍ରଧାନ ଦାବି କରିଛନ୍ତି ଚାଷୀଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ। ବନ୍ୟା ପାଣିରେ ଭାପୁର ବ୍ଲକ୍ ୨୦ ଟି ଗାଁର ୯ ଶହ ହେକ୍ଟର ହେକ୍ଟର ଚାଷ ଜମି ନଷ୍ଟ ହୋଇଥିବା ବେଳେ କ୍ଷତିଗ୍ରସ୍ତ ହୋଇଥିବା ଚାଷଙ୍କୁ ଯୁଦ୍ଧକାଳୀନ ଭିତରେ କ୍ଷୟକ୍ଷତି ଆକଳନ କରି ସରକାରୀ ସହାୟତା ଯୋଗାଇ ଦେବା ପାଇଁ ଦାବି ହୋଇଛି।

## ବିଜେପି ଆମପାଣି ମଣ୍ଡଳ ପକ୍ଷରୁ ସଫେଇ କାର୍ଯ୍ୟ

କୋକସରା,(ମହାଭାରତ): କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ବଡ଼ପୋଡାଗୁଡା ଠାରେ ସୋମବାର ବିଜେପି ଆମପାଣି ମଣ୍ଡଳ ପକ୍ଷରୁ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ମଣ୍ଡଳ ସଭାପତି ଅର୍ଜୁନ ଭାଟିଙ୍କ ତ୍ୱାବାଧାନରେ ବଡପୋଡାଗୁଡା ଗାନ୍ଧୀ ଛକ ସମେତ ବିଭିନ୍ନ ସ୍ଥାନରେ ଦଳର କର୍ମକର୍ତ୍ତାମାନେ ସଫେଇ କରିବା ସହ ଜନ ସାଧାରଣଙ୍କୁ ସଚେତନତା ସୃଷ୍ଟି କରିଥିଲେ। ଏଥିରେ ମଣ୍ଡଳ ସାଧାରଣ ସମ୍ପାଦକ ସନ୍ତୋଷ ମାଝୀ, ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ଭଜମନ ନାଏକ, ନବ ନାଏକ, ଲିଙ୍ଗରାଜ ରାଠୋର, ପାରେଶ୍ୱର ପୂଝାରୀ, ଭୁବନେ ନାଏକ, ସନ୍ତୋଷ ସିଂ ସମେତ ଯୁବକ ସଂଘର କର୍ମକର୍ତ୍ତା ମାନେ ସାମିଲ ହୋଇଥିଲେ।

## ଜିଲ୍ଲାପାଳଙ୍କୁ ବିଦାୟ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ

ଗଜପତି(ମହାଭାରତ):ଜିଲ୍ଲା ସଦରମହକୁମା ସ୍ଥିତ ସ୍ଥାନୀୟ ଗ୍ରାମୀଣ ଆତ୍ମନିଯୁକ୍ତି ପ୍ରଶିକ୍ଷଣ କେନ୍ଦ୍ର ଠାରେ ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମିଞ୍ଜଙ୍କ ଅଧକ୍ଷତା ରେ ବିଦାୟ କାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଶ୍ରୀଯୁକ୍ତ ସ୍ମୃତି ରଞ୍ଜନ ପ୍ରଧାନଙ୍କୁ ଜିଲ୍ଲା ପ୍ରଶାସନ ତରଫରୁ ଶନିବାର ସନ୍ଧ୍ୟା ସମୟରେ ବିଦାୟ କାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଶ୍ରୀଯୁକ୍ତ ପ୍ରଧାନ ଏକ ବର୍ଷ ଦୁଇ ମାସ ଧରି ଗଜପତି ଜିଲ୍ଲାର ଜିଲ୍ଲାପାଳ ଭାବେ ରହି ଅନେକ ଗୁରୁ ପୂର୍ଣ୍ଣ କାର୍ଯ୍ୟ କରିଆସୁଥିଲେ। ବର୍ତ୍ତମାନ ସେ କେନ୍ଦ୍ରାପଡ଼ା ଜିଲ୍ଲାପାଳ ଭାବରେ ବଦଳି କରାଯାଇଛି। ସେ ଜଣେ ମିଷ୍ଟଭାଷୀ, ଦକ୍ଷ ପ୍ରଶାସକ, ପରିଶ୍ରମୀ ପ୍ରଶାସକ ବାଭରେ ଜିଲ୍ଲାର ସମସ୍ତ କର୍ମଚାରୀ ମାନଙ୍କୁ ନେଇ ଗୋଟିଏ ଟିମ୍ ଭାବରେ ଗଠନ କରି କାର୍ଯ୍ୟ କରିଆସୁଥିଲେ। ତାଙ୍କର ସରଳ ଓ ଅମାୟିକ ବ୍ୟବହାର ପାଇଁ ସେ ଜିଲ୍ଲାର ସମସ୍ତ କର୍ମଚାରୀ , ସନସାଧରଣ,ବରିଷ୍ଠ ନାଗରିକ ଓ ବୁଦ୍ଧିଜୀବୀ ମାନଙ୍କଠାରେ ନିକଟତର ହୋଇପାରିଥିଲେ। ଗଜପତି ଜିଲ୍ଲାର ବିକାଶ କ୍ଷେତ୍ରରେ ତାଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ବପୂର୍ଣ୍ଣ ଥିଲା, ତାଙ୍କ ସମୟରେ ବିଭିଓ ଜନ କଲ୍ୟାଣ କାରି କାର୍ଯ୍ୟ ସୂଚାରୁ ରୂପେ ସମ୍ପାଦନା କରି ଆସୁଥିଲେ।

ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଆରକ୍ଷୀ ଅଧିକ୍ଷକ ସୁଶ୍ରୀ ସ୍ୱାତୀ ଏସ୍.କୁମାର, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ଡ଼.ଗୁନାନିଧି ନାୟକ, ଛେଳିଗଡ ଭୂ-ଅଧିଗ୍ରହଣ ଅଧିକାରୀ ଶ୍ରୀ ରବିନ୍ଦ୍ର କହଁର,ଉପ-ଜିଲ୍ଲାପାଳ ଶ୍ରୀ ଅନୁପ ପଣ୍ଡା, ପ୍ରକଳ୍ପ ପ୍ରଶାସକ, ଅଧିବାସୀ ଉନ୍ନୟନ ସଂସ୍ଥା ପାରଳାଖେମୁଣ୍ଡି ଦିଲ୍ଲିପ କୁମାର ବେହେରା, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶ୍ରୀ ସୁନୀଲ କାନ୍ତ ମହାନ୍ତି ପ୍ରମୁଖ ମଞ୍ଚାସିନ ଥିଲେ। ଏହି ସଭାରେ ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର ଏବଂ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ସମେତ ବିଭିନ୍ନ ଅନୁଷ୍ଠାନ କର୍ମକର୍ତ୍ତା ଓ ବରିଷ୍ଠ ନାଗରିକ ପ୍ରମୁଖ ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବ ସଭାରେ ଉପସ୍ଥିତ ଥିଲେ।

## ଓଡିଶା ଗ୍ରାମ ପଞ୍ଚାୟତ କର୍ମଚାରୀ ସଙ୍ଘର ସାଙ୍ଗଠନିକ ବୈଠକ

ଆସିକା(ମହାଭାରତ): ଓଡ଼ିଶା ଗ୍ରାମପଞ୍ଚାୟତ କର୍ମଚାରୀ ସଂଘର ଜିଲ୍ଲା ସ୍ତରୀୟ ସାଙ୍ଗଠନିକ ବୈଠକ ଅନୁଷ୍ଠିତ । ସଂଗଠନ କୁ ସୁସଂଗଠିତ କରାଇବା ପାଇଁ ଆଜି ଜିଲ୍ଲା ସମ୍ପାଦକ ତାରିଣୀ ଚରନ ଭୂୟାଁଙ୍କ ନେତୃତ୍ୱ ରେ ଗଞ୍ଜାମ ଜିଲ୍ଲା ଆସିକା ବ୍ଲକ ଅନ୍ତର୍ଗତ ନଳବଣ୍ଟା ଗ୍ରାମପଞ୍ଚାୟତ ରାଜୀବ ଗାନ୍ଧି ସେବା କେନ୍ଦ୍ର ଠାରେ ଜିଲ୍ଲା ସ୍ତରୀୟ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଥିଲା। ଉକ୍ତ ବୈଠକ ରେ ମୂଖ୍ୟ ଅତିଥି ଭାବେ ସର୍ବଭାରତୀୟ ଶ୍ରମିକ ସଂଗଠନ ର ସଭାପତି ପ୍ରତାପ ଚନ୍ଦ୍ର ପ୍ରଧାନ ଯୋଗଦେଇଥିବା ବେଳେ, ମୂଖ୍ୟ ବକ୍ତା ଭାବେ ଶ୍ରମିକନେତା ଭାଲଚନ୍ଦ୍ର ଷଡ଼ଙ୍ଗୀ ଯୋଗଦେଇ ଥିଲେ। ସ୍ଥାୟୀ ଚାକିରୀ ଓ ନିୟମିତ ଦରମା ତଥା ସମାନ କାମ କୁ ସମାନ ଦରମା ଦିଆଯାଉ ବୋଲି ପୁର୍ବରୁ ଦୀର୍ଘଦିନ ଧରି ଦାବି ହୋଇ ଆସୁଥିଲେ ମଧ୍ୟ ସରକାର ଏଥି ପ୍ରତି କର୍ଣ୍ଣପାତ କରିନାହାନ୍ତି। ହେଲେ ସମୁଦ୍ର କୁ ଶଙ୍ଖେ ଭଳି ପଞ୍ଚାୟତ କାର୍ଯ୍ୟାଳୟ ରୁ ପିୟନ୍ କର୍ମଚାରୀ କୁ ହାତଟେକା ୨୦୦,୫୦୦, କିମ୍ବା ୧୦୦୦ ଟଙ୍କା ଦରମା ମିଳେ। କିନ୍ତୁ ତାହା ଭି ପୁଣି ମାସକୁ ମାସ ମିଳେ ନାହିଁ। ସରକାରଙ୍କ ଭତ୍ତା,ଚାଉଳ, କିରୋସିନ ବଣ୍ଟନ ଠାରୁ ଆରମ୍ଭ କରି ଗ୍ରାମସଭା, ପଲିସଭାରେ ମଧ୍ୟ ସହଯୋଗ କରୁଛୁ। ତଥାପି ସରକାର ଆମ ଉପରେ ଦୃଷ୍ଟି ଦେଉ ନଥିବା କହିଛନ୍ତି ଜିଲ୍ଲା ସଭାପତି ଅରୁପାନନ୍ଦ ଡାକୁଆ। ଯଦି ଦାବୀ ପୂରଣ ନ ହୁଏ ତାହେଲେ ଆଗମୀ ଦୀନରେ ସଂଗଠନ ପକ୍ଷରୁ ବିରାଟ ଧରଣର ଆନ୍ଦୋଳନ କରିବା ସାଙ୍ଗକୁ ରାଜରାସ୍ତାକୁ ଓହ୍ଲାଇବୁ କହିଛନ୍ତି ଜିଲ୍ଲା ସମ୍ପାଦକ। ଉକ୍ତ କାର୍ଯ୍ୟକ୍ରରେ ଗଞ୍ଜାମ ଜିଲ୍ଲାର ୨୨ଗୋଟି ବ୍ଲକର ସମସ୍ତ ସଭାପତି, ସମ୍ପାଦକ ତଥା ସମସ୍ତ ସଭ୍ୟ ମାନେ ଯୋଗଦେଇ ଥିଲେ।

## ହରଘର ତ୍ରିରଙ୍ଗା କାର୍ଯ୍ୟକ୍ରମ ପାଇଁ ବ୍ଲକ ସ୍ତରୀୟ ବୈଠକ ଅନୁଷ୍ଠିତ



ଅସ୍ତରଙ୍ଗ,(ମହାଭାରତ):ଉଭୟ ସରକାର ଙ୍କ ହରଘର ତ୍ରିରଙ୍ଗା କାର୍ଯ୍ୟକ୍ରମ କୁ ସଫଳ କରିବା ପାଇଁ ଆଜି ଅସ୍ତରଙ୍ଗ ପଞ୍ଚାୟତସମିତି କାର୍ଯ୍ୟାଳୟ ରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଏହି ବୈଠକ ରେ ସରକାର ଙ୍କ କିଛି ଖସଡ଼ା କୁ ଆଲୋଚନା କରାଯାଇଥିଲା, ଏହି ଖସଡ଼ା ର ମୁଖ୍ୟ ଉଦ୍ଦେଶ୍ୟ ଚଳିତ ୭୮ ତମ ସ୍ୱାଧୀନତା ଦିବସ କୁ କିପରି ସମସ୍ତ ପଞ୍ଚାୟତ ଓ ବ୍ଲକ ସ୍ତରରେ ନିଆରା ଭାବେ ପାଳନ କରାଯିବ, ସରକାର ଙ୍କ ନିର୍ଦ୍ଦେଶ ଅନୁସାରେ କେତେଗୋଟି ମୁଖ୍ୟ ପ୍ରସ୍ତାବ ଉପରେ ଆଲୋଚନା ହୋଇଥିଲା ଯଥା ବ୍ଲକ ଓ ପଞ୍ଚାୟତ ସ୍ତରରେ ଜାତୀୟ ପତାକା କୁ ଧରି ପଦଯାତ୍ରା, ବାଇକ ଓ ସାଇକେଲ ରେ ତ୍ରିରଙ୍ଗା ସହିତ ଶୋଭାଯାତ୍ରା, ରୋଡ଼ ସୋ ସହିତ ମାରାଥନ, ବିଭିନ୍ନ ପଞ୍ଚାୟତ ରେ ଛୋଟ ଛୋଟ ପିଲା ମାନଙ୍କ ଦ୍ୱାରା ଜାତୀୟ ସଙ୍ଗୀତ ଗାନ ଓ ଦେଶାତ୍ମବୋଧକ ପ୍ରତିଯୋଗିତା, କାନ୍ଭାସ ରେ ଲୋକ ମାନଙ୍କ ଦ୍ୱାରା କିଛି ଦେଶାତ୍ମବୋଧକ ବାକ୍ୟ ସହିତ ଦସ୍ତଖତ ଅଭିଯାନ, ତା ସହିତ ତ୍ରିରଙ୍ଗା କୁ ନେଇ ସେଲ୍ଫି, ସବୁଠୁ ବଡ଼ କଥା ନିଜ ନିଜ ଅଞ୍ଚଳ ର ସ୍ୱାଧୀନତା ସଂଗ୍ରାମୀ ମାନଙ୍କୁ ସାକ୍ଷାତ କରି ତାଙ୍କୁ ସାଧୁବାଦ ଜଣାଇବା,ଏହି କାର୍ଯ୍ୟକ୍ରମ ରେ ଅସ୍ତରଙ୍ଗ ବ୍ଲକ ଅଧକ୍ଷା ଶ୍ରୀମତୀ ଆରତୀ ନାୟକ ଅଧକ୍ଷତା କରିବା ସହିତ ତାଙ୍କ ସହିତ ମଣ୍ଡଳ ଉନ୍ନୟନ ଅଧିକାରୀ ସସ୍ମିତା ବେହେରା, ଅତିରିକ୍ତ ବିଡ଼ିଓ ଯୋଗେନ୍ଦ୍ର ମହାକୁଡ଼, ବ୍ଲକ ଉପାଧକ୍ଷ ଦୁର୍ଯ୍ୟ ମିଶ୍ର, ଜିପିଡିଓ ସତ୍ୟ ସ୍ୱରୂପ ବିଶ୍ୱାଳ, ଆରଡବ୍ଲୁଏସ ଏସ ର ଅତିରିକ୍ତ ଯନ୍ତ୍ରୀ ସତ୍ୟ ଶଙ୍କର ମହାନ୍ତି, ବିପିଏମ ପାର୍ଥ ସାରଥୀ ମହାନ୍ତି ଅତିଥି ରୂପେ ଯୋଗ ଦେଇ ଉପସ୍ଥିତ ସମସ୍ତ ସରପଞ୍ଚ, ସମିତି ସଭ୍ୟ, ଜିଆରଏସ, ପିଇଓ,ଆସିଥିବା ମିଶନ ଶକ୍ତି ଗ୍ରୁପ ର ମହିଳା, ବ୍ଲକ ର ବିଭିନ୍ନ ବିଭାଗ ର ଅଧିକାରୀ ମାନଙ୍କୁ ହର ଘର ତ୍ରିରଙ୍ଗା କାର୍ଯ୍ୟକ୍ରମ ଉପରେ ପରାମର୍ଶ ଦେଇଛନ୍ତି,ଏହି କାର୍ଯ୍ୟକ୍ରମ ପାଇଁ ସରକାର ଙ୍କ ତରଫରୁ ପ୍ରତ୍ୟେକ ପଞ୍ଚାୟତ କୁ ୫୦୦୦/-ଟଙ୍କା ଓ ବ୍ଲକ କୁ ୫୦, ୦୦୦/- ଟଙ୍କା ମଞ୍ଜୁର କରାଯାଇଛି ବୋଲି ବିଡ଼ିଓ ଶୁଭସ୍ମିତା ବେହେରା ସୂଚନା ଦେଇଛନ୍ତି, ତା ସହିତ ଆଜିର ପ୍ରଥମ ଦିନ ରେ ଅସ୍ତରଙ୍ଗ କାକଟପୁର ଅଞ୍ଚଳ ର ମହାନ ସ୍ୱାଧୀନତା ସଂଗ୍ରାମୀ ସୋମନାଥ ପାତ୍ର ଅସୁସ୍ଥ ଥିବାରୁ ତାଙ୍କୁ ବ୍ଲକ ଅଧକ୍ଷା ଓ ବିଡ଼ିଓ ଭୁବନେଶ୍ୱର ସ୍ଥିତ ବାସଭବନ ରେ ଯାଇ ସାକ୍ଷାତ କରିଥିଲେ ଓ କାନ୍ଭାସ ରେ ପ୍ରଥମେ ବ୍ଲକ ଅଧକ୍ଷା ଶ୍ରୀମତୀ ଆରତୀ ନାୟକ ମେରା ଭାରତ ମହାନ ଲେଖିବା ସହିତ ଦସ୍ତଖତ କରି ଏହାର ଶୁଭଉଦ୍ଘାଟନ କରିଛନ୍ତି।

## ଅଧାପକଙ୍କୁ ହାଣି ଚମ୍ପଟ ମାରିଲେ ଦୁର୍ବୃତ୍ତ

କପ୍ତିପଦା -(ମହାଭାରତ ): କପ୍ତିପଦା - ପଛରୁ ଆସିଲେ ହାତରେ ବଡ ଭୁଜାଲି ଧରି ହାଣିଲେ ।ଆଉ ମୁଣ୍ଡରେ ହେଲମେଟ ଥିବାରୁ ଅଳ୍ପକେ ଜୀବନ ବଂଚାଇପାରିଲେ ଅଧାପକ । ଏଭଳି ଘଟଣା ଘଟିଛି କପ୍ତିପଦା ଥାନା କୁକୁରଡିମା ଛକ ନିକଟରେ । କପ୍ତିପଦା ଥାନା ନୁଦଡିହା ମେଘାସନ ମହାବିଦ୍ୟାଳୟ ଯୁକ୍ତ ୩ ଗଣିତ ବିଭାଗର ଅଧାପକ ରୂପେଶ କୁମାର ମହାପାତ୍ର ଆଜି କଲେଜ ଯାଉଥିଲେ । ବାଇକରେ କଲେଜ ଯାଉଥିବା ବେଳେ କୁକୁରଡିମା ଛକ ନିକଟରେ ଦୁଇ ଜଣ ଯୁବକ ପଛ ପାଖରୁ ବାଇକରେ ଆସି ଏକ ବଡ ଭୁଜାଲିରେ ତାଙ୍କ ମୁଣ୍ଡକୁ ହାଣିଥିଲେ । ଅଧାପକ ରୂପେଶ ହେଲମେଟ ପିନ୍ଧିଥିବାରୁ ଭୁଜାଲି ଚୋଟ ହେଲମେଟରେ ବାଜିଥିବା ବେଳେ ଅଳ୍ପକେ ବର୍ତି ଯାଇଥିଲେ ରୂପେଶ । ହେଲେ ଦୁଇ ଦୁର୍ବୃତ୍ତ ପୁଣି ଭୁଜାଲିରେ ତାଙ୍କୁ ହାଣିଥିବା ବେଳେ ତାଙ୍କ କାନ୍ଧରେ ଗୁରୁତର କ୍ଷତ ହୋଇଥିଲା । ଯାହାକି ରୂପେଶ ଆକ୍ରମଣ ଜାଣି ପାରି ଘଟଣାସ୍ଥଳରୁ ଖସିଯିବାକୁ ନିଜ ବାଇକ ବୁଲାଇଥିବା ବେଳେ ଦୁର୍ବୃର୍ତମାନେ କିଛି ବାଟ ତାଙ୍କୁ ଗୋଡାଇଥିଲେ । ହେଲେ ସେ ନିକଟସ୍ଥ ଗ୍ରାମ ଭିତରକୁ ପଶିଯିବାରୁ ଦୁବୃର୍ତମାନେ ସେଠାରୁ ଖସି ଚାଲିଯାଇଥିଲେ । ତେବେ କେଉଁ କାରଣରୁ ସ୍ପଷ୍ଟ ଦିବା ଲୋକରେ ବିଟ୍ ରାସ୍ତାରେ ରାଜ୍ୟ ରାଜପଥରେ ଜଣେ ଅଧାପକଙ୍କୁ ଏପରି ଦୁଇ ଜଣ ଦୁବୃର୍ତ ହାଣିଲେ ତାହାର ଖୋଳତାଡ କରୁଛି ପୋଲିସ୍ । ହେଲେ କେଉଁ କାରଣରୁ ଏହି ମରଣାନ୍ତକ ଆକ୍ରମଣ ହୋଇଛି ତାହା ଅସ୍ପଷ୍ଟ ରହିଛି ।

## କେନାଲରେ ଭାସୁଥିବା ଅଜଣା ଶବ ଉଦ୍ଧାର

ଭବାନୀପାଟଣା (ମହାଭାରତ)ଉତେଇ ଜଳସେଚନ ପ୍ରକଳ୍ପ ଅଧୀନ ଉତେଇ କେନାଲରେ ଜଣେ ଅଜଣା ବ୍ୟକ୍ତିଙ୍କ ଶବ ଭାସି ଆସୁଥିବା ଦେଖାଯାଇଛି ।ଶବଟି ବର୍ତମାନ କର୍ଲାମୁଣ୍ଡା ବ୍ଲକର ରିଷିଡା କଲେଜ ଛକ ନିକଟ କେନାଲରେ ଭାସିଚାଲୁଥିବା ବେଳେ ସ୍ଥାନୀୟ ଲୋକଙ୍କ ଉଦ୍ୟମରେ ଉଦ୍ଧାର କରାଯାଇଛି । କର୍ଲାମୁଣ୍ଡା ଫାଣ୍ଡି ଅଧିକାରୀ ଥବିର ବରିହାଙ୍କ ନେତୃତ୍ବରେ କର୍ଲାମୁଣ୍ଡା ଓ ରିଷିଡା ଫାଣ୍ଡିର ପୁଲିସ କର୍ମଚାରୀ ଘଟଣାସ୍ଥଳରେ ଉପସ୍ଥିତ ଅଛନ୍ତି ୟ ମୃତକ ଜଣକ ୫୦ରୁ ଉର୍ଦ୍ଧ୍ୱ ବୟସ ବ୍ୟକ୍ତି ହୋଇଥିବା ବେଳେ ତାଙ୍କ ପରିଚୟ ମିଳିପାରିନାହିଁ ।

## ଦେଶୀ ମଦ ଓ ଭାଙ୍ଗ ଜବତ,ଅଭିଯୁକ୍ତ କୋର୍ଟ ଚାଲାଣ

ବେଗୁନିଆ, (ମହାଭାରତ): ଖୋର୍ଦ୍ଧା ଜିଲ୍ଲା ଅବକାରୀ ଥାନା ଅଧିକ୍ଷିକା ସୁମତି ତ୍ରିପାଠୀଙ୍କ ନିର୍ଦ୍ଦେଶକ୍ରମେ ବେଗୁନିଆ ଅବକାରୀ ଥାନା ପୁଲିସ ବିଭିନ୍ନ ସ୍ଥାନରେ ଚଢାଉ କରି ୫୧ ଲିଟର ଦେଶୀ ମଦ ଓ ୨ କେଜି ଭାଙ୍ଗ ଜବତ କରିବା ସହ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି । ବେଗୁନିଆ ଅବକାରୀ ଥାନା ଉପ ନୀରିକ୍ଷକ ଏନ ଜାଗିନ ରାଓଙ୍କ ସୂଚନା ଅନୁଯାୟୀ ବୋଲଗଡ ଥାନା ଅନ୍ତର୍ଗତ ଅସରଳା ଗ୍ରାମର ବିନୋଦ ସାମନ୍ତରାୟ, କପାସିଆ ଗ୍ରାମର ବ୍ରଜ କିଶୋର ଶ୍ରୀ ଚନ୍ଦନ, ସଂପୁର ଗ୍ରାମର ଛବିନ୍ଦ୍ର ସାହୁଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଅନ୍ୟ ପକ୍ଷରେ ବାଙ୍କୋଇ ଗ୍ରାମର ଅଶାନ୍ତି ପ୍ରଧାନଙ୍କୁ ଭାରତୀୟ ନାଗରିକ ନ୍ୟାୟ ସଂହିତାର ୩୫(୩) ରେ ଛାଡି ଦିଆ ଯାଇଛି ବୋଲି ସୂଚନା ଦେଇଛନ୍ତି ।

## ଅନୁପ୍ରବେଶକାରୀଙ୍କୁ ଚିହ୍ନଟ ପାଇଁ ଯୁବମୋର୍ଚ୍ଚା ପକ୍ଷରୁ ରାଜ୍ୟପାଳଙ୍କୁ ଦାବିପତ୍ର

କେନ୍ଦୁଝର(ମହାଭାରତ) :କେନ୍ଦୁଝର ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ଚିହ୍ନଟ ପାଇଁ ଯୁବମୋର୍ଚ୍ଚା ପକ୍ଷରୁ ସୋମବାର ଦିନ କେନ୍ଦୁଝର ଜିଲ୍ଲାପାଳ ଙ୍କ ଜରୀଆରେ ମହାମହିମ ରାଜ୍ୟପାଳଙ୍କୁ ଭାରତୀୟ ଜନତା ଯୁବମୋର୍ଚ୍ଚା, କେନ୍ଦୁଝର ଜିଲ୍ଲା ପକ୍ଷରୁ ଜିଲ୍ଲା ଯୁବମୋର୍ଚ୍ଚା ସଭାପତି ସବୀର ଦାଶ ଙ୍କ ନେତୃତ୍ୱରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ପଡ଼ୋଶୀ ଦେଶ ବାଂଲାଦେଶରେ ହିନ୍ଦୁଙ୍କ ପ୍ରତି ଅମାନବୀୟ ଅତ୍ୟାଚାର ଭାରତରେ ବସବାସ କରୁଥିବା ସମସ୍ତ ହିନ୍ଦୁ ସମାଜକୁ ବ୍ୟଥିତ କରୁଅଛି ଓ ହିନ୍ଦୁଙ୍କ ପ୍ରତି ଆକ୍ରମଣ ଏବଂ ଅତ୍ୟାଚାର ଭାରତର ନାଗରିକଙ୍କୁ କଷ୍ଟ ଦେବା ସ୍ୱାଭାବିକ ବିଗତ ବର୍ଷ ମାନଙ୍କରେ ଆମ ଦେଶକୁ ବିଭିନ୍ନ କର୍ମ ନିଯୁକ୍ତି ବାଂଲାଦେଶୀ ଅନୁପ୍ରବେଶକାରୀ ପ୍ରବେଶ କରିବା ଦେଖିବାକୁ ମିଳିଅଛି । କିଏ ଫେରି ବାଲା ତ କିଏ ରାଜମିସ୍ତ୍ରୀ କାମରେ ଆମ ଦେଶର ପ୍ରାୟ ସମସ୍ତ ଗ୍ରାମରେ ପ୍ରବେଶ କରି ଅବାଧ ରେ କାମ କରି ଚାଲୁଥିବା ଅଭିଯୋଗ କରିଛି ବିଜେପି ଯୁବମୋର୍ଚ୍ଚା। ।ଯେପରି ଭାବରେ ଧର୍ମକୁ ଆଧାର କେନ୍ଦ୍ର କରି ପଡ଼ୋଶୀ ବାଂଲାଦେଶୀ ମାନେ ନିଜ ଦେଶରେ ହିନ୍ଦୁଙ୍କ ଉପରେ ଆକ୍ରମଣ କରୁଛନ୍ତି ।ସେପରି ମାନସିକତା ଥିବା ବ୍ୟକ୍ତି ଆମ ଦେଶର ଗାଁ,ସହର ମାନଙ୍କରେ ପ୍ରବେଶ କରିବା ଦେଶର ଜନତାଙ୍କ ପ୍ରତି ବିପଦ ସୃଷ୍ଟି କରୁଅଛି ।

## ନିଆରା ଢଙ୍ଗରେ ପାଳିତ ହେବ ନନ୍ଦ ଉତ୍ସବ



ଯୋଡ଼ା,(ମହାଭାରତ) କୃଷ୍ଣଲୀଳା ଭଳି ନିଆରା ଲୋକକଳା ମାଧ୍ୟମରେ ଆଧାତ୍ମିକ ବାତାବରଣ ସୃଷ୍ଟି କରିବା ପୂର୍ବକ ସମାଜକୁ ଶୃଙ୍ଖଳିତ କରିବା ଲକ୍ଷ୍ୟ ରେ କେନ୍ଦୁଝର ଜିଲ୍ଲାରେ ଗଢି ଉଠିଥିବା କୃଷ୍ଣଲୀଳା ଲୋକନୃତ୍ୟ ସଂଘ ଆନୁକୂଲ୍ୟରେ ଚଳିତ ବର୍ଷ ଆନନ୍ଦ ଉଲ୍ଲାସରେ ପାଳିତ ହେବ ନନ୍ଦ ଉତ୍ସବ। ଏଥିପାଇଁ ରବିବାର କୃଷ୍ଣଲୀଳା ଲୋକନୃତ୍ୟ ସଂଘର ସମ୍ପାଦକ ନିର୍ମଳ ଚନ୍ଦ୍ର ବାରିକ ଙ୍କ ତତ୍ତ୍ୱାବଧାନରେ ଯୋଡ଼ା ବ୍ଲକ,ପଳସା ରାସ ମଣ୍ଡପ ଠାରେ ସଂଘ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ କରାଯାଇ କାର୍ଯ୍ୟକ୍ରମ ର ରୂପରେଖ ପ୍ରସ୍ତୁତ ହୋଇଛି। ଚଳିତବର୍ଷ ପ୍ରଥମଥର ପାଇଁ ସଂଘ ପକ୍ଷରୁ ନନ୍ଦଉତ୍ସବ ଆୟୋଜିତ ହେଉଥିବାବେଳେ ଏହାକୁ ନିଆରା ଢଙ୍ଗରେ କରିବାକୁ ବ୍ୟାପକ ବ୍ୟବସ୍ଥା କରାଯିବାର ଲକ୍ଷ୍ୟ ରହିଛି। କାର୍ଯକ୍ରମରେ ୫୦ ଗୋଟି କୃଷ୍ଣଲୀଳା ଦଳର ପ୍ରତିନିଧି ମଣ୍ଡଳୀ ଯୋଗଦାନ କରିବାର ଯୋଜନା ରହିଥିବାବେଳେ ୫ ଗୋଟି କୃଷ୍ଣଲୀଳା ଲୋକନୃତ୍ୟ ଦଳ ନୃତ୍ୟ ପରିବେଷଣ କରିବେ। ଏହା ବ୍ୟତୀତ ମୃଦଙ୍ଗ, ଝାଞ୍ଜର ତାଳେ ତାଳେ କୃଷ୍ଣ,ବଳରାମ,ନନ୍ଦ,ଯଶୋଦା ଙ୍କ ଗ୍ରାମ ପରିକ୍ରମା କାର୍ଯ୍ୟକ୍ରମ ସହିତ ସାମୁହିକ ପ୍ରସାଦ ସେବନ କାର୍ଯ୍ୟକ୍ରମ ରହିଥିବା ସଂଘ ର ସମ୍ପାଦକ ନିର୍ମଳ ବାରିକ କହିଛନ୍ତ। ଅନ୍ୟମାନଙ୍କ ମଧ୍ୟରେ କୃଷ୍ଣଲୀଳା ଲୋକନୃତ୍ୟ ସଂଘର ଉପଦେଷ୍ଟା ଶରତ କୁମାର ବାରିକ, ରାଉତରାୟ ଆପଟ୍ଟ,ଘସ୍ରନାଥ ବେହେରା, ସଂଯୋଜକ ଶଙ୍କର୍ଷଣ ବେହେରା,ସହକାରୀ କୋଷାଧ୍ୟକ୍ଷ ଗଜେନ୍ଦ୍ର ବାରିକ,କାର୍ଯ୍ୟକାରୀ ସଦସ୍ୟ ସୁଶାନ୍ତ ବାରିକ,ସନ୍ତୋଷ କୁମାର ବାରିକ ଙ୍କ ସହିତ ପଳସା ଗ୍ରାମବାସୀ ଏହି ବୈଠକ ରେ ଉପସ୍ଥିତ ରହିଥିଲେ।

## ଖାଲି ପଡ଼ିଥିବା ଡାକ୍ତର ପଦବୀ ପୂରଣ ଦାବୀ



ଅନୁଗୁଳ (ମହାଭାରତ): , ଅନୁଗୁଳ ଗସ୍ତରେ ଆସିଥିବା ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କୁ ଜିଲ୍ଲାର ସ୍ୱେଚ୍ଛାସେବୀ ମାନଙ୍କ ତରଫରୁ ବିଭିନ୍ନ ଖାଲିପଡ଼ିଥିବା ଡାକ୍ତର ପଦବୀ ପୂରଣ ନେଇ ଦାବୀପତ୍ର ପ୍ରଦାନ କରିଯାଇଅଛି ।ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଶତାଧିକ ରୋଗୀ ଚିକିତ୍ସା ପାଇଁ ଆସୁଥିବା ବେଳେ ଦୀର୍ଘଦିନ ଧରି ଜିଲ୍ଲାରେ ଜଣେ ମାତ୍ର ମେଡିସିନ ଡାକ୍ତର ରହିଥିବା କାରଣରୁ ସ୍ୱାସ୍ଥ୍ୟସେବାରେ ବ୍ୟାହତ ଘଟିଛି । ଏଥିସହିତ ଅନୁଗୁଳରେ ହୃଦରୋଗ ଓ କିଡନୀ ରୋଗୀଙ୍କ ସଂଖ୍ୟା ମଧ୍ୟ ବୃଦ୍ଧି ପାଇଛି ।ଯେଉଁ ବିଭାଗର ଜଣେବି ନିୟମିତ ଡାକ୍ତର ନାହାନ୍ତି । ଏଠାରେ ହୃଦରୋଗ ଜନିତ ଆବଶ୍ୟକୀୟ ପରୀକ୍ଷଣ ଯେପରିକି ଇକୋ ଓ ଟ୍ରେଡମିଲ୍ ଉପକରଣ ମହଜୁଦ ନାହିଁ । ଫଳରେ ଉତ୍ତମ ଚିକିତ୍ସା ପାଇବାରୁ ଲୋକମାନେ ବଞ୍ଚିତ ହେଉଥିବା ବେଳେ ରୋଗୀ ମୃତ୍ୟୁ ମୁଖରେ ପଡୁଛନ୍ତି । ଆହୁରି ମଧ୍ୟ କିଡନୀ ରୋଗୀଙ୍କ ଚିକିତ୍ସା ପାଇଁ ଡାକ୍ତରଖାନାରେ ଡାଏଲୋସିସ୍ ବ୍ୟବସ୍ଥା ରହିଥିଲେ ମଧ୍ୟ ବିଭାଗୀୟ ଡାକ୍ତର ନେଫ୍ରୋଲୋଜିଷ୍ଟ ନଥିବାରୁ ଚିକିତ୍ସା ହୋଇପାରୁନାହିଁ ବୋଲି ସ୍ୱେଚ୍ଛାସେବୀ ମାନେ ଦାବୀପତ୍ରରେ ଉଲ୍ଲେଖ କରିଛନ୍ତି । ଏଥିସହିତ ଅନୁଗୁଳରେ ମେଡିକାଲ କଲେଜ ପାଇଁ ତାଳଚେର ହୋଇଥିବା ମେଡିକାଲ କଲେଜର ଡାକ୍ତରୀ ଶିକ୍ଷା ପ୍ରଦାନ କରାଯାଇ ଅନୁଗୁଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା ବ୍ୟବସ୍ଥା କରାଯାଉ ବୋଲି ପ୍ରସ୍ତାବ ଦିଆଯାଇଅଛି। ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ସାକ୍ଷାତ ସମୟରେ ସ୍ୱେଚ୍ଛାସେବୀ ଦଳର ପ୍ରତିନିଧିମାନଙ୍କ ମଧ୍ୟରେ ପର୍ଶୁରାମ ଦାଶ, ପ୍ରତାପ ମହାପାତ୍ର,ଆଦ୍ୟଶ୍ଳୋକ ମିଶ୍ର,ଗୁରୁ ଚରଣ ଗଡତିଆ,ଜୁଲୁ କୁମାର ସାହୁ ଓ ସ୍ୱରୁପ କୁମାର ପାଢୀ ପ୍ରମୁଖ ଉପସ୍ଥିତି ଥିଲେ।

# ବାଲିଗୁଡା ଅଞ୍ଚଳରୁ କେବେ ତଡା ଖାଇବେ ରୋହିଙ୍ଗ୍ୟା ବାଂଲାଦେଶୀ ମୁସଲିମ୍

**କନ୍ଧମାଳ,(ମହାଭାରତ) :** ଜିଲ୍ଲାରେ ଦିନକୁ ଦିନ ବଢିବାରେ ଲାଗିଛି ରୋହିଙ୍ଗ୍ୟାକ୍ଷ ଓ ବାଂଲାଦେଶୀ ।କିଛି ଦିନ ହେଲା ଏହି ରୋହିଙ୍ଗ୍ୟା ଓ ବାଂଲାଦେଶୀ ମୁସଲିମ୍ ମାନେ ହଜାର ହଜାର ସଂଖ୍ୟାରେ ବିଭିନ୍ନ ସାହିରେ ଭଡା ଘର ମାନଙ୍କରେ ରହି ବିଭିନ୍ନ ପ୍ରକାରର ବେପାର କରୁଥିବା ଦେଖିବାକୁ ମିଳିଛି ।ଏହି ବାଂଲାଦେଶୀ ଓ ରୋହିଙ୍ଗ୍ୟା ବାଲିଗୁଡା ଅଞ୍ଚଳରେ ବସବାସ କଲାଠାରୁ ବାଲିଗୁଡା ଅଞ୍ଚଳରେ ଅପରାଧ ବୃଦ୍ଧି ପାଇବାରେ ଲାଗିଛି। ଏମାନେ ଦିନରେ ଫେରୀ ରାତିରେ ଚୋରୀ ନିତି ଧରିଥିବା ଅଭିଯୋଗ ହେଉଛି । ଏମାନେ ବିଭିନ୍ନ ଗ୍ରାମାଞ୍ଚଳ କୁ ଯାଇ କୁକୁଡ଼ା ଚିଆଁ, ଲୁଗାପଟା, ଚେୟାର, ଗ୍ୟାସ ଚୁଲି, ବେଡସିଟ୍ , ରସ , ଡିକିଚି ଭଳି ବିଭିନ୍ନ ପ୍ରକାର ସାମଗ୍ରୀ ବେପାର ଆଳରେ ଲୋକ ମାନଙ୍କ ସହିତ ବନ୍ଧୁତା ସ୍ଥାପନ କରି ସେହି ଅଞ୍ଚଳରରେ ରହିବାର ସୁଯୋଗ ପାଇଥାନ୍ତି । ଧିରେ ଧିରେ କନ୍ଧମାଳ ଜିଲ୍ଲାରେ ବଢି ଚାଲିଥିବା ଗଞ୍ଜେଇ ଚାଷୀ ମାନଙ୍କୁ ଟଙ୍କା ର ଲୋଭ ଦେଖାଇ ସେମାନଙ୍କୁ ନିଜ ପଟେ ଆକୃଷ୍ଟ କରିବାରେ ଲାଗିଥିବା ଦେଖିବାକୁ ମିଳିଛି। ବେପାର ଆଳରେ ଆସି ଜିଲ୍ଲାରେ ଗଞ୍ଜେଇ ଚାଲଣ,ବ୍ରାଉନସୁଗାର ବେପାର କରିବାରେ ମୂଖ୍ୟ ପୁରୋଧା ସାଜିଛନ୍ତି ଏହି ରୋହିଙ୍ଗ୍ୟା ଓ ବାଂଲାଦେଶୀ ମାନେ ।ବିଶେଷ ସୂତ୍ରରୁ ସୂଚନା ମିଳିଛିଯେ ଏହି ବାଂଲାଦେଶୀ ଓ ରୋହିଙ୍ଗ୍ୟା ମୁସଲିମ୍ ମାନେ ବାଲିଗୁଡା ଏନ୍ଏସି ଓ ବିଭିନ୍ନ ବ୍ଲକରେ କିଛି ଝିଅକୁ ଭଲ ପାଇ ବିବାହ କରି କିଛି ସରକାରୀ ଓ ବେସରକାରୀ ଜମିକୁ ହଡପ କରୀ ବିଭିନ୍ନ ଉପାୟରେ ରାସନ କର୍ଡ,ଭୋଟର କାର୍ଡ,ଆଧାର କାର୍ଡ, ଆବାସ ଯୋଜନା ହାତେଇବାରେ ସକ୍ଷମ ହୋଇଥିବା ଜଣାପଡିଛି । ପ୍ରଶାସନ ସବୁ ଜାଣି ମଧ ଚୁପ୍ ବସିବା, ଜିଲ୍ଲାରେ ଅପରାଧିକ ବୃଦ୍ଧିକୁ ରୋକିବା, ବାହାର ଦେଶରୁ କେତେ ସଂଖ୍ୟାରେ ବାଂଲାଦେଶୀ ଓ ରୋହିଙ୍ଗିଆ



ମୁସଲିମ୍ ଏହି ଅଞ୍ଚଳରେ ଆସି ଡେରା ପକାଇଛନ୍ତି ସେମାନଙ୍କ ସଠିକ୍ ତଥ୍ୟ ଯାଞ୍ଚ କରିବାରେ ବିଫଳ ହେବାକୁ ନେଇ ଉଦ୍ବେଗ ପ୍ରକାଶ କରିଛନ୍ତି ସ୍ଥାନୀୟ ବୁଦ୍ଧିଯିବି ଓ ଜନସାଧାରଣ ।ତେଣୁ ଏହି ବାଂଲାଦେଶୀ ଓ ରୋହିଙ୍ଗ୍ୟା ମୁସଲମାନ୍ ମାନଙ୍କ ଉପରେ ଜିଲ୍ଲା ପ୍ରଶାସନ ତିକ୍ଷ୍ଣ ଦୃଷ୍ଟିଦେଇ ବାଲିଗୁଡା ଅଞ୍ଚଳ ଓ ଜିଲ୍ଲାରୁ ବାହାର କରିବାକୁ ବିଭିନ୍ନ ସଂଗଠନ ତରଫରୁ ଦାବୀ ହୋଉଅଛି ।ବର୍ତ୍ତମାନ ବାଂଲାଦେଶ ରେ ଅରାଜକତା ଦେଖା ଦେଇଥିବା ବେଳେ ଏହି ବାଂଲାଦେଶୀ ମାନେ ଓଡ଼ଶାରେ ଶରଣ ନେବାକୁ ବିଭିନ୍ନ ଗଳା ବାଟ ଖୋଜୁଥିବା ବେଳେ କନ୍ଧମାଳ ଜିଲ୍ଲା ଓ ବାଲିଗୁଡ଼ା ଅଚଂଳରେ ଥିବା ରୋହିଗ୍ୟାଂ ମୁସଲମନ ଓ ବାଂଲାଦେଶୀ ଙ୍କ ଘରେ ଶରଣ ନେବାର ସମ୍ଭାବନା କୁ ଏଡାଇ ଦିଆ ଯାଇନପାରେ ।ତେଣୁ ଜିଲ୍ଲା ପ୍ରଶାସନ ବେଳ ଥାଉ ଥାଉ ବନ୍ଧ ବାନ୍ଧିବାକୁ କନ୍ଧମାଳ ଜିଲ୍ଲାରେ ଥିବା ବିଭିନ୍ନ ସଂଗଠନ ପକ୍ଷରୁ ଜିଲ୍ଲା ପ୍ରଶାସନ କୁ ଅନୁରୋଧ କରିଛନ୍ତି । ଦେଖିବାକୁ ବାକି ରହିଲା ଖବର ପ୍ରକାଶ ପାଇବା ପରେ ଜିଲ୍ଲା ପ୍ରଶାସନ କେତେ ତତ୍ପର ହୋଇ ଉଠୁଛି ।

# ଅନଲାଇନ୍ ହଟ୍ ସ୍ପଟ୍ ସାଜିଛି ପ୍ରକୃତି ରାଣୀ ନନ୍ଦିନୀଆ

**ହିନ୍ଦୋଳ,(ମହାଭାରତ) :** ନିଜର ବ୍ୟସ୍ତ ବହୁଳ ଜୀବନରେ ଆମୋଦ ପ୍ରମୋଦର ଶ୍ରେଷ୍ଠ ସାଧନ ସାଜିଛି ପରିଭ୍ରମଣ ।ସହରର କୋଳାହଳମୟ ପରିବେଶରୁ ନିଜକୁ ଟିକେ ବିରାମ ଦେବାକୁ ଲୋକେ ଖୋଜି ବୁଲନ୍ତି ନୂଆ ନୂଆ ଦର୍ଶନୀୟ ସ୍ଥାନ । ଆଉ ସେହି ପ୍ରକୃତିପ୍ରେମୀଙ୍କୁ ନୂଆ ନୂଆ ସ୍ଥାନ ଏକ୍ସପ୍ଲୋର୍ କରିବାର ମାଧ୍ୟମ ସାଜିଛି ଫେସବୁକ୍ ଏବଂ ଇନଷ୍ଟାଗ୍ରାମ ଭଳି ଅନଲାଇନ୍ ସୋସିଆଲ ସାଇଟ୍ ।ଏବେ ରାଜ୍ୟର ଯେଉଁ କିଛି ପ୍ରମୁଖ ଭ୍ରମଣୀୟ ସ୍ଥାନ ଟ୍ରେଡିଂ କରୁଛି ତା'ରି ଭିତରେ ଅଛି ଢ଼େଙ୍କାନାଳ ଜିଲ୍ଲା ହିନ୍ଦୋଳ ସଦର ମହକୁମାରେ ଥିବା ନନ୍ଦିନୀଆ ଜଳପ୍ରପାତ ।ରାଜଧାନୀ ଭୁବନେଶ୍ୱର ଠାରୁ ୧୦୦ କିଲୋମିଟର ଓ ଅନୁଗୋଳ ଠାରୁ ମାତ୍ର ୪୦ କିଲୋମିଟର ଦୂରରେ ରହିଛି ବଣ ଜଙ୍ଗଲ ଭରା ଏହି ପ୍ରାକୃତିକ ଜଳପ୍ରପାତ ନନ୍ଦିନୀଆ । ସାମାଜିକ ଗଣମାଧ୍ୟମରୁ ଦେଖି ସବୁବେଳେ ଏହି ସ୍ଥାନକୁ ଆସିଥାନ୍ତି ଓଡ଼ିଶାର ଅନେକ ପର୍ଯ୍ୟଟକ । ଘଞ୍ଚ ଜଙ୍ଗଲ ଭରା ସବୁଜ ବନାନୀ ପରିବେଶ ଭିତରେ ଯେ କେହିବି ନିଜକୁ ହଜାଇଦେବ ଏଥିରେ କୌଣସି ସନ୍ଦେହ ନାହିଁ। ତାରି ଭିତରେ ଗୁମ୍ଫା ମଧ୍ୟରେ ପୂଜା ପାଉଛନ୍ତି ପ୍ରଭୁ ଜଗନ୍ନାଥଙ୍କ ଚତୁର୍ଦ୍ଧା ମୂର୍ତ୍ତୀ ଯାହାକୁ ନେଇ ରହିଛି ଅନେକ କିମ୍ବଦନ୍ତୀ ଓ ଲୋକକଥା। ପାହାଡ ଉପରୁ ବହି ଆସୁଥିବା ଝରଣାରେ ଗାଧୋଇବାର ମଜା ବେଶ୍ ନିଆରା ହୋଇଥାଏ ।ମାତ୍ର ଦୁଃଖର ବିଷୟ ହିନ୍ଦୋଳର ଦୀର୍ଘ ପ୍ରସ୍ତାବିତ ଏବଂ ଅପେକ୍ଷିତ ଏହି ପ୍ରକଳ୍ପର ଉନ୍ନତି ପାଇଁ ଶାସନ ପ୍ରଶାସନ କାହାରବି ନିଘା ନାହିଁ। ପର୍ଯଟନ ସ୍ଥଳୀର ସରକାରୀ ମାନ୍ୟତା ପାଇବା ତ ଦୂରର କଥା ସଦର ମହକୁମା ଠାରୁ ମାତ୍ର ୩ କିଲୋମିଟର ଦୂରରେ ଥିବା ଏହି ସ୍ଥାନକୁ ସୁଗମ ରାସ୍ତାଟିଏ ମଧ ସମ୍ଭବ ହୋଇ ପାରିନାହିଁ।ନା ଅଛି ମୋବାଇଲ୍ ନେଟୱର୍କର ସୁବିଧା ଆଉ ନା ଅଛି କୌଣସି ଯାତ୍ରୀ ବିଶ୍ରାମଗାର। ଏହି ସ୍ଥାନଟି ସଂରକ୍ଷିତ ଜଙ୍ଗଲ ଏବଂ ପ୍ରସ୍ତାବିତ ହାତୀ କରିଡ଼ର ହୋଇଥିବାରୁ ଏହାକୁ ପର୍ଯଟନ ସ୍ଥଳୀର ମାନ୍ୟତା ଦେବାରେ ବାଧା ଉପୁଜିଛି ବୋଲି ସ୍ଥାନୀୟ ନେତା ପ୍ରକାଶ କରିଛନ୍ତି ।ତେବେ ନନ୍ଦିନୀଆ ପ୍ରତି ପର୍ଯ୍ୟଟକଙ୍କ ବଢୁଥିବା ଚାହିଦା ଏବଂ ସ୍ଥାନୀୟ ଅଞ୍ଚଳର ଏକମାତ୍ର ପର୍ଯଟନ ସ୍ଥଳୀ ଭାବେ ସରକାରୀ ମାନ୍ୟତା ଦାବୀକୁ ସ୍ଥାନୀୟ ନେତା ଓ ପ୍ରଶାସନ ମିଶି ସମାଧାନ କରିବା ଦିଗରେ ଚେଷ୍ଟିତ ହେଲେ ନିଶ୍ଚୟ ଏହି ସ୍ଥାନଟି ରାଜ୍ୟର ଗୋଟିଏ ଅଗ୍ରଣୀ ପର୍ଯ୍ୟଟନ ସ୍ଥଳୀ ଭାବେ ଉଭା ହେବ ବୋଲି ସ୍ଥାନୀୟ ବୁଦ୍ଧିଜୀବୀ ମାନେ ପ୍ରକାଶ କରିଛନ୍ତି।

# ମମତା ମହାନ୍ତଙ୍କୁ ରାଇରଙ୍ଗପୁର କଲ୍ୟାଣୀ ମଣ୍ଡପ ଠାରେ ସମ୍ବର୍ଦ୍ଧନା

**ରାଇରଙ୍ଗପୁର,(ମହାଭାରତ) :** ବିଜେପି ପକ୍ଷ ରୁ ପୂର୍ବତନ ରାଜ୍ୟ ସଭା ସାଂସଦ ମମତା ମହାନ୍ତ ଙ୍କୁ ରାଇରଙ୍ଗପୁର କଲ୍ୟାଣୀ ମଣ୍ଡପ ଠାରେ ସମ୍ବର୍ଦ୍ଧନା କରାଯାଇଛି। ମୟୁରଭଞ୍ଜ ଜିଲ୍ଲାର ରାଇରଙ୍ଗପୁର ସହର ର ବିଜେପି ପକ୍ଷ ରୁ ରାଇରଙ୍ଗପୁର କଲ୍ୟାଣୀ ମଣ୍ଡପ ଠାରେ ଆଜି ଏକ ସମ୍ବର୍ଦ୍ଧନା ସଭା ର ଆୟୋଜନ କରାଯାଇଥିଲା। ଏହି ସମ୍ବର୍ଦ୍ଧନା ସଭା ରେ ପୂର୍ବତନ ରାଜ୍ୟ ସଭା ସାଂସଦ ମମତା ମହାନ୍ତଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା। ଏହି ସମ୍ବର୍ଦ୍ଧନା ସଭା ରେ ରାଇରଙ୍ଗପୁର ନିର୍ବାଚନ ମଣ୍ଡଳୀ, ଯଶୀପୁର ନିର୍ବାଚନ ମଣ୍ଡଳୀ ଏବଂ ସାରସକଣା ନିର୍ବାଚନ ମଣ୍ଡଳୀରୁ ଶହ ଶହ ସଂଖ୍ୟାରେ ବିଜେପି ନେତା ଓ କର୍ମୀ ମାନେ ଆସି ଯଗ ଦେଇଥିଲି। ଏହି ସମ୍ବର୍ଦ୍ଧନା ସଭା ରେ ପୂର୍ବତନ ରାଜ୍ୟ ସଭା ସାଂସଦ ମମତା ମହାନ୍ତ ଙ୍କୁ ରାଇରଙ୍ଗପୁର ନିର୍ବାଚନ ମଣ୍ଡଳୀର ନବନିର୍ବାଚିତ ବିଧାୟକ ଜଲେନ୍ ନାଏକ, କୃପାସିନ୍ଧୁ ମହାନ୍ତ, ନବୀନ ରାମ, ମନୋଜ ଦାସ (ବାପି ଭାଇ), ସଞ୍ଜୀବ ମହାନ୍ତି, ସୁରଥ କୁମାର ପଟ୍ଟନାୟକ,ବିକାଶ ମହାନ୍ତ, ପ୍ରଦୀପ ରାଉତ, ବିଜୁ ଗୋପାଲ ଗପ ଏବଂ ବିଭିନ୍ନ ନିର୍ବାଚନ ମଣ୍ଡଳୀରୁ ଆସିଥିବା ସରପଞ୍ଚ, ସମିତି ସଭ୍ୟ, ମଣ୍ଡଳ ସଭାପତି ତଥା ନେତା, ନେତ୍ରୀ ଓ କର୍ମୀ ମାନେ ପୂର୍ବତନ ରାଜ୍ୟ ସଭା ସାଂସଦ ମମତା ମହାନ୍ତ ଙ୍କୁ ପୁଷ୍ପଗୁଚ୍ଛଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧନା କରିଥିଲେ। ମମତା ମହାନ୍ତ ରାଜ୍ୟ ସଭା ସାଂସଦ ପଦରୁ ଇସ୍ତଫା ଦେବା ସହିତ ବିଜେଡି ଦଳରୁ ମଧ ସେ ଇସ୍ତଫା ଦେଇଥିଲେ ଏବଂ ତା ପରେ ସେ ବିଧିବଦ୍ଧ ଭାବେ ଦିଲ୍ଲୀ ବିଜେପି ମୁଖ୍ୟ କାର୍ଯ୍ୟାଳୟରେ କେନ୍ଦ୍ରୀୟ ନେତା ଙ୍କ ଉପସ୍ଥିତି ରେସେ ବିଜେପି ଦଳ ରେ ଜଗ ଦେଇଥିଲେ। ସେ କହିଛନ୍ତି ଯେ ବିଜେଡି ଦଳରେ ତାଙ୍କୁ ଅଣ ଦେଖା କରାଯାଉ ଥିଲା ବୋଲି ଏବଂ ସାଂସଦ ପାଣ୍ଠି ସବୁ ତାଙ୍କ ଜିଲ୍ଲାର କାମରେ ନ ଲାଗି ସବୁ ବିଜେଡ଼ିର ପୂର୍ବତନ ସାଂଗଠାନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଅରଫ ବବି ଦାସ ଙ୍କ ନିର୍ବାଚନ ମଣ୍ଡଳୀ ଯାଜପୁର ଜିଲ୍ଲାରେ ସବୁ କାମ ହେଉଥିଲା। ତେଣୁ କରି ସେ ବିଜେଡି ଦଳ ଛାଡି ବିଜେପି ଦଳରେ ମିଶିଛନ୍ତି ବୋଲି ସେ କହିଛନ୍ତି।

## ମହାଭାରତ ନ୍ୟୁଜ ପ୍ରଭାବ

# ରାସ୍ତାକଡ଼ରେ ଥିବା ଶୁଖିଲା ଗଛ କଟାଗଲା



**କନ୍ଧମାଳ,(ମହାଭାରତ) :** କନ୍ଧମାଳ ଜିଲ୍ଲାର ଖଜୁରୀପଡ଼ା ବ୍ଲକ୍ ଅନ୍ତର୍ଗତ ଆଡାସିପଡା ପଞ୍ଚାୟତ ବଡଭୁଇଁ ନିକଟରେ ରାସ୍ତା କଡ଼ରେ ଥିବା ଶୁଖିଲା ଗଛ ଶୁକ୍ରବାର ଦିନ କଟାଯାଇ ଥିଲା । ସୂଚନା ପ୍ରକାରେ ଆଡାସିପଡା ପଞ୍ଚାୟତ ଅଞ୍ଚଳର ନିତି ଦିନ ଯିବାଆସିବା କରୁ ପ୍ରଧାନମନ୍ତ୍ରୀ ସଡ଼କ ବଡଭୁଇଁ ଠାରେ ଏକ ଆମ୍ବ ଗଛ ଶୁଖି ବିପଦ ସଙ୍କୁଳ ଅବସ୍ଥାରେ ରାସ୍ତା କଡ଼ରେ ଥିଲା । ତେଣୁ ଏହାକୁ ଦେଖି ଅଞ୍ଚଳର ଯୁବସମାଜ ସେବୀ ଦେବାଶିଷ ସାହାଣୀ ଉକ୍ତ ଗଛ କାଟିବାକୁ ଦାବି କରିଥିବା ଗତ ୬ ତାରିଖ ଦିନ ମହାଭାରତ ନ୍ୟୁଜ ପେପରରେ ପ୍ରସାରଣ ହୋଇଥିଲା । ଏହାର ପ୍ରଭାବରେ ଶୁକ୍ରବାର ଦିନ ଜେସିପ ଦ୍ୱାରା ଗଛ କାଟି ସଫାକରାଯାଇଥିଲା । ଏଥି ପାଇଁ ସମାଜ ସେବୀ ଦେବାଶିଷ ସାହାଣୀ ସମେତ ଅଞ୍ଚଳ ବାସୀ ବଲସକୁମ୍ପା ବନରକ୍ଷୀଙ୍କୁ ଧନ୍ୟବାଦ୍ ଦେଇ ଛନ୍ତି ।

# ପାରାଦୀପ ମହାବିଦ୍ୟାଳୟର ୫୦ ତମ ପ୍ରତିଷ୍ଠା ଦିବସ ପାଳିତ

**ପାରାଦୀପ,(ମହାଭାରତ) :** ପାରାଦୀପ ମହାବିଦ୍ୟାଳୟ ର ୫୦ ତମ ପ୍ରତିଷ୍ଠା ଦିବସ ଅଗଷ୍ଟ ୧୨ ତାରିଖ ସୋମବାର ଦିନ ମହାବିଦ୍ୟାଳୟ ପରିସରରେ ମହା ସମାରୋହରେ ପାଳିତ ହୋଇଯାଇଛି । ଏହି ଅବସରରେ ରାଜ୍ୟ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ତଥା ମହାବିଦ୍ୟାଳୟର ପ୍ରାକ୍ତନ ଛାତ୍ର ସମ୍ପଦ ଚନ୍ଦ୍ର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀ ମାନଙ୍କୁ ଗୁରୁ ଙ୍କ ଆଶୀର୍ବାଦ ଯୋଗୁଁ ଜୀବନରେ ସଫଳତା ମିଳିଥାଏ ବୋଲି ନିଜ ବକ୍ତବ୍ୟରେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜଗତସିଂହପୁର ସାଂସଦ ବିଭୁ ପ୍ରସାଦ ତରାଇ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ପାରାଦୀପ ମହାବିଦ୍ୟାଳୟ ରେ ନିଜର ଛାତ୍ର ଜୀବନର ଅନୁଭୂତି ସମ୍ପର୍କରେ ସୂଚନା ଦେଇଥିଲେ । ସମ୍ମାନିତ ଅତିଥି ଭାବେ କୋରେଇ ବିଧାୟକ ଆକାଶ ଦାସ ନାୟକ, ପାରାଦୀପ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ, ଜେଏସଡବ୍ଲୁ ଫାଉଣ୍ଡେସନ ର ସିଏସଆର ମୁଖ୍ୟ ପ୍ରଶାନ୍ତ ବିଶ୍ୱାଳ, ପାରାଦୀପ ମହାବିଦ୍ୟାଳୟ ର ପରିଚାଳନାସଭାପତି ଅକ୍ଷୟ କୁମାର ପଲାଇ ପ୍ରମୁଖ ଯୋଗଦେଇ ନିଜ ନିଜର ବକ୍ତବ୍ୟ ରଖିଥିଲେ । ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ଅଧକ୍ଷା ଡ଼ଃ. ସସ୍ମିତା ଶତପଥି ସ୍ୱାଗତ ଭାଷଣ



ଦେଇଥିବା ବେଳେ ଇତିହାସ ବିଭାଗ ମୁଖ୍ୟ ଅକ୍ଷୟ ଚନ୍ଦ୍ର ମିଶ୍ର ଅତିଥି ମାନଙ୍କ ପରିଚୟ ପ୍ରଦାନ କରିଥିଲେ । ଏହି ପରିପ୍ରେକ୍ଷୀରେ ଯୁକ୍ତ ୨ ଓ ଯୁକ୍ତ ୩ ବାର୍ଷିକ ପରୀକ୍ଷା ରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ବିତରଣ କରାଯାଇଥିବା ବେଳେ ବିଭିନ୍ନ ବିଭାଗର ସମ୍ମାନ ବିଷୟରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରଛାତ୍ରୀ ଙ୍କୁ ଏଣ୍ଡୋମେଣ୍ଟ ପୁରସ୍କାର ପ୍ରଦାନ କରାଯାଇଥିଲା। ଏତଦବ୍ୟତୀତ ଜାତୀୟ ସ୍ତରରେ ସୁନାମ ଅର୍ଜନ କରିଥିବା ଛାତ୍ରଛାତ୍ରୀ ଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା । ଶେଷରେ ଇଂରାଜୀ ଅଧାପକ ଗଣେଶ୍ୱର ପାତ୍ର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଚିକିତ୍ସା ପାଇଁ ଆଣୁଥିବା ଅସୁସ୍ଥ ଛାତ୍ରୀର ମୃତ୍ୟୁ

**କରଞ୍ଜିଆ,(ମହାଭାରତ) :** ଠାକୁରମୁଣ୍ଡା ଥାନା ଅନ୍ତର୍ଗତ କେନ୍ଦୁଜିଆଣି ଗ୍ରାମପଞ୍ଚାୟତ ସରୁବିଲ ଗ୍ରାମର ନନ୍ଦିଆ ହୋ ଙ୍କ ୭ମ ଶ୍ରେଣୀ ରେ ପାଠ ପଢୁ ଥିବା ଝିଅ ମାଇନ କୁ ପରିବାର ଲୋକେ ଚିକିତ୍ସା ପାଇଁ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର କୁ ଆଣୁଥିବା ସମୟରେ ବାଟରେ ମୃତ୍ୟୁ ଘଟିଛି ।ଏନେଇ ଠାକୁରମୁଣ୍ଡା ଥାନା ପୋଲିସ କେଶ ନମ୍ବର ୧୩ ଅନୁଯାୟୀ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବକୁ ବ୍ୟବଚ୍ଛେଦ ନିମନ୍ତେ ପଠାଇଛି ।ମିଳିଥିବା ସୂଚନା ଅନୁଯାୟୀ ମାଇନ ହୋ କୁ ତାର ବାପା ପାଠ ପଢିବା ପାଇଁ କେନ୍ଦୁଝର ଜିଲ୍ଲା ରାମଚନ୍ଦ୍ରପୁର ଥାନା ଅନ୍ତର୍ଗତ ନିୟୁ ମାଣିଆ ଆଶ୍ରମ ସ୍କୁଲ ରେ ନାମ ଲେଖାଇ ପାଠ ପଢାଉ ଥିଲେ ।ଆଶ୍ରମ ବିଦ୍ୟାଳୟ ରେ ରହି ମାଇନ ପାଠ ପଢୁ ଥିବା ବେଳେ ସେଠାରେ ତାର ଦେହ ଖରାପ ହୋଇଥିଲା ।ଏନେଇ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ତାଙ୍କ ଘରକୁ ଖବର ଦେଇ ପରିବାର ଲୋକ ଙ୍କ ସହିତ ତାଙ୍କୁ ପ୍ରଥମେ ଦାନଗଦି ସ୍ୱାସ୍ଥ୍ୟ କେନ୍ଦ୍ର ଓ ପରେ କଟକ ବଡ ମେଡିକାଲ ରେ ନେଇ ଚିକିତ୍ସା କରାଇଥିଲେ। ମାଇନର ଦେହ ସାମାନ୍ୟ ଭଲ ହେବା ପରେ ପରିବାର ଲୋକେ ତାଙ୍କୁ ଘରକୁ ନେଇ ଆସିଥିଲେ। ପୁଣି ଘରେ ତାର ଦେହ ଖରାପ ହେବାରୁ ଭଲ ହେବା ପାଇଁ ପରିବାର ଲୋକେ ତାଙ୍କୁ ଗୁଣି ଦେଖାଇ ଜଡ଼ା ପୁଙ୍କା କରି ଥିଲେ। କିନ୍ତୁ ମାଇନ ର ଦେହ ଅଧିକ ଖରାପ ହେବାରୁ ସୋମବାର ସକାଳେ ତାଙ୍କୁ ଚିକିତ୍ସା ପାଇଁ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର କୁ ଆଣିବା ବାଟରେ ଅସୁସ୍ଥ ଛାତ୍ରୀ ମାଇନର ମୃତ୍ୟୁ ଘଟିଥିଲା ।ସ୍ୱାସ୍ଥ୍ୟ କେନ୍ଦ୍ରରେ ପହଁଚିବା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ସଂକୁଳସ୍ତରୀୟ ବିଜ୍ଞାନ ମେଳାରେ ଅସ୍ତରଙ୍ଗ ପ୍ରଥମ

**ଅସ୍ତରଙ୍ଗ,(ମହାଭାରତ) :** ସରସ୍ୱତୀ ଶିଶୁମନ୍ଦିରର ସଂକୁଳ ସ୍ତରୀୟ ଜ୍ଞାନବିଜ୍ଞାନ ମେଳା ରେ ଅସ୍ତରଙ୍ଗ ସରସ୍ୱତୀ ଶିଶୁମନ୍ଦିର ପ୍ରଥମ ସ୍ଥାନ ଅଧିକାର କରିଛି, ଏହି ଜ୍ଞାନ ବିଜ୍ଞାନ ମେଳା କାକଟପୁର ନିର୍ବାଚନ ମଣ୍ଡଳୀ ର ୬ ଗୋଟି ଶିଶୁମନ୍ଦିର କୁ ନେଇ ଆୟୋଜିତ ହୋଇଛି, ଯଥା -ଅସ୍ତରଙ୍ଗ, କାକଟପୁର, ଯୋଗେଶ୍ୱରପୁର, ଆମପଡା, ଓଥକା ଓ ବାଲିଦୋକାନ, ଏହି କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ଶିକ୍ଷାବିତ୍ତ ପ୍ରଭାକର ଖୁଣ୍ଟିଆ, ସଭାପତି ପ୍ରମୋଦ କୁମାର ପୃଷ୍ଟି, ସଂକୁଳ ପ୍ରମୁଖ ସୁରେନ୍ଦ୍ର ମାଣିକ ଙ୍କ ସମେତ ୬ ଗୋଟି ଶିଶୁମନ୍ଦିର ର ପ୍ରଧାନଆଚାର୍ଯ୍ୟ ମାନେ ପ୍ରଦୀପ ପ୍ରଜ୍ୱଳନ କରି ଶୁଭାରମ୍ଭ କରିଥିଲେ, ଏଥିରେ ସମୁଦାୟ ୪୦ ଗୋଟି ପ୍ରକଳ୍ପ ର ଶିଶୁ ବିଜ୍ଞାନୀ ମାନେ ନିଜ ନିଜ ର ପ୍ରକଳ୍ପ କୁ ପଦର୍ଶନ କରାଇଥିଲେ ଗଣିତ, ପରିବେଶ ପ୍ରଯୁକ୍ତି ବିଦ୍ୟା ସହ ପରିବର୍ତ୍ତିତ ପରିସ୍ଥିତି ରେ ଜଳବାୟୁ ସୁରକ୍ଷା ପାଇଁ ଜଙ୍ଗଲ ସୃଷ୍ଟି କରିବା, ବର୍ଷା। ଜଳ ସୁରକ୍ଷା ନେଇ ଅନେକ ସଚେତନତା ମୂଳକ ପ୍ରଦର୍ଶନ କରାଯାଇଥିଲା, ବିଚାରକ ମଣ୍ଡଳୀ ଶିକ୍ଷାବିତ୍ ବିଜୟ କୁମାର ବିଶ୍ୱାଳ, ପବିତ୍ର ନାୟକ, ସଞ୍ଜୟ ଜେନା, ରବୀନ୍ଦ୍ର ଜେନା ପ୍ରମୁଖ ସମସ୍ତ ପ୍ରକଳ୍ପ ର ମୂଲ୍ୟାଙ୍କନ କରିଥିଲେ, ଏହି କାର୍ଯ୍ୟକ୍ରମ ରେ ଅସ୍ତରଙ୍ଗ ଶିଶୁମନ୍ଦିର ର



ମୋଟ ୫୬ ଜଣ ପିଲା ଅଂଶ ଗ୍ରହଣ କରି ଉପର ଲିଖିତ ପଦର୍ଶନି କରାଇବା ସହ ଉପସ୍ଥିତ ବିଚାରକ ମଣ୍ଡଳୀ ଙ୍କୁ ଆପ୍ରାହିତ କରାଇଥିଲେ, ପରିଶେଷରେ ଅସ୍ତରଙ୍ଗ ଶିଶୁମନ୍ଦିର କୁ ପ୍ରଥମ ସ୍ଥାନ ଘୋଷଣା କରାଯାଇଥିଲା, ଏହି କାର୍ଯ୍ୟକ୍ରମ ରେ ଅସ୍ତରଙ୍ଗ ଶିଶୁମନ୍ଦିର ତରଫରୁ ପ୍ରଧାନ ଆଚାର୍ଯ୍ୟ ଅଶୋକ ପରିଡା, ଆଚାର୍ଯ୍ୟ ସୁଶ୍ରୀ ଜ୍ୟୋସ୍ନା ରାଣୀ ପାତ୍ର, ଶୁଭ୍ରାରାଣୀ ବିଶ୍ୱାଳ, ଗୀତାଞ୍ଜଳି ମହାନ୍ତି, ଆଚାର୍ଯ୍ୟ ଦିବାକର ପ୍ରଧାନ, ପ୍ରଦୀପ୍ତ ବେହେରା, ସନ୍ତୋଷ ଜେନା ପ୍ରମୁଖ ସହଯୋଗୀ ହିସାବରେ ଶିଶୁ ବିଜ୍ଞାନୀ ମାନଙ୍କୁ ପ୍ରସ୍ତୁତ କରିଥିଲେ।

# ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ

**ରାମନାଗୁଡା /ରାୟଗଡ, (ମହାଭାରତ) :** ରାୟଗଡା ଜିଲ୍ଲା ପ୍ରଶାସନ ତରଫରୁ ରାମନାଗୁଡା ବ୍ଲକ ସଦର ମହକୁମାସ୍ଥିତ ସଭାଗୃହ ଠାରେ ଯୁଗ୍ମ ଅଭିଯୋଗ ଶୁଣାଣୀ ଅନୁଷ୍ଠିତ ହୋଇଛି । ଅତିରିକ୍ତ ଜିଲ୍ଲାପାଳ ତଥା ଭାରପ୍ରାପ୍ତ ଜିଲ୍ଲାପାଳ ଭାସ୍କର ରଇତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଅଭିଯୋଗ ଶୁଣାଣି ଶିବିରରେ,ଅତିରିକ୍ତ ଆରକ୍ଷୀ ଅଧିକ୍ଷକ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ, ଜିଲ୍ଲା ପରିଷଦ ଶ୍ରୀ ନିହାର ରଞ୍ଜନ କହଁର, ଗୁଣପୁର ଉପ ଜିଲ୍ଲାପାଳ, କିରନଦୀପ କୌର, ରାମନାଗୁଡା ବ୍ଲକ ଅଧକ୍ଷ ରବି ଗମାଙ୍ଗ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କୁ ବିଭିନ୍ନ ଅଭିଯୋଗ ଶୁଣାଣି କରିଥିଲେ । ଆଜି ମୋଟ ୮୯ ଟି ଅଭିଯୋଗ ଆସିଥିଲା ସେଥି ମଧ୍ୟରୁ ୫୭ ଟି ବ୍ୟକ୍ତିଗତ ଅଭିଯୋଗ ଥିଲା ବେଳେ ୩୨ ଗୋଟି ଗ୍ରାମ ବାସୀ ମାନଙ୍କର ସାମୂହିକ ଅଭିଯୋଗ ଥିଲା । ଏହି ଅଭିଯୋଗ ଶିବିରରେ ଜିଲ୍ଲା ଜରୁରୀକାଳୀନ ଅଧିକାରୀ, ଲଳିତ ମଣ୍ଡଳ, ସହକାରୀ ଜିଲ୍ଲାପାଳ ସସ୍ମିତା ପଟ୍ଟନାୟକ, ରାମନାଗୁଡା ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରଦ୍ୟୁମ୍ନ କୁମାର ମଣ୍ଡଳ, ତହସିଲଦାର ନିର୍ମଳ ଚନ୍ଦ୍ର ସାହୁ, ସାମାଜିକ ସୁରକ୍ଷା ଅଧିକାରୀ ଏଲ ସନ୍ତୋଷ, ପ୍ରଗ୍ରାମ ଅଧିକାରୀ ବି କମଲାଙ୍ଗୀ ଓ ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ ମାନେ ଉପସ୍ଥିତ ରହି ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗ ଗୁଡିକର ଶୁଣାଣୀ କରିଥିଲେ । ଅତିରିକ୍ତ ଜିଲ୍ଲାପାଳ ଆଜିର ଅଭିଯୋଗ ଗୁଡିକୁ ପାଇଲା ପରେ ବିଭାଗୀୟ ଅଧିକାରୀ ମାନଙ୍କୁ ତୁରନ୍ତ ଫଇସଲା ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ ।



# ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଏକ ଜନଶୁଣାଣି ଶିବିର ଅନୁଷ୍ଠିତ

**ଭବାନୀପାଟଣା,(ମହାଭାରତ) :** କେସିଙ୍ଗା ପଞ୍ଚାୟତ ସମିତି ସମ୍ମିଳନୀ ଗୃହରେ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦର ୱାନ୍ ଙ୍କ ଅଧ୍ୟକ୍ଷତାରେ ଏକ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସି ଡି ଓ ଜିଲ୍ଲା ପରିଷଦ କଳାହାଣ୍ଡି ଦୟାମୟ ପାଢ଼ୀ, ଭାରପ୍ରାପ୍ତ ଉପ ଜିଲ୍ଲାପାଳ,ଭବାନୀପାଟଣା ଜୟଦେବ ଦାସଙ୍କ ସମେତ ସମସ୍ତ ଜିଲ୍ଲା ସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଏହି ଜନ ଶୁଣାଣି ଶିବିରରେ ମୋଟ ୭୩ଜଣ ଆବେଦନକାରୀ ନିଜର ଅଭିଯୋଗ ପତ୍ର ଦାଖଲ କରିଥିଲେ। ସେଥିମଧ୍ୟରୁ ୫୬ଟି ବ୍ୟକ୍ତିଗତ ସମସ୍ୟା ଅଭିଯୋଗ ଓ ୧୭ଟି ଗ୍ରାମ୍ୟ ତଥା ସାମୁହିକ ସମସ୍ୟା ସମ୍ମିଳିତ ଥିଲା।



# ସଙ୍କୁଳ ସ୍ତରରେ ବିଜ୍ଞାନ ମେଳା ପ୍ରଦର୍ଶିତ



**ହାଟଡିହି,(ମହାଭାରତ) :** ଏହି ବ୍ଲକ ର ହାଟଡିହି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ରେ ସଙ୍କୁଳ ସ୍ତରରେ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ରବିବାର ଦିନ ଆନନ୍ଦପୁର ଉପଖଣ୍ଡ ରେ ରହିଥିବା ବିଭିନ୍ନ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାଳକ ବାଳିକା ମାନଙ୍କୁ ନେଇ ବିଜ୍ଞାନ ମେଳା ପ୍ରଦର୍ଶିତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତା ରେ କୃତି ପ୍ରତିଯୋଗୀ ମାନଙ୍କୁ ବିଦ୍ୟାଳୟ ପକ୍ଷରୁ ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମ କୁ ଅବସର ପ୍ରାପ୍ତ ଶିକ୍ଷକ ସ୍ନେହଲତା ମହାରଣା ଶୁଭାରମ୍ଭ କରିଥିବା ବେଳେ ବିଦ୍ୟାଳୟ ପରିଚାଳନା କମିଟି ର ସଦସ୍ୟ ସଦସ୍ୟା ମାନଙ୍କ ସହ ଆସିଥିବା ବିଭିନ୍ନ ବିଦ୍ୟାଳୟ ର ଶିକ୍ଷକ ମାନେ ଦ୍ୱାରା ପୁରସ୍କାର ବିତରଣ କରାଯାଇଥିଲା। କୃତି ପ୍ରତିଯୋଗୀ ମାନଙ୍କ ଆକର୍ଷଣ କହିବା ପ୍ରକ୍ରିୟା ଓ ପରିବେଶ ପ୍ରଦୂଷଣ ନିୟନ୍ତ୍ରଣ, ନୂତନ ପ୍ରୟୋଗ ବିଷୟରେ ବେଶ୍ ପିଲା ଭାଗ ନେଇ ଥିଲେ। ଏହି କାର୍ଯ୍ୟକ୍ରମ କୁ ଅଭିଭାବକ ମାନେ ପ୍ରଶଂସା କରିଥିବା ବେଳେ ହାଟଡିହି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ପ୍ରଧାନ ଗୁରୁଜୀ ସତ୍ୟନାରାୟଣ କର ସମ୍ପୂର୍ଣ୍ଣ କାର୍ଯ୍ୟର ରୂପରେଖ ପ୍ରସ୍ତୁତ କରିଥିଲେ ତାଙ୍କୁ ହାଟଡିହି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ର ଗୁରୁଜୀ, ଗୁରୁମା ମାନେ ସହୋଯୋଗ୍ କରିଥିଲେ।

# ଭୁଜାଲିରେ ହାଣି ଯୁବକଙ୍କୁ ହତ୍ୟା, କାରଣ ଅସ୍ପଷ୍ଟ

**ଯୋଡା,(ମହାଭାରତ) :** କେନ୍ଦୁଝର ଜିଲ୍ଲା ଯୋଡା ଥାନା ବିଲେଇପଦା ଫାଣ୍ଡି ଅନ୍ତର୍ଗତ ଦେଓଝର ଠାରେ ଜଣେ ଯୁବକ ଙ୍କୁ ଭୁଜାଲି ରେ ହାଣି ହତ୍ୟା କରାଯାଇଥିବା ଜଣାପଡିଛି। ଯୁବକ ହେଲେ ଦେଓଝର ଘନ ସାହି ର ଲିଙ୍ଗା। ଶବର(୫୦) । ପୋଲିସ ର ସୂଚନା ଅନୁଯାୟୀ ଯୋଡ଼ା ଥାନା ଦେଓଝର ଘନ ସାହି ର ଯୁବକ ଲିଙ୍ଗା ଶବର ରବିବାର ରାତିରେ ମହାଦେବନଶା ଛକ ଦେଇ ଆସୁଥିବା ସମୟରେ ପୂର୍ବ ଶତ୍ରୁତା କୁ କେନ୍ଦ୍ରକରି କେହି ଦୁର୍ବୃତ୍ତ ଭୁଜାଲି ରେ ହାଣି ହତ୍ୟା କରିଛନ୍ତି। ଲିଙ୍ଗା ଶବର ଙ୍କ ଛାତିରେ ଧାରୁଆ ଛୁରୀ ରେ ଆକ୍ରମଣ କରାଯାଇଥିବା ପୋଲିସ ପ୍ରାଥମିକ ତଦନ୍ତ ରୁ ଜାଣିବାକୁ ପାଇଛି । ସୋମବାର ସ୍ଥାନୀୟ ଲୋକେ ସକାଳୁ ଏହି ଘଟଣା ଜାଣିବା ପରେ ପୋଲିସ କୁ ଖବର ଦେବ। ପରେ ଘଟଣା ସ୍ଥଳରେ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହିତ ପାରିପାର୍ଶ୍ୱିକ ସ୍ଥିତି ଅନୁଧ୍ୟାନ କରି ଘଟଣା ର ତଦନ୍ତ ଆରମ୍ଭ କରିଛି।

# ରାଜ୍ୟର ସାମଗ୍ରିକ ବିକାଶ ଉପରେ ସରକାରଙ୍କ ଗୁରୁତ୍ୱ

**ପାରାଦୀପ,(ମହାଭାରତ) :** ରାଜ୍ୟର ସାମଗ୍ରିକ ବିକାଶ ଉପରେ ଧ୍ୟାନ ଦେଇ ବଜେଟରେ ଅଭିବୃଦ୍ଧି, ବିକାଶ, ଭିତ୍ତିଭୂମି, ଉନ୍ନୟନ ଓ ପୁଞ୍ଜି ନିବେଶ ଉପରେ ରାଜ୍ୟ ସରକାର ଗୁରିତ୍ୱାରୋପ କରିଥିବା ନେଇ ସୂଚନା ଦେଇଛନ୍ତି ରାଜ୍ୟ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ। ସୋମବାର ଦିନ ପାରାଦୀପ ସ୍ଥିତ ସର୍କିଟ ହାଉସ ଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଏ ସମ୍ପର୍କରେ ବିସ୍ତୃତ ବିବରଣୀ ପ୍ରଦାନ କରି ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଥିଲେ ଯେ ୨୦୨୪-୨୫ ଆର୍ଥିକ ବର୍ଷ ନିମନ୍ତେ ୨ ଲକ୍ଷ ୬୫ ହଜାର କୋଟି ଟଙ୍କାର ବଜେଟ ଉପସ୍ଥାପିତ ହୋଇଛି, ଯାହା ବିଗତ ଆର୍ଥିକ ବର୍ଷ ତୁଳନାରେ ୧୫ ପ୍ରତିଶତ ଅଧିକ । ଏଥର ବଜେଟରେ କୃଷି ଓ ଆନୁସଙ୍ଗିକ କ୍ଷେତ୍ର, ସ୍ୱାସ୍ଥ୍ୟ, ମହିଳା ଓ ଶିଶୁ ବିକାଶ, ଶିକ୍ଷା ଓ ଦକ୍ଷତା ବିକାଶ, ଶିଳ୍ପ ଏବଂ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ, କ୍ରୀଡା ଓ ଯୁବ ସେବା, ଭିନ୍ନକ୍ଷମ ବ୍ୟକ୍ତିଙ୍କ



ସାମାଜିକ ସୁରକ୍ଷା ଓ ସଶକ୍ତିକରଣ, ଅନୁସୂଚିତ ଜାତି, ଜନଜାତି, ଓବିସି ଓ ସଂଖ୍ୟାଲଘୁ ଙ୍କ ବିକାଶ, ନାଗର ଉନ୍ନୟନ, ବାସଗୃହ, ପାନୀୟ ଜଳ ଓ ପରିମଳ, ଜଳସେଚନ ଏବଂ ଜଳ ବ୍ୟବହାର ଦକ୍ଷତା, ମଜୁରୀ, ରୋଜଗାର, ଜୀବିକା ଏବଂ ମୌଳିକ ସେବା, ସଡ଼କ, ରେଳପଥ ଓ ପରିବହନ, ଶକ୍ତି କ୍ଷେତ୍ର, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ପର୍ଯ୍ୟଟନ ବିକାଶ, ଯୋଜନା ଓ ସଂଯୋଜନା, ବିପର୍ଯ୍ୟୟ ପରିଚାଳନା, ଅଭ୍ୟନ୍ତରୀଣ ନିରାପତ୍ତା ଓ ନ୍ୟାୟିକ ପ୍ରଶାସନ ଇତ୍ୟାଦି ଉପରେ ଅଧିକ ଗୁରୁତ୍ୱ ଦିଆଯାଇଛି ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ ସୂଚନା ପ୍ରଦାନ କରିଥିଲେ । ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଜଗତସିଂହପୁର ସାଂସଦ ବିଭୁ ପ୍ରସାଦ ତରାଇ, ବିଜେପି ଜିଲ୍ଲା ସଭାପତି ସତ୍ୟବ୍ରତ ମହାପାତ୍ର, ପାରାଦୀପ ବିଜେପି ସଭାପତି ସୁବ୍ରତ କୁମାର ପ୍ରଧାନ, ବିଜେପି ନେତା ଗୌତମ ନାୟକ, ଗଣେଶ୍ୱର ମହାନ୍ତି, ମନ୍ତ୍ରୀ ଙ୍କ ସ୍ଥାନୀୟ ପ୍ରତିନିଧି ସର୍ବେଶ୍ୱର ବଳିୟାରସିଂହ ପ୍ରମୁଖ ଉପସ୍ଥିତ ଥିଲେ ।

### ଟି୨୦ ବିଶ୍ୱକପ୍ ଆୟୋଜକ ଅଧିକାର

# ଜାତିସଂଘ ଦ୍ୱାରସ୍ଥ ହେବ ବାଂଲାଦେଶ

ନୂଆଦିଲ୍ଲୀ, ୧୨।୮: ଦେଶରେ ଚାଲିଥିବା ରାଜନୈତିକ ଅସ୍ଥିରତା ସତ୍ତ୍ୱେ ଟି୨୦ ବିଶ୍ୱକପ ଆୟୋଜକ ଅଧିକାର ବଞ୍ଚାଇ ରଖିବାକୁ ବାଂଲାଦେଶର ମଧ୍ୟବର୍ତ୍ତୀ ସରକାର ମିଳିତ ଜାତିସଂଘ ଦ୍ୱାରସ୍ଥ ହେବାକୁ ଯୋଜନା କରୁଛନ୍ତି।




ବର୍ତ୍ତମାନର ପରିସ୍ଥିତି ଯୋଗୁଁ ଇଂଲଣ୍ଡ, ସ୍କଟଲ୍ୟାଣ୍ଡ, ଅଷ୍ଟ୍ରେଲିଆ, ଭାରତ ଏବଂ ନ୍ୟୁଜିଲ୍ୟାଣ୍ଡ ସମେତ ଅନେକ ଦେଶ ବାଂଲାଦେଶ ଯାତ୍ରା କରୁଥିବା ନାଗରିକଙ୍କ ଉପରେ ପ୍ରତିବନ୍ଧକ ଲଗାଇଛନ୍ତି। ଏହି ଦେଶଗୁଡିକର ସରକାର ସେମାନଙ୍କ ନାଗରିକମାନଙ୍କୁ ବାଂଲାଦେଶ ଯାତ୍ରା ନକରିବାକୁ ପରାମର୍ଶ ଦେଇଛନ୍ତି ଯାହା ଅକ୍ଟୋବର ୩ ରୁ ଆରମ୍ଭ ହେବାକୁ ଥିବା ବିଶ୍ୱକପ ଉପରେ ଏକ ବଡ଼ ପ୍ରଶ୍ନ ସୃଷ୍ଟି କରିଛି।

ବାଂଲାଦେଶର ମଧ୍ୟବର୍ତ୍ତୀକାଳୀନ ସରକାରର ଯୁବ ତଥା କ୍ରୀଡ଼ା ପରାମର୍ଶଦାତା ଆସିଫ ମହମୁଦ ଏହି ସମସ୍ୟାର ସମାଧାନ ଆଶାରେ ଜାତିସଂଘ ସହ କଥା ହେବେ ବୋଲି ପ୍ରକାଶ କରିଛନ୍ତି। କିଛି ଦେଶ ସେମାନଙ୍କ ନାଗରିକ ମାନଙ୍କୁ ବାଂଲାଦେଶ ଆସିବା ଉପରେ ପ୍ରତିବନ୍ଧକ ଲଗାଇଛନ୍ତି। ତେଣୁ ଏହି ସମସ୍ୟାର ସମାଧାନ ପାଇଁ ଆମେ ମିଳିତ ଜାତିସଂଘ ସହିତ କଥା ହେବୁ। ସୁରକ୍ଷା ଏବଂ ଭିତ୍ତିଭୂମି ସମ୍ବନ୍ଧରେ କିଛି ସମସ୍ୟା ଅଛି ଏବଂ ଆମେ ଏହି ବିଷୟରେ ପ୍ରଫେସର ୟୁନୁସ (ବାଂଲାଦେଶର ମଧ୍ୟବର୍ତ୍ତୀକାଳୀନ ସରକାରଙ୍କ ମୁଖ୍ୟ ପରାମର୍ଶଦାତା)ଙ୍କ ସହ ଆଲୋଚନା କରିବୁ। ସେ ଜଣେ କ୍ରୀଡ଼ାପ୍ରେମୀ ଏବଂ ସେ ଆଶା କରୁଛନ୍ତି ଯେ ସେ ଏହି ସମସ୍ୟାର ସମାଧାନ କରିପାରିବେ।

ଆନ୍ତର୍ଜାତୀୟ କ୍ରିକେଟ୍ ପରିଷଦ (ଆଇସିସି) ମଧ୍ୟ ବାଂଲାଦେଶର ପରିସ୍ଥିତି ଉପରେ ନଜର ରଖିଛି ଏବଂ ବିଶ୍ୱ ଟୁର୍ନାମେଣ୍ଟକୁ ଅନ୍ୟ ଦେଶକୁ ସ୍ଥାନାନ୍ତର କରିବାର ସମ୍ଭାବନା ସମେତ ସମସ୍ତ ବିକଳ୍ପ ଖୋଲା ରଖିଛି। ଏହା ବ୍ୟତୀତ ଟୁର୍ନାମେଣ୍ଟ ଆୟୋଜନ କରିବାରେ ଆଉ ଏକ ବାଧା ହେଉଛି ବାଂଲାଦେଶ କ୍ରିକେଟ୍ ବୋର୍ଡ (ବିସିବି) ରେ ଚାଲିଥିବା ସଙ୍କଟ।

ଚଳିତ ମାସ ଆରମ୍ଭରେ ଆୱାମୀ ଲିଗ୍ ସରକାରଙ୍କ ପତନ ପରଠାରୁ ବିସିବି ସଭାପତି ନାଜମୁଲ ହାସନ ନିଖୋଜ ଅଛନ୍ତି ଅବଶ୍ୟ, ଏକ ଫେଡେରେସନ୍ କାର୍ଯ୍ୟ କରିବା ପାଇଁ ଏହାର ସମସ୍ତ ଅଙ୍ଗ କାମ କରିବା ଆବଶ୍ୟକ ସଭାପତି ନାଜମୁଲ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ରହିଛି ଏବଂ ସେ ଅନୁପସ୍ଥିତ ଅଛନ୍ତି ବିସିବି ଏକ ସ୍ୱୟଂଶାସିତ ଫେଡେରେସନ୍ ଏବଂ ଆମେ ସେମାନଙ୍କୁ କୌଣସି ନିଷ୍ପତ୍ତି ଦେଇ ପାରିବୁ ନାହିଁ ବୋଲି ଆସିଫ୍ କହିଛନ୍ତି।

ଆଇସିସିର ଆଇନଗତ ଢାଞ୍ଚାରେ ଏହି ସମସ୍ୟାର ସମାଧାନ କିପରି ହେବ ତାହା ଦେଖିବା ପାଇଁ ଆମେ ବିସିବି ନିର୍ଦ୍ଦେଶକମାନଙ୍କୁ ପରାମର୍ଶ ଦେଇଛୁ। ମଧ୍ୟବର୍ତ୍ତୀ ଅବଧି ପାଇଁ କାହାକୁ ନିଯୁକ୍ତ କରାଯିବ କି ନାହିଁ ତାହା ପରେ ସେମାନେ ଆମକୁ ରିପୋର୍ଟ କରିବେ। ଏହି ପରିପ୍ରେକ୍ଷୀରେ ଆମେ ପ୍ରକ୍ରିୟା ଜାରି ରଖିବୁ ଆମେ ଆବଶ୍ୟକ ପରିବର୍ତ୍ତନ କରିବାକୁ ଚାହୁଁ। କିନ୍ତୁ ସେହି ସମୟରେ ଆମକୁ ଏକ ପ୍ରକ୍ରିୟା ଅନୁସରଣ କରିବାକୁ ପଡିବ। ଆମେ ବ୍ୟକ୍ତିଙ୍କୁ ପରିବର୍ତ୍ତନ କରିବାକୁ ଚାହୁଁନାହୁଁ; ଏହା ପରିବର୍ତ୍ତେ, ଆମେ ସିଷ୍ଟମକୁ ପରିବର୍ତ୍ତନ କରିବାକୁ ଚାହୁଁଛୁ ଯାହା ଦ୍ୱାରା ଯିଏ ସେହି ସିଷ୍ଟମ ଅନୁସରଣ କରି ଆସିବ, ଦୁର୍ନୀତି ଭିତରକୁ ଆସିପାରିବ ନାହିଁ ଏବଂ ଆମେ ପଦକ୍ଷେପ ନେବାକୁ ଚାହୁଁଛୁ ଯାହା ଦ୍ୱାରା ଆମେ ସ୍ଥାୟୀ ସମାଧାନ କରିପାରିବା ବୋଲି ସେ କହିଛନ୍ତି।

# ଓଜନ ବଢ଼ିବାର କାରଣ କହିଲେ ଭିନେଶ

ପ୍ୟାରିସ, ୧୨।୮: ପ୍ୟାରିସ ଅଲିମ୍ପିକ୍ସରୁ ବାହାରିବା ପରେ ଭିନେଶ ଫୋଗାଟ କୋର୍ଟ ଅଫ୍ ଆର୍ବିଟ୍ରେସନ ଅଫ୍ ସ୍ପୋର୍ଟସ (ସିଏଏସ୍)ରେ ଲଢ଼େଇ ଜାରି ରଖିଛନ୍ତି। ଭିନେଶ ରୌପ୍ୟ ପଦକ ପାଇବେ କି ନାହିଁ ଏହାକୁ ନେଇ ଏବେ ବି ସନ୍ଦେହ ରହିଛି।ଆସନ୍ତାକାଲି ଅର୍ଥାତ ୧୩ ଅଗଷ୍ଟରେ ସିଏଏସ୍ ଏହାର ଅନ୍ତିମ ନିଷ୍ପତ୍ତି ଦେଇପାରନ୍ତି। ଭିନେଶଙ୍କର ୧୦୦ ଗ୍ରାମ ଅଧିକ ଓଜନ ଥିବାରୁ ତାଙ୍କୁ ଅଲିମ୍ପିକ୍ସର ଫାଇନାଲ ଖେଳିବାକୁ ଦିଆଯାଇ ନ ଥିଲା ତେବେ, ଭିନେଶଙ୍କ ଓଜନ କିପରି ବୃଦ୍ଧି ପାଇଲା? ବର୍ତ୍ତମାନ ନିଜେ ଭିନେଶ ଫୋଗେଟ୍ ଏହାର ଉତ୍ତର ଦେଇଛନ୍ତି।



ଇଣ୍ଡିଆନ୍ ଏକ୍ସପ୍ରେସ ରିପୋର୍ଟ ଅନୁଯାୟୀ,ଭିନେଶ ଫୋଗାଟଙ୍କ ଆଇନଜୀବୀ ସିଏଏସ୍ ସମ୍ମୁଖରେ ଓଜନ ବୃଦ୍ଧି ହେବାର କାରଣ ଉପସ୍ଥାପନ କରିଛନ୍ତି। ଚମ୍ପ ଡେ ମାର୍ସ ଆରେନାରେ କୁସ୍ତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ଏଭଳି ପରିସ୍ଥିତିରେ ଚମ୍ପ ଡେ ମାର୍ସ ଆରେନା ଏବଂ ଅଲିମ୍ପିକ ସ୍ପୋର୍ଟସ ଗ୍ରାମ ମଧ୍ୟରେ ଅଳ୍ପ ଦୂରତା ଯୋଗୁ ଭିନେଶ ତାଙ୍କ ଓଜନ ହ୍ରାସ କରିପାରି ନଥିଲେ ବୋଲି ଆଇନଜୀବୀ କୋର୍ଟଙ୍କୁ କହିଛନ୍ତି। ପ୍ରଥମ ଦିନରେ ଭିନେଶ ଲଗାତାର ତିନିଟି ଲଢ଼େଇ କରିଥିଲେ। ଏହି କାରଣରୁ ଭିନେଶଙ୍କ ଶରୀର ସମ୍ପୂର୍ଣ୍ଣ କ୍ଳାନ୍ତ ହୋଇଯାଇଥିଲା। ସନ୍ଧ୍ୟା ସୁଦ୍ଧା ଭିନେଶଙ୍କ ଓଜନ ୨.୫ କିଲୋଗ୍ରାମରୁ ଅଧିକ ବୃଦ୍ଧି ପାଇ ୫୦ କିଲୋଗ୍ରାମରୁ ବଢ଼ି ୫୨.୭ କିଲୋଗ୍ରାମ ହୋଇଯାଇଥିଲା।

କୋର୍ଟରେ ଯୁକ୍ତି ଉପସ୍ଥାପନ କରିବାବେଳେ ଆଇନଜୀବୀ କହିଛନ୍ତି। ପରଦିନ ସକାଳେ ଭିନେଶଙ୍କୁ ଓଜନ ହ୍ରାସ କରିବାକୁ କେଣସି ସମୟ ମିଳି ନ ଥିଲା ୧୦୦ ଗ୍ରାମର ଓଜନ ବୃଦ୍ଧି ଏକ ବଡ କଥା ନୁହେଁ ଗ୍ରୀଷ୍ମ ଋତୁରେ ଶରୀରରେ ଜଳର ପରିମାଣ ଅଧିକ ଥାଏ। ଏହି କାରଣରୁ ଶରୀରର ଓଜନ ସହଜରେ ୧୦୦ ଗ୍ରାମ ବୃଦ୍ଧି ପାଇପାରେ। ଏହା ବ୍ୟତୀତ, ଗୋଟିଏ ଦିନରେ ୩ଟି ପ୍ରତିଯୋଗିତାରେ ଜିତିବା ପରେ ମଧ୍ୟ ଆଥଲେଟ୍ଙ୍କ ଶରୀରରେ ଅଧିକ ରକ୍ତ ସଞ୍ଚାଳନ ହୋଇଥିଲା ଯେଉଁ କାରଣରୁ ଓଜନ ବୃଦ୍ଧି ହେବାର ସମ୍ଭାବନା ରହିଥିଲା। ଭିନେଶଙ୍କ ଆଇନଜୀବୀ ସିଏଏସ୍ ସମ୍ମୁଖରେ ଯୁକ୍ତି ବାଢ଼ିଥିଲେ ଯେ ଭିନେଶଙ୍କୁ ଫାଇନାଲରୁ ହଟାଯିବା ପରେ ଖେଳରେ ଅନେକ ପରିବର୍ତ୍ତନ ଘଟିଥିଲା କିନ୍ତୁ କଠିନ ପରିଶ୍ରମ ପରେ ଭିନେଶ ସେମିଫାଇନାଲରେ ଜିତି ରେପ୍ୟ ପଦକ ଜିତିଥିଲେ ସେ ନିଶ୍ଚିତ ଭାବରେ ତାଙ୍କର ପରିଶ୍ରମର ଫଳ ପାଇବା ଉଚିତ।

# ନୀରଜଙ୍କୁ ଭେଟିଲେ ମନୁ ଓ ତାଙ୍କ ମା

ନୂଆଦିଲ୍ଲୀ, ୧୨।୮: ଶେଷ ହୋଇଛି ୨୦୨୪ ପ୍ୟାରିସ୍ ଅଲିମ୍ପିକ୍ସ ଏହି ଅଲିମ୍ପିକ୍ସରେ ଭାରତ ମୋଟ୍ ୬ଟି ପଦକ ଜିତିଥିଲା ଏହି ଅଲିମ୍ପିକ୍ସର ଭାରତର ପ୍ରଥମ ପଦକ ମହିଳା ଶୁଟର ମନୁ ଭାକର ଜିତିଥିଲେ ଭାରତ ମୋଟ୍ ପାଞ୍ଚଟି ବ୍ରୋଞ୍ଜ ପଦକ ଜିତିଥିବା ବେଳେ ଗୋଟିଏ ରୌପ୍ୟ ପଦକ ଜିତିଛି ଜାଭେଲିନ ଥ୍ରୋ ଇଭେଣ୍ଟରେ ନୀରଜ ଚୋପ୍ରା ରୌପ୍ୟ ପଦକ ଜିତିଥିଲେ। ଏହି ସମୟରେ ସୋସିଆଲ ମିଡିଆରେ ଏକ ଭିଡିଓ ଭାଇରାଲ ହେବାରେ ଲାଗିଛି, ଯେଉଁଥିରେ ମନୁ ଭାକର ଓ ତାଙ୍କ ମା ନୀରଜ ଚୋପ୍ରାଙ୍କ ସହ କଥାବାର୍ତ୍ତା ହେଉଥିବା ଦେଖିବାକୁ ମିଳିଛି। ପ୍ରଶଂସକମାନେ ଏହି ବାର୍ତ୍ତାଳାପକୁ ଦେଖି ନାନା କଥା ମନକୁ ଆଣି ପ୍ରତିକ୍ରିୟା ଦେବାରେ ଲାଗିଛନ୍ତି।ଭାଇରାଲ ଭିଡିଓରେ ଏହା ଦେଖିବାକୁ ମିଳେ ଯେ, ମନୁଙ୍କ ମା ସୁମେଧା ଭାକର ନୀରଜ ଚୋପ୍ରାଙ୍କ ସହ କଥାବାର୍ତ୍ତା ହେଉଛନ୍ତି ଏବଂ ଏହି ସମୟ ମଧ୍ୟରେ ସେ ମଧ୍ୟ ନୀରଜଙ୍କ ହାତକୁ ତାଙ୍କ ମୁଣ୍ଡରେ ରଖିଥିଲେ। ଜଣେ ୟୁଜର ଲେଖିଛନ୍ତି, ସମ୍ପର୍କ ପକ୍କା ହୋଇଛି ଅନ୍ୟ ଜଣେ ୟୁଜର ହାସ୍ୟାସ୍ପଦ ଭାବରେ ଲେଖିଛନ୍ତି, ପୁଅ, ତୁମେ କେତେ ଯୌତୁକ ନେବ? ସେହିଭଳି ଲୋକମାନେ ଭିଡିଓ ଉପରେ ଭିନ୍ନ ଭିନ୍ନ ପ୍ରତିକ୍ରିୟା ଦେଇଛନ୍ତି।



# ଶେଷରେ ବିସିସିଆଇ କଥା ମାନିଲେ କୋହଲି-ରୋହିତ

ନୂଆଦିଲ୍ଲୀ, ୧୨।୮: ଭାରତୀୟ କ୍ରିକେଟ ଦଳର କିମ୍ବଦନ୍ତୀ ବ୍ୟାଟ୍ସମ୍ୟାନ ବିରାଟ କୋହଲି ଏବଂ ଦିନିକିଆ। ଏବଂ ଟେଷ୍ଟ ଅଧିନାୟକ ରୋହିତ ଶର୍ମା ୨୦୨୪ ଦୁଲିପ ଟ୍ରଫିରେ ଖେଳୁଥିବା ଦେଖିବାକୁ ମିଳିବ। ବିରାଟ ଏବଂ ରୋହିତ ଦୀର୍ଘ ଦିନ ଧରି ଘରୋଇ କ୍ରିକେଟ ଖେଳି ନାହାଁନ୍ତି। ଏହି ଦୁଇ ତାରକା ଖେଳାଳି ଘରୋଇ ଟୁର୍ନାମେଣ୍ଟରେ ଖେଳିବା ଆଶ୍ଚର୍ଯ୍ୟଜନକ। ଭାରତୀୟ କ୍ରିକେଟ ବୋର୍ଡ ଦୁଲିପ ଟ୍ରଫିର ଫର୍ମାଟରେ ବଡ଼ ପରିବର୍ତ୍ତନ କରିଛି। ବର୍ତ୍ତମାନ ଏହି ଟୁର୍ନାମେଣ୍ଟ ଜୋନାଲ ଫର୍ମାଟରେ ଖେଳାଯିବ ନାହିଁ। ଏଥିରେ କେବଳ ଚାରିଟି ଦଳ ରହିବେ। ଏହି ଦଳଗୁଡିକ ଏପର୍ଯ୍ୟନ୍ତ ଘୋଷଣା କରାଯାଇ ନାହିଁ। ଇଣ୍ଡିଆ-ଏ, ଇଣ୍ଡିଆ-ବି, ଇଣ୍ଡିଆ-ସି ଏବଂ ଇଣ୍ଡିଆ-ଡି ନାମକ ଚାରୋଟି ଦଳ ଦୁଲିପ ଟ୍ରଫିରେ ଖେଳିବେ। ଦୁଲିପ ଟ୍ରଫି ସେପ୍ଟେମ୍ବର ୫ରୁ ଆରମ୍ଭ ହେବ। ତେବେ ପରବର୍ତ୍ତୀ ରାଉଣ୍ଡରୁ ରୋହିତ ଏବଂ ବିରାଟ ଏହି ଟୁର୍ନାମେଣ୍ଟ ଖେଳିପାରିବେ। ଦ୍ୱିତୀୟ ରାଉଣ୍ଡ ମ୍ୟାଚ ସେପ୍ଟେମ୍ବର ୧୨ରୁ ଖେଳାଯିବ। ଭାରତ ଏବଂ ବାଂଲାଦେଶ ମଧ୍ୟରେ ଟେଷ୍ଟ ସିରିଜ ସେପ୍ଟେମ୍ବର ୧୯ରୁ ଆରମ୍ଭ ହେବ। ଉଇକେଟ କିପର ବ୍ୟାଟ୍ସମ୍ୟାନ ଇଶାନ କିଶନଙ୍କୁ ମଧ୍ୟ ଦୁଲିପ ଟ୍ରଫିରେ ଖେଳାଯିବ। ଏହି ୨୬ ବର୍ଷୀୟ ଷ୍ଟାଇଲିସ ବ୍ୟାଟ୍ସମ୍ୟାନ ପ୍ରାୟ ଦେଢ଼ ବର୍ଷ ଧରି ଟିମ ଇଣ୍ଡିଆର ଅଂଶ ହୋଇନାହାଁନ୍ତି। ଏହା ପରେ ବିସିସିଆଇ ଇଶାନ କିଶନଙ୍କୁ ଘରୋଇ କ୍ରିକେଟ ଖେଳିବାକୁ କହିଥିଲେ। କିନ୍ତୁ ଅସୁସ୍ଥତା କାରଣରୁ ସେ ଖେଳି ନ ଥିଲେ। ମାତ୍ର କିଛି ଦିନ ପରେ ଆଇପିଏଲ ପାଇଁ ଅଭ୍ୟାସ କରୁଥିବା ଦେଖିବାକୁ ମିଳିଥିଲା।

# କାଶୀ ବିଶ୍ୱନାଥରେ ହକି ଖେଳାଳି

ବାରାଣାସୀ, ୧୧।୮(ଏଜେନ୍ସି): ପ୍ୟାରିସ ଅଲିମ୍ପିକ୍ସ ୨୦୨୪ରେ ଭାରତୀୟ ହକି ଦଳ ସ୍ପେନକୁ ପରାସ୍ତ କରି ବ୍ରୋଞ୍ଜ ପଦକ ହାସଲ କରିଛି ବିଜୟ ପରେ ଭାରତୀୟ ଖେଳାଳି ଗୁରୁବାର ଦିଲ୍ଲୀ ବିମାନବନ୍ଦରରେ ପହଞ୍ଚିଥିଲେ। ସେଠାରେ ତାଙ୍କୁ ହଜାର ହଜାର ଲୋକ ଉପସ୍ଥିତ ରହି ଜୋରଦାର ସ୍ୱାଗତ କରିଥିଲେ। ଏହି ପରିପ୍ରେକ୍ଷୀରେ ଭାରତୀୟ ହକି ଖେଳାଳି ଲଳିତ ଉପାଧ୍ୟାୟ ରବିବାର କାଶୀ ବିଶ୍ୱନାଥ ମନ୍ଦିରରେ ପହଞ୍ଚି ମହାଦେବଙ୍କୁ ଦର୍ଶନ କରି ପୂଜାର୍ଚ୍ଚନା କରିଥିଲେ। ଏପରିକି ମହାଦେବଙ୍କୁ ପଦକ ଅର୍ପଣ କରିଥିଲେ। ଏହି ଅବସରରେ ତାଙ୍କୁ ଭେଟିବା ପାଇଁ ଲୋକେ ଉତକଣ୍ଠାର ସହ ଅପେକ୍ଷା କରିଥିଲେ।



## ଖୁସିରେ ଡେଇଁପଡିଲେ କୋଚ, କୋଚ୍ଙ୍କୁ ହୃଦଘାତ

ପ୍ୟାରିସ୍, ୧୨।୮: ପ୍ୟାରିସ ଅଲିମ୍ପିକ୍ସରେ ଉଜବେକିସ୍ତାନର ବକ୍ସିଂ ଦଳ ସ୍ୱର୍ଣ୍ଣ ପଦକ ଜିତିଛି। ଏହା ପରେ ଉଜବେକିସ୍ତାନ ଦଳର ମୁଖ୍ୟ କୋଚ ତୁଲକିନ କିଲିଚେଭ ଖୁସିରେ ଡେଇଁପଡିଥିଲେ କିନ୍ତୁ ଏହି ଖୁସି ମଧ୍ୟରେ ତାଙ୍କର ହୃଦ୍‌ଘାତ ହୋଇଥିଲା। ଏହା ପରେ ବ୍ରିଟେନର ଟ୍ରେନିଂ କର୍ମଚାରୀଙ୍କ ଦୁଇଜଣ ସଦସ୍ୟ ତାଙ୍କୁ ହୃଦଘାତରୁ ରକ୍ଷା କରିଥିଲେ କିନ୍ତୁ ବର୍ତ୍ତମାନ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ପ୍ୟାରିସ ଅଲିମ୍ପିକ୍ସରେ ଉଜବେକିସ୍ତାନ ଦଳ ୫ଟି ସ୍ୱର୍ଣ୍ଣ ପଦକ ଜିତିଥିଲା ଗତ ୨୦ ବର୍ଷ ମଧ୍ୟରେ ଅଲିମ୍ପିକ୍ସରେ ଉଜବେକିସ୍ତାନର ଏହା ହେଉଛି ସର୍ବଶ୍ରେଷ୍ଠ ପ୍ରଦର୍ଶନ ଏଥି ସହିତ ଏହି ବିଜୟ ପରେ କୋଚ ତୁଲକିନ କିଲିଚେଭ ଜୋରଦାର ଉତ୍ସବ ପାଳନ କରିଥିଲେ। ଉଜବେକିସ୍ତାନ ସ୍ୱର୍ଣ୍ଣ ପଦକ ଜିତିବା ପରେ ତୁଲକିନ କିଲିଚେଭ ଅସୁସ୍ଥ ହୋଇପଡିଥିଲେ।

# ସାମ୍ବାଦିକଙ୍କୁ ଚୁପ୍ କରାଇଲେ ନୀରଜ

ପ୍ୟାରିସ୍, ୧୨।୮(ଏଜେନ୍ସି): ପ୍ୟାରିସ୍ ଅଲିମ୍ପିକ୍ସରେ ନୀରଜ ଚୋପ୍ରା ରେପ୍ୟ ପଦକ ଜିତି ନୂଆ ଇତିହାସ ରଚିଛନ୍ତି ସ୍ୱାଧୀନ ଭାରତର ପ୍ରଥମ ଆଥ୍ଲେଟ୍ ଭାବେ ଦୁଇ ପଦକ (ଟୋକିଓ-ସ୍ୱର୍ଣ୍ଣ, ପ୍ୟାରିସ୍-ରେପ୍ୟ) ଜିତି ସେ ଗୌରବ ରଚିଛନ୍ତି। ନିକଟରେ ନୀରଜଙ୍କୁ ଜଣେ ସାମ୍ବାଦିକ କହିଥିଲେ, ସାର ଇଂରାଜୀରେ ଉତ୍ତର ଦିଅନ୍ତୁ ଏହାପରେ ନୀରଜ ଇଂରାଜୀରେ ତାଙ୍କର ପ୍ରତିକ୍ରିୟା ରଖି ସାମ୍ବାଦିକଙ୍କ ମୁହଁ ଚୁପ କରାଇ ଦେଇଥିଲେ।ଅଲିମ୍ପିକ୍ସରେ ରୁପା ପଦକ ଜିତିବା ପରେ ନୀରଜ ଚୋପ୍ରା, ସୁନା ପଦକ ବିଜେତା ଅର୍ଶଦ ନଦିମ ଓ ଗ୍ରେନାଡାର ଏଣ୍ଡରସନ ପିଟରସନ ଏକ ସାମ୍ବାଦିକ ସମ୍ମିଳନୀକୁ ସମ୍ବୋଧିତ କରୁଥିଲେ।ଏହି ସମୟରେ ଜଣେ ସାମ୍ବାଦିକ ନୀରଜ ଓ ଅର୍ଶଦଙ୍କୁ ଭାରତ ଓ ପାକିସ୍ତାନର ପ୍ରତିଦ୍ୱନ୍ଦିତାକୁ ନେଇ ପ୍ରଶ୍ନ ପଚାରିଥିଲେ। ଏହି ପ୍ରଶ୍ନ ଶୁଣିବା ପରେ ଅର୍ଶଦ ପ୍ରଥମେ ନିଜର ପ୍ରତିକ୍ରିୟା ଦେଇଥିଲେ। ଏହାପରେ ନୀରଜ ହିନ୍ଦୀରେ ନିଜର କହିବା ଆରମ୍ଭ କରିବା ସମୟରେ ସାମ୍ବାଦିକ ସମ୍ମିଳନୀରେ ବସିଥିବା ଜଣେ ସାମ୍ବାଦିକ ନୀରଜଙ୍କୁ ଇଂରାଜୀରେ ଉତ୍ତର ଦେବାକୁ କହିଥିଲେ।



ଏହାପରେ ନୀରଜ ସାମ୍ବାଦିକଙ୍କ ଏହି କଥାକୁ ହାର୍ଡ ଜୋକ କହି ନିଜର ପ୍ରତିକ୍ରିୟାକୁ ଇଂରାଜୀରେ ଦେଇଥିଲେ। ତେବେ ଏମିତି ଏକ ଘଟଣା ୨୦୧୯ରେ ଇଣ୍ଡିଆନ ସ୍ପୋର୍ଟସ ଷ୍ଟାର ଆୱାର୍ଡ କାର୍ଯ୍ୟକ୍ରମରେ ଘଟିଥିଲା। ଏଠାରେ ଲୋକପ୍ରିୟ ଉପସ୍ଥାପକ ଜତିନ ସପ୍ରୁଙ୍କ ମୁହଁ ନୀରଜ ଚୁପ କରାଇ ଦେଇଥିଲେ। ଜତିନ ସପ୍ରୁ ନୀରଜଙ୍କୁ ଇଂରାଜୀରେ କିଛି ପ୍ରଶ୍ନ ପଚାରିଥିଲେ। ଯାହାକୁ ଶୁଣିବା ପରେ ନୀରଜ କହିଥିଲେ ଦୟାକରି ହିନ୍ଦୀରେ ପଚାରନ୍ତୁ। ଟୋକିଓ ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ଜିତିବା ପରେ ନୀରଜ ଚୋପ୍ରାଙ୍କ ପ୍ରଶଂସକଙ୍କ ମଧ୍ୟରେ ଅହେତୁକ ବୃଦ୍ଧି ଘଟିଛି। ଏହା ସହିତ ତାଙ୍କର ନିଟ୍ ମୂଲ୍ୟ ମଧ୍ୟ ବୃଦ୍ଧି ପାଇଛି। ସେ ଦେଶର ସବୁଠାରୁ ଧନୀ ଆଥଲେଟମାନଙ୍କ ମଧ୍ୟରୁ ଜଣେ।

# ଭିନେଶଙ୍କୁ ମିଳିବ ସ୍ୱର୍ଣ୍ଣ ପଦକ, ହେବ ଭବ୍ୟ ସ୍ୱାଗତ

ଚଣ୍ଡିଗଡ, ୧୨।୮: ଷ୍ଟାର ରେସଲର ଭିନେଶ ଫୋଗଟଙ୍କ ପାଇଁ ହରିୟାଣାରେ ଏକ ବଡ଼ ନିଷ୍ପତ୍ତି ନିଆଯାଇଛି। ଭିନେଶ ପ୍ୟାରିସ୍‌ରୁ ପ୍ରତ୍ୟାବର୍ତ୍ତନ ପରେ ଏକ ବିଶାଳ ସ୍ୱାଗତ ସମାରୋହ ଅନୁଷ୍ଠିତ ହେବ। ଏହା ବ୍ୟତୀତ ତାଙ୍କୁ ସ୍ୱର୍ଣ୍ଣ ପଦକ ମଧ୍ୟ ପ୍ରଦାନ କରାଯିବ। ୨୦୨୪ ପ୍ୟାରିସ ଅଲିମ୍ପିକ୍ସରେ ଅଧିକ ଓଜନ ହେତୁ ଫାଇନାଲ ପୂର୍ବରୁ ତାଙ୍କୁ ଅଯୋଗ୍ୟ ଘୋଷଣା କରାଯାଇଥିଲା। ଭିନେଶଙ୍କ ବିଷୟରେ ସର୍ଭ ଖାପଙ୍କ ଦ୍ୱାରା ଏକ ମହାପଞ୍ଚାୟତ ଆୟୋଜନ କରାଯାଇଥିଲା। ଏହି ମହାପଞ୍ଚାୟତରେ ଏକ ବଡ ନିଷ୍ପତ୍ତି ନିଆଯାଇଛି।ଯେତେବେଳେ ଭିନେଶ ଫୋଗଟ ଫେରିବେ, ଲୋକମାନେ ତାଙ୍କୁ ସ୍ୱାଗତ କରିବେ ସର୍ଭ ଖାପଙ୍କ ତରଫରୁ ଭିନେଶଙ୍କୁ ସ୍ୱର୍ଣ୍ଣ ପଦକ ପ୍ରଦାନ କରାଯିବ। ପ୍ୟାରିସ ଅଲିମ୍ପିକ୍ସରେ ବିନେଶ ଫୋଗେଟ ଏକ ଭଲ ଆରମ୍ଭ କରିଥିଲେ। ତାଙ୍କର ପ୍ରଥମ ମ୍ୟାଚ୍‌ରେ ବିନେଶ ଫୋଗଟ ଗତ ଥର ଅଲିମ୍ପିକ୍ସରେ ଚାରିଥର ବିଶ୍ୱ ଚାମ୍ପିଅନ ତଥା ସର୍ଣ୍ଣ ପଦକ ବିଜେତା ରେସଲରଙ୍କୁ ପରାସ୍ତ କରିଥିଲେ। ଏହା ପରେ ବିନେଶ କ୍ୱାର୍ଟର ଫାଇନାଲ ଏବଂ ସେମିଫାଇନାଲରେ ମଧ୍ୟ ଏକ ଶକ୍ତିଶାଳୀ ବିଜୟ ପଞ୍ଜିକରଣ କରି ଫାଇନାଲରେ ପ୍ରବେଶ କରିଥିଲେ। ଭିନେଶ ଫୋଗଟଙ୍କ ପ୍ରଦର୍ଶନକୁ ଦେଖି ସେ ସ୍ୱର୍ଣ୍ଣ ପଦକ ପାଇଁ ଜଣେ ଶକ୍ତିଶାଳୀ ପ୍ରତିଯୋଗୀ ଭାବରେ ବିବେଚିତ ହୋଇଥିଲେ। ତେବେ ଫାଇନାଲ ଦିନ ସେ ଅଧିକ ଓଜନ ହେତୁ ଅଯୋଗ୍ୟ ହୋଇଥିଲେ। ୫୦ କିଲୋଗ୍ରାମ ମହିଳା ରେସଲିଂ ଇଭେଣ୍ଟରେ ଭିନେଶ ସ୍ୱର୍ଣ୍ଣ ଜିତିବେ ବୋଲି ନିଶ୍ଚିତ କରାଯାଇଥିଲା। ତେବେ ୧୦୦ ଗ୍ରାମ ଅଧିକ ଓଜନ ହେତୁ ତାଙ୍କୁ ଅଯୋଗ୍ୟ କରାଯାଇଥିଲା।

ଅଯୋଗ୍ୟତା ନିଷ୍ପତ୍ତିକୁ ବିରୋଧ କରି ଭିନେଶ ଫୋଗଟ ଏକ ରୌପ୍ୟ ପଦକ ଦାବି କରିଛନ୍ତି ସେ ସିଏଏସ୍‌ରେ ଆବେଦନ କରିଛନ୍ତି ଏହି ପ୍ରସଙ୍ଗରେ ନିଷ୍ପତ୍ତି ଆଜି ଆସିପାରେ ତିନୋଟି ପ୍ରଶ୍ନର ଉତ୍ତର ଦେବାକୁ ସିଏଏସ୍ ଭିନେଶଙ୍କୁ କହିଛି ଇ-ମେଲରେ ବିନେଶ ଉତ୍ତର ଦେବେ ତାପରେ ସିଏଏସ୍ ଏହାର ନିଷ୍ପତ୍ତି ଦେବ ପ୍ୟାରିସ ଅଲିମ୍ପିକ୍ସ ୨୦୨୪ରେ ଭାରତ ମୋଟ ୬ଟି ପଦକ ଜିତିଛି। ଏଠାରେ ୫ଟି ବ୍ରୋଞ୍ଜ ଏବଂ ଗୋଟିଏର ରୌପ୍ୟ ପଦକ ଅଛି ଯଦି ବିନେଶ ରୌପ୍ୟ ପଦକ ପାଆନ୍ତି, ତେବେ ପ୍ୟାରିସ ଅଲିମ୍ପିକ୍ସରେ ଭାରତ ମୋଟ ସାତୋଟି ପଦକ ପାଇବ।

# ପ୍ୟାରିସ ଅଲିମ୍ପିକ୍ସରେ ଛାପ ଛାଡ଼ିଲେ ଭୂଟାନର କିନଝାଙ୍ଗ

ପ୍ୟାରିସ, ୧୨।୮: କୁହାଯାଏ ଲୋକଙ୍କ ଭଲ ପାଇବା ଠାରୁ ବଡ଼ ପୁରସ୍କାର କିଛି ନଥାଏ। ଏପରି ପୁରସ୍କାରର ହକଦାର ହୋଇପାରିଛନ୍ତି ଜଣେ ମହିଳା ରନର ସେ ପ୍ୟାରିସ ଅଲିମ୍ପିକ୍ସରେ ପଦକ ଜିତିବାକୁ ସଫଳ ହୋଇ ନାହାନ୍ତି ତଥାପି ଲୋକମାନେ ତାଙ୍କୁ ଦେଇଛନ୍ତି ଅଜସ୍ର ଭଲ ପାଇବା। ଆଜି ପ୍ୟାରିସ ଅଲିମ୍ପିକ୍ସର ଶେଷ ଦିନରେ ଘଟିଛି ସବୁଠାରୁ ବିରଳ ଘଟଣା। ମହିଳା ମାରାଥନ(୪୨ କିମି)ରେ ସବୁଠାରୁ ଶେଷରେ ପହଞ୍ଚିଥିବା ଖେଳାଳିଙ୍କୁ ମିଳିଛି ଦର୍ଶକଙ୍କ ଭରପୂର ପ୍ରଶଂସା। ସେମାନେ ଛିଡ଼ା ହୋଇ ଶେଷ ଖେଳାଳିଙ୍କ ପାଇଁ ମାରିଛନ୍ତି ତାଳି।




ଭୁଟାନର କିନଝାଙ୍ଗ ଲହାମୋ ସବୁଠାରୁ ଶେଷରେ ରେସ୍ ଶେଷ କରିଛନ୍ତି। ସେ ୮୦ତମ ଖେଳାଳି ଭାବେ ରେସ ଶେଷ କରିଥିଲେ। ତେବେ ୨୬ ବର୍ଷୀୟ କିନଝାଙ୍ଗ ରେସ୍ ଶେଷ କରିବାକୁ ଯାଉଥିବା ବେଳେ ତାଙ୍କୁ ରାସ୍ତାର ଦୁଇ ପାର୍ଶ୍ୱରେ ଥିବା ଦର୍ଶକ କରତାଳି ମାରି ସବୁଠାରୁ ବଡ଼ ପୁରସ୍କାର ଭେଟି ଦେଇଛନ୍ତି।ଅବଶ୍ୟ ତାଙ୍କୁ କୌଣସି ପଦକ ମିଳିନାହିଁ।କିନ୍ତୁ ସେ ଆଦୌ ଅଧାରେ ହାର ମାନି ନଥିଲେ। କଠିନ ପରିଶ୍ରମ କରି ରେସ ଶେଷ କରି ସମସ୍ତଙ୍କର ପ୍ରଶଂସାର ପାତ୍ର ହୋଇପାରିଛନ୍ତି। ଭୁଟାନର ଏକମାତ୍ର ମହିଳା ଭାବେ ପ୍ୟାରିସ ଅଲିମ୍ପିକ୍ସରେ ଭାଗ ନେଇ ଇତିହାସ ସୃଷ୍ଟି କରିଥିବା କିନଝାଙ୍ଗ ନିଜର ଛାପ ଶେଷରେ ଫ୍ରାନ୍ସରେ ଛାଡ଼ିଛନ୍ତି।ସେ ମହିଳା ମାରାଥନର ସ୍ୱର୍ଣ୍ଣ ପଦକ ବିଜେତା ରେସ ଶେଷ କରିବାର ୯୦ ମିନିଟ ପରେ ଫିନିଶିଂ ଲାଇନ ସ୍ପର୍ଶ କରିଥିଲେ। ସେ ଭଲ ଭାବେ ଜାଣିଥିଲେ ଯେ ତାଙ୍କୁ କୌଣସି ପଦକ ମିଳିବ ନାହିଁ। ତଥାପି ସେ ରେସ୍ ଶେଷ କରି ସମସ୍ତଙ୍କ ହୃଦୟ ଜିତି ପାରିଛନ୍ତି।ଏହି ମାରାଥନରେ ନେଦରଲ୍ୟାଣ୍ଡର ସିଫାନ ହାସନ ୨ ଘଣ୍ଟା ୨୨ ମିନିଟ ଓ ୫୫ ସେକେଣ୍ଡରେ ରେସ ଶେଷ କରି ସ୍ୱର୍ଣ୍ଣ ପଦକ ହାତେଇଛନ୍ତି। କିନଝାଙ୍ଗ ରେସ ଶେଷ କରିବାକୁ ଯାଉଥିବା ବେଳେ ପ୍ୟାରିସ ଜନତା ତାଙ୍କୁ ଛିଡ଼ା ହୋଇ କରତାଳି ଦ୍ୱାରା ସ୍ୱାଗତ କରିଥିଲେ। ଅଲିମ୍ପିକ୍ସ ସ୍ପିରିଟ ପାଇଁ ତାଙ୍କୁ ସମସ୍ତେ ଧନ୍ୟବାଦ ଜଣାଇଛନ୍ତି ତାଙ୍କ ଖେଳୁଆଡ଼ ମନୋଭାବକୁ ସମସ୍ତେ ପ୍ରଶଂସା କରିଛନ୍ତି।

ରେସରେ ଭାଗ ନେଇଥିବା ପ୍ରାୟ ୧୧ ଜଣ ଖେଳାଳି ଅଧାରୁ ଓହରି ଯାଇଥିଲେ। କିନ୍ତୁ କିନଝାଙ୍ଗ ହାର ମାନି ନଥିଲେ ସେ ରେସ ଶେଷ କରି ସମସ୍ତଙ୍କୁ ନିଜ ପ୍ରତିଭା ଦେଖାଇଛନ୍ତି। ସେ ଅଲିମ୍ପିକ୍ସର ଉଦଘାଟନୀ ଉତ୍ସବରେ ଭୁଟାନର ଧ୍ୱଜା ବାହକ ମଧ୍ୟ ସାଜିଥିଲେ।

ସେ ୪୨ କିମି ମାରାଥନକୁ ୩.୫୨.୫୯ ଘଣ୍ଟାରେ ଶେଷ କରିଛନ୍ତି ଏହା ତାଙ୍କର ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନ ସ୍ୱର୍ଣ୍ଣ ବିଜେତା ସିଫାନି ୨.୨୨.୫୫ ଘଣ୍ଟାରେ ରେସ ଶେଷ କରି ଅଲିମ୍ପିକ୍ସରେ ରେକର୍ଡ କରିଛନ୍ତି। ରୌପ୍ୟ ପଦକ ବିଜେତା ଇଥୋପିଆର ୨.୨୨.୫୮ ଘଣ୍ଟା ଓ କେନିଆର ଓବିରି ହେଲ୍ଲେନ ମାରାଥନକୁ ୨.୨୩.୧୦ ସେକେଣ୍ଡରେ ଶେଷ କରି ବ୍ରୋଞ୍ଜ ପଦକ ଜିତିଛନ୍ତି।

ସ୍ୱର୍ଣ୍ଣ ବିଜେତାଙ୍କ ୯୦ ମିନିଟ ପରେ କିନଝାଙ୍ଗ ରେସ ଶେଷ କରି ଅଲିମ୍ପିକ୍ସର ସବୁଠାରୁ ବଡ଼ ପୁରସ୍କାର ଲୋକଙ୍କ ଭଲ ପାଇବା ହାସଲ କରିଛନ୍ତି।ଏଥିସହ ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ ପାଲଟିଛନ୍ତି।

# ପୁଣି ଦେଖାହେବ ଲସ୍ ଏଞ୍ଜେଲ୍ସରେ

ପ୍ୟାରିସ୍, ୧୨।୮: କ୍ରୀଡା ମହାକୁମ୍ଭ ପ୍ୟାରିସ୍ ୨୦୨୪ ରବିବାର ଉଦ୍‌ଯାପିତ ହୋଇଛି ୪ ବର୍ଷରେ ଥରେ ଅନୁଷ୍ଠିତ ହେଉଥିବା ଏହି କ୍ରୀଡା ଇଭେଣ୍ଟ ଷ୍ଟାଡ ଡି ଫ୍ରାନ୍ସରେ ସମାପିତ ହୋଇଛି ପ୍ରଥମେ ଟୁଲେରିସ୍ ଗାର୍ଡେନରେ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଜାହୋ ଡି ସଗାଜାନ ନିଜ ଟ୍ରୁପ୍ ସହିତ ଫ୍ରେଞ୍ଚ ସଙ୍ଗୀତ ପରିବେଷଣ କରିଥିଲେ ୪ଟି ଅଲିମ୍ପିକ୍ସ ସ୍ୱର୍ଣ୍ଣ ବିଜେତା ଫ୍ରାନ୍ସ ସନ୍ତରଣକାରୀ ଲିଓନ ମର୍ଚ୍ଚଣ୍ଡ ଟୁଲେରିସ୍ ଗାର୍ଡେନରୁ ଅଲିମ୍ପିକ୍ ଫ୍ଲେମ୍ ସହ ଷ୍ଟାଡ ଡି ଫ୍ରାନ୍ସ ଅଭିମୁଖେ ଯାତ୍ରା କରିଥିଲେ। ଫ୍ରାନ୍ସ ରାଷ୍ଟ୍ରପତି ଏମାନୁଏଲ ମ୍ୟାକ୍ରଁ ଓ ଅନ୍ତର୍ଜାତୀୟ ଅଲିମ୍ପିକ୍ସ କମିଟି (ଆଇଓସି) ମୁଖ୍ୟ ଥୋମାସ ବାକ୍ ମୁଖ୍ୟ ଅତିଥି ଭାବରେ ଉପସ୍ଥିତ ରହିଥିଲେ। ସ୍ଥାନୀୟ ଅର୍କେଷ୍ଟ୍ରା ଡିଭୋଟି ମେଣ୍ଟାଲ ପକ୍ଷରୁ ଏକ ଭାୟୋଲିନ୍ କାର୍ଯ୍ୟକ୍ରମ ସହିତ ସମସ୍ତ ଦଳର ପତାକା ବାହକ ମାନେ ଷ୍ଟାଡିୟମରେ ପ୍ରବେଶ କରିଥିଲେ ପ୍ରଥମେ ଗ୍ରୀସ୍ ଓ ରିଫ୍ୟୁଜି ଟିମ୍ ପ୍ରବେଶ କରିଥିଲେ। ପରେ ଅନ୍ୟ ସମସ୍ତ ଦେଶର ପତାକା ବାହକ ପ୍ରବେଶ କରିଥିଲେ। ଶେଷରେ ସମସ୍ତ ଦଳର ଆଥଲେଟ ମାନେ ଷ୍ଟାଡିୟମ ମଧ୍ୟକୁ ପ୍ରବେଶ କରିଥିଲେ ଶୁଟର ମନୁ ଭାକର ଓ ହକି ଖେଳାଳି ପି.ଆର. ଶ୍ରୀଜେଶ ଭାରତୀୟ ଦଳର ପତାକା ବାହକ ଦାୟିତ୍ୱ ନିର୍ବାହ କରିଥିଲେ।



Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ